୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.26 . No.65 Bhubaneswar Sunday April 14 2024 | ୨୬ତମ ବର୍ଷ ସଂଖ୍ୟା–୬୫ ଭୁବନେଶ୍ୱର, ରବିବାର, ଅପ୍ରେଲ ୧୪, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## ୯ ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା

## କଲା କଂଗ୍ରେସ, ବାଲେଶ୍ୱରରୁ ଲଢ଼ିବେ ଶ୍ରୀକାନ୍ତ





ଭୁବନେଶ୍ୱର,୧୩।୪(ପି.ଏନ): ରାଜ୍ୟର ଆଉ ୯ ଲୋକସଭା ଆସନ ପାଇଁ ଆଜି ପ୍ରାର୍ଥୀ ଘୋଷଣା କରିଛି କଂଗ୍ରେସ। ବାଲେଶ୍ୱରରୁ ଦଳ ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କୁ ଟିକେଟ୍ ଦେଇଥିବା ବେଳେ ଭଦ୍ରକରୁ ଲଢ଼ିବେ ଅନନ୍ତ ପ୍ରସାଦ ସେଠୀ। ସେହିପରି ଯାଜପୁରରୁ ଅଞ୍ଚଳ ଦାସଙ୍କୁ ଟିକେଟ ଦିଆଯାଇଥିବା ବେଳେ ଢେଙ୍କାନାଳରୁ ସସ୍ମିତା ବେହେରା, କେନ୍ଦ୍ରାପଡାରୁ ସିଦ୍ଧାର୍ଥ ସ୍ୱରୂପ ଦାସ, ଜଗତସିଂହପୁରରୁ ରବୀନ୍ଦ୍ର ସେଠୀ, କେନ୍ଦୁଝରରୁ ମୋହନ ହେମ୍ବ୍ରମ, ପୁରୀରୁ ସୁଚରିତା ମହାନ୍ତି ଓ ଭୁବନେଶ୍ୱରରୁ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କୁ ଦଳ କରିଛି ପ୍ରାର୍ଥୀ। ଏହା ସହିତ ଏଯାବତ ମୋଟ ୧୭ଟି ଲୋକସଭା ଆସନ ପାଇଁ ଦଳ ପ୍ରାର୍ଥୀ ଘୋଷଣା କରିଛି। ଆଉ ୪ଟି ଆସନ– ସମ୍ବଲପୁର, ଆସିକା, କଟକ ଓ ମୟୂରଭଞ୍ଜରେ ଦଳ ପ୍ରାର୍ଥୀ ଘୋଷଣା କରିବ। ଗତ ୨ ତାରିଖରେ ୮ଟି ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଥିଲା। ଦଳ ବରଗଡରୁ ସଂଜୟ ଭୋଇଙ୍କୁ ପ୍ରାର୍ଥୀ କରିଥିବା ବେଳେ ସୁନ୍ଦରଗଡରୁ ଜନାର୍ଦ୍ଦନ ଦେହୁରୀ, ବଲାଙ୍ଗିରରୁ ମନୋଜ ମିଶ୍ର, କଳାହାଣ୍ଡିରୁ ଦ୍ରୌପଦୀ ମାଝୀ, ନବରଙ୍ଗପୁରରୁ ଭୁଜବଳ ମାଝୀ, କନ୍ଧମାଳରୁ ଅମିର ଚାନ୍ଦ ନାୟକ, ବ୍ରହ୍ମପୁରରୁ ରଶ୍ମିରଂଜନ ପଟ୍ଟନାୟକ ଓ କୋରାପୁଟରୁ ସପ୍ତଗିରି ଉଲାକାଙ୍କ ନାଁ ଘୋଷଣା କରିଥିଲା। ବିଜେପି ଓ ବିଜେଡି ରାଜ୍ୟର ସମସ୍ତ ୨୧ଟି ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। ବାଲେଶ୍ୱରରେ ଶ୍ରୀକାନ୍ତ ଜେନାଙ୍କ ଲଢ଼େଇ ବିଜେପି ନେତା ତଥା ବର୍ତ୍ତମାନର ସାଂସଦ ପ୍ରତାପ ଷଡଙ୍ଗୀ ଓ ବିଜେଡି ପ୍ରାର୍ଥୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ସହିତ ହେବ। ୨୦୧୯ରେ କଂଗ୍ରେସ ଏହି ଆସନରୁ ଦଳର ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକଙ୍କ ପୁଅ ନବଜ୍ୟୋତି ପଟ୍ଟନାୟକଙ୍କୁ ପ୍ରାର୍ଥୀ କରିଥିଲା। ଶ୍ରୀକାନ୍ତ ଜେନା ବାଲେଶ୍ୱର ଲୋକସଭା ଆସନରୁ ୨୦୦୯ରେ ବିଜୟୀ ହୋଇଥିଲେ। ୨୦୧୪ରେ ସେ କଂଗ୍ରେସ ଟିକେଟରେ ଏଠାରୁ ପ୍ରାର୍ଥୀ ହୋଇ ପରାସ୍ତ ହୋଇଥିଲେ। ୧୯୯୬ରେ ଶ୍ରୀକାନ୍ତ କେନ୍ଦ୍ରାପଡା ଆସନରୁ ଜନତା ପାର୍ଟି ଟିକେଟରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ଭୁବନେଶ୍ୱର ଲୋକସଭା ଆସନରେ ବିଜେପିର ଅପରାଜିତା ଷଡଙ୍ଗୀ ଓ ବିଜେଡିର ମନ୍ମଥ ରାଉତରାୟଙ୍କ ସହିତ ଲଢ଼େଇ କରିବେ ୟାସିର ନୱାଜ।

## ନିର୍ବାଚନୀ ରାଲିରେ ସାମିଲ ହେଲେ ଶିକ୍ଷୟିତ୍ରୀ, ନିଲମ୍ବନ କଲେ ଜିଲ୍ଲା ନିର୍ବାଚନ ଅଧିକାରୀ



ବୌଦ୍ଧ,୧୩।୪(ପି.ଏନ): ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୈତିକ ଉଷ୍ମତା ସେତିକି ବୃଦ୍ଧି ପାଇବାରେ ଲାଗିଛି । ଗୋଟିଏ ପଟେ ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର କାର୍ଯ୍ୟ ଜାରି ରହିଥିବା ବେଳେ ଅନ୍ୟପଟେ ପ୍ରାର୍ଥୀ ତାଲିକା ପ୍ରକାଶ ସହ ଦଳ ବଦଳ ପ୍ରକ୍ରିୟା ଜାରି ରହିଛି । ଏଥିମଧ୍ୟରେ ନିର୍ବାଚନୀ ରାଲିରେ ସାମିଲ ହୋଇଥିବାରୁ ଜଣେ ଶିକ୍ଷୟିତ୍ରୀଙ୍କୁ ନିଲମ୍ବିତ କରାଯାଇଥିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । ବୌଦ୍ଧର ଦହ୍ୟା ନୋଡାଲ ଉଚ୍ଚ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ସଂଘମିତ୍ରା ମଲ୍ଲିକଙ୍କୁ ନିଲମ୍ବିତ କରାଯାଇଥିବା ଜଣାପଡିଛି । ଉକ୍ତ ଶିକ୍ଷୟିତ୍ରୀ ଜଣଙ୍କୁ ବୌଦ୍ଧ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ନିଲମ୍ବନ କରିଛନ୍ତି ।ସୂଚନା ଅନୁସାରେ, ଦୁଇ ଦିନ ତଳେ ବୌଦ୍ଧ ଜିଲ୍ଲା କଣ୍ଟାମାଲ ନିର୍ବାଚନ ମଣ୍ଡଳୀ ପଲଶପାଟ ଠାରୁ ଆମ୍ବଗାଁ ପର୍ଯ୍ୟନ୍ତ ଏକ ରାଜନୈତିକ ଦଳ ପକ୍ଷରୁ ବାଇକ୍ ରାଲି ହୋଇଥିଲା । ଏହି ରାଲିରେ ଦହ୍ୟା ନୋଡାଲ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସଂଘମିତ୍ରା ମଲ୍ଲିକ ଯୋଗଦେଇଥିଲେ । ଏନେଇ ତାଙ୍କ ବିରୋଧରେ ଅଭିଯୋଗ ହୋଇଥିଲା । ଏହା ପୂର୍ବରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ବାଚନ କମିଶନଙ୍କ ନିୟମ ଅନୁଯାୟୀ ସମସ୍ତ ସରକାରୀ କର୍ମଚାରୀମାନେ କୌଣସି ରାଜନୈତିକ କାର୍ଯ୍ୟକ୍ରମରେ ଯୋଗ ଦେଇ ପାରିବେ ନାହିଁ ବୋଲି ଚିଠି ଲେଖି ଉଲ୍ଲେଖ କରାଯାଇଥିଲା । ତେଣୁ ଏହି ନିୟମର ଉଲଂଘନ କରିଥିବାରୁ ଶିକ୍ଷୟିତ୍ରୀଙ୍କୁ ନିଲମ୍ବିତ କରାଯାଇଛି ।

## ବଦଳିଲା ମନୀଷ ତିୱାରୀଙ୍କ ଆସନ, ଚଣ୍ଡିଗଡରୁ ଟିକେଟ ଦେଲା କଂଗ୍ରେସ

ଭୁବନେଶ୍ୱର,୧୩।୪(ପି.ଏନ): ବଦଳିଲା ବରିଷ୍ଠ କଂଗ୍ରେସ ନେତା ମନୀଷ ତିୱାରୀଙ୍କ ଲୋକସଭା ଆସନ। ୨୦୧୯ରେ ସେ ପଞ୍ଜାବର ଆନନ୍ଦପୁର ସାହିବରୁ ଲୋକସଭା ନିର୍ବାଚନ ଜିତି ସଂସଦକୁ ଯାଇଥିଲେ। କିନ୍ତୁ ଦଳ ତାଙ୍କୁ ଏଥର ଚଣ୍ଡିଗଡ ଆସନରୁ ନିର୍ବାଚନ ଲଢ଼ିବାକୁ ଟିକେଟ ଦେଇଛି। ଏଠାରେ ତାଙ୍କର ଲଢ଼େଇ ବିଜେପିର ସଞ୍ଜୟ ଟଣ୍ଡନଙ୍କ ସହ ହେବ। ୨୦୧୯ରେ ବିଜେପି ଏଠାରେ ଅଭିନେତ୍ରୀ କିରଣ ଖେରଙ୍କୁ ଟିକେଟ ଦେଇଥିଲା। ସେ ମଧ୍ୟ ବିଜୟୀ ହୋଇଥିଲେ। କିନ୍ତୁ ଦଳ ଏଥର କିରଣଙ୍କ ସ୍ଥାନରେ ସଞ୍ଜୟଙ୍କୁ ଟିକେଟ ଦେଇଛି।

## ବିଜେଡ଼ି ଟିକେଟ୍ ପଛରେ ଖଣି ଲବି ! କୈଳାଶଙ୍କ ଅଭିଯୋଗ ପରେ ଚର୍ଚ୍ଚା



ଭୁବନେଶ୍ୱର,୧୩।୪(ପି.ଏନ): ଶାସକ ବିଜେଡିରେ କିଏ ହେବେ ପ୍ରାର୍ଥୀ ସେ ନିଷ୍ପତ୍ତି ନେଉଛନ୍ତି କି ଖଣି ମାଲିକ ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ କୈଳାଶ କୁଲେସିକାଙ୍କ ଅଭିଯୋଗ ପରେ ଗତ ଦୁଇ ଦିନ ହେଲା ସେ ଚର୍ଚ୍ଚା ଲାଗି ରହିଛି । ଯାହାକୁ ନେଇ ରାଜ୍ୟ ରାଜନୀତିରେ ହଇଚଇ ସୃଷ୍ଟି ହୋଇଛି ।କଂଗ୍ରେସରେ ଥିବା ବେଳେ ଲକ୍ଷ୍ମୀପୁରରେ ଥିବା କୋଡିଙ୍ଗାମାଳି ମାଇନ୍ସକୁ ଜୋରଦାର ବିରୋଧ କରିଥିଲେ କୈଳାଶ କୁଲେସିକା। ଆଉ ତାଙ୍କୁ ମ୍ୟାନେଜ କରିବାକୁ ଟିକେଟ ଥୋପ ଦେଇ ବିଜେଡି ତାଙ୍କୁ ଦଳରେ ସାମିଲ କରିଥିଲା। ତେଣୁ ବିଧାୟକ ହେବା ପରେ କୁଲେସିକା ପୁଣି ମାଇନ୍ସ ପାଇଁ କଣ୍ଟା ହେବାର ଆଶଙ୍କା କରି ତାଙ୍କ ଟିକେଟ କଟାଯାଇଥିବା ଚର୍ଚ୍ଚା ହେଉଛି। ଚର୍ଚ୍ଚା ଏୟା ମଧ୍ୟ ହେଉଛି ଯେ ସଂପୃକ୍ତ ଖଣି ସଂସ୍ଥାର ଲିଙ୍କ ତୃତୀୟ ମହଲା ସହ ଥିବା ବେଳେ ସ୍ଥାନୀୟ ବିଜେଡି ନେତା ଈଶ୍ୱର ପାଣିଗ୍ରାହୀ ଓ ଦଳ ସାଙ୍ଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସଙ୍କ ବ୍ୟବସାୟିକ ସଂପର୍କ ରହିଛି।

### କମିଶନରେଟ ପୋଲିସ ପଞ୍ଝାରେ ଆନ୍ତରାଜ୍ୟ ଲୁଟେରା ଗ୍ୟାଙ୍ଗ୍, ସୁନା ଗହଣା ଜବତ ସହ ୪ ଲୁଟେରା ଗିରଫ

ଭୁବନେଶ୍ୱର,୧୩।୪(ପି.ଏନ): କମିଶନରେଟ ପୋଲିସକୁ ମିଳିଛି ବଡ ସଫଳତା । ଆନ୍ତରାଜ୍ୟ ଲୁଟେରା ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି କମିଶନରେଟ ପୋଲିସ । ଏହି ଗ୍ୟାଙ୍ଗରେ ସାମିଲ ଥିବା ୪ ଜଣ ଲୁଟେରାଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୧ କେଜିରୁ ଉର୍ଦ୍ଧ୍ୱ ସୁନା ଗହଣା ଜବତ କରିଛି ପୋଲିସ । ଏହା ସହ ଦେଢ଼ କେଜି ରୂପା ଗହଣା ଏବଂ ୪ ଲକ୍ଷ ଟଙ୍କା ମଧ୍ୟ ଜବତ ହୋଇଛି ।

## କାଳିମେଳା ଓ ଖଇରପୁଟ ବ୍ଲକର ଶତାଧିକ ଗ୍ରାମବାସୀ ଗୋଷ୍ଠୀ ଜଙ୍ଗଲ ପଟ୍ଟା ପାଇଁ ଏକତ୍ରିତ



ମାଲକାନଗିରି,୧୩।୪(ପି.ଏନ): ଜିଲ୍ଲାର କାଳିମେଳା ଏବଂ ଖଇରପୁଟ ବ୍ଲକର ଶତାଧିକ ରାଜସ୍ୱ ଗ୍ରାମର ଗ୍ରାମବାସୀ ଏକତ୍ରିତ ହୋଇ ନିଜର ହକ୍ ଗୋଷ୍ଠୀ ଜଂଗଲ ପଟ୍ଟା ପାଇଁ ଦାବି କରିଛନ୍ତି ।ବର୍ଷବର୍ଷ ଧରି ଏହି ଜନଜାତି ନିଜ ଅଂଚଳର ଜଂଗଲକୁ ସୁରକ୍ଷା ଦେବା ସହ ବନ୍ୟଜନ୍ତୁଙ୍କର ମଧ୍ୟ ସୁରକ୍ଷା ଦେଇ ଆସୁଛନ୍ତି। ଏହି ଜଂଗଲ ହେଉଛି ସେମାନଙ୍କର ମା' ସଦୃଶ୍ୟ ।ଏହାଦ୍ୱାରା ସେମାନେ ନିଜର ଜୀବନଜୀବିକା ମଧ୍ୟ ଚଳାଉଛନ୍ତି। ତେଣୁ ୨୦୧୯ ମସିହାରେ ଜଂଗଲ ଅଧିକାର ସ୍ୱୀକୃତି ଆଇନ–୨୦୦୬ ଏବଂ ଜଂଗଲ ଅଧିକର ସ୍ୱୀକୃତ ସଂଶୋଧିତ ଆଇନ –୨୦୧୨ ଅନୁଯାୟୀ ଗୋଷ୍ଠୀ ଜଂଗଲ ଜମିର ପଟ୍ଟା ପାଇଁ ଆବେଦନ କରିଥିଲେ। ଉପଖଣ୍ଡସ୍ତରୀୟ ଜଂଗଲ ଅଧିକାର ପ୍ରକୋଷ୍ଠରେ ଏହି ଆଦିବାସୀମାନେ ଲଗାତାର ସିରୋନାମ ବା ପଟ୍ଟା ପାଇଁ ଦାବି କରିଆସୁଥିଲେ। ତେବେ ଜିଲ୍ଲାସ୍ତରୀୟ ଜଂଗଲ ଅଧିକାର ଆଇନ କମିଟିର ଅଧକ୍ଷ ଜଂଗଲ ଅଧିକାର କରିଥିବା ଜନଜାତି ଏବଂ ଗ୍ରାମବାସୀଙ୍କୁ ପଟ୍ଟା ପ୍ରଦାନ କରିଛନ୍ତି। ଏହାକୁ ପାଇବା ପାଇଁ ସମସ୍ତ ଗ୍ରାମବାସୀ ଏକତ୍ର ହୋଇ ଜିଲ୍ଲାପାଳଙ୍କୁ ଭେଟିଥିଲେ। ଜିଲ୍ଲାପାଳ ତୁରନ୍ତ ଏହି କମିଟିର ଅଧକ୍ଷ ଡିଡବ୍ଲୁଓଙ୍କୁ ଏହାର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।ଏଥିସହ ସ୍ଥାନୀୟ ତହସିଲଦାରଙ୍କୁ ପଟ୍ଟା ପ୍ରଦାନ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ ବୋଲି ଜଣାପଡିଛି ।କାଳିମେଳା ଓ ଖଇରପୁଟ ବ୍ଲକର ବିଭିନ୍ନ ପଞ୍ଚାୟତର ରାଜସ୍ୱ ଗ୍ରାମର ଲୋକେ ଦୀର୍ଘ ଦିନ ଧରି ଜଂଗଲର ସୁରକ୍ଷା କରିଆସୁଥିଲେ ମଧ୍ୟ ଗୋଷ୍ଠୀ ଜଂଗଲ ପଟ୍ଟା ପ୍ରଦାନ କରାଯାଉନଥିଲା। ଜଂଗଲ ଅଧିକାର ଆଇନ ବଳରେ ସେମାନେ ଏହି ପଟ୍ଟାକୁ ହାସଲ କରିଥିବାରୁ ଖୁସି ଜାହିର କରିଥିଲେ। ତେବେ ଏହି ପଟ୍ଟା ପାଇବା ପରେ ସେମାନେ ଜଂଗଲର ପରିସୀମା ଜାଣିବା ସହ ଜଂଗଲକୁ ଆହୁରି ବଢାଇବା ସହ ଜଂଗଲି ଜନ୍ତୁର ମଧ୍ୟ ସୁରକ୍ଷା ବଢାଇବେ। ତେଣୁ ଜିଲ୍ଲାର ଅନ୍ୟ ବ୍ଲକର ଜନଜାତି ମଧ୍ୟ ଏହି ନିୟମ ବଳରେ ନିଜ ନିଜ ଅଂଚଳର ଜଂଗଲକୁ ସୁରକ୍ଷା ଯୋଗାଉଥିବାରୁ ଜଂଗଲ ପଟ୍ଟା ହାସଲ କରିପାରିବେ ବୋଲି କୁହାଯାଇଛି।

### ଅଭିନନ୍ଦନ

ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ଆମର ଅଗଣିତ ପାଠକ–ପାଠିକା, ବିଜ୍ଞାପନଦାତା, ବିତରକ ଓ ଶୁଭେଚ୍ଛୁଙ୍କୁ 'ପର୍ଯ୍ୟବେକ୍ଷକ'ର ହାର୍ଦ୍ଦିକ ଅଭିନନ୍ଦନ। **–ସମ୍ପାଦକ**

### ଛୁଟି ଘୋଷଣା

ପବିତ୍ର ମହାବିଷୁବ ସଂକ୍ରାନ୍ତ ଉପଲକ୍ଷେ 'ପର୍ଯ୍ୟବେକ୍ଷକ' କାର୍ଯ୍ୟାଳୟ ଅପ୍ରେଲ ୧୪ ତାରିଖ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୧୬ ତାରିଖରେ ପ୍ରକାଶ ପାଇବ ।

**–ପ୍ରକାଶକ**

## ୩ ଜଣ ଆଇଏଏସ୍ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ: ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି

ଭୁବନେଶ୍ୱର,୧୩।୪(ପି.ଏନ): ୩ ଜଣ ସର୍ବଭାରତୀୟ ପ୍ରଶାସନିକ ସେବା (ଆଇଏଏସ) ଅଧିକାରୀଙ୍କୁ ରାଜ୍ୟ ସରକାର ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି । ପାନୀୟ ଜଳ ଓ ପରିମଳ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଡାଇରେକ୍ଟର ତଥା ଅତିରିକ୍ତ ସଚିବ ବିନୀତ ଭରଦ୍ୱାଜଙ୍କୁ ଓଡିଶା ଜୀବିକା ଭୁବନେଶ୍ୱର, ଭୁବନେଶ୍ୱରର ରାଜ୍ୟ ମିଶନ ଡାଇରେକ୍ଟର ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି ।ସେହିପରି ଓମଫେଡର ପରିଚାଳନା ନିର୍ଦ୍ଦେଶକ (ଏମଡି) ବିଜୟ ଅମୃତା କୁଲାଙ୍ଗେଙ୍କୁ ଶ୍ରମ କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ଓଡିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା)ର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ପାରୁଲ ପଟୱାରୀ 'ମୋ ସ୍କୁଲ'ର ସଦସ୍ୟ ସଚିବ ଭାବେ ଅତିରିକ୍ତ ଦାୟିତ୍ୱରେ ରହିବେ । ଏନେଇ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ଜନ ଅଭିଯୋଗ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି । ସୂଚନା ଯୋଗ୍ୟ ଯେ, ଗତ ଜାନୁଆରୀ ୨୨ରେ ରାଜ୍ୟ




## ଅକଳରେ ବିଜେଡି: ହାତରେ ନାହିଁ ପ୍ରସଙ୍ଗ, କ'ଣ କହି ଲୋକଙ୍କୁ ମାଗିବ ଭୋଟ୍



ଭୁବନେଶ୍ୱର,୧୩।୪(ପି.ଏନ): ରାଜ୍ୟରେ ଦୀର୍ଘ ୨୪ବର୍ଷ ଧରି କ୍ଷମତାସୀନ ବିଜେଡି ଏବେ ଅକଳରେ । ନିର୍ବାଚନୀ ଇସ୍ତାହାରରେ ପ୍ରତିଶ୍ରୁତି ଦେଇ ତାକୁ ପରବର୍ତ୍ତୀ ସମୟରେ ଭୁଲିଯାଇଥିବା ବିଜେଡି ଚଳିତ ସାଧାରଣ ନିର୍ବାଚନରେ କେଉଁ ପ୍ରସଙ୍ଗ ନେଇ ଲୋକଙ୍କ ପାଖକୁ ଯିବ ଓ କ'ଣ କହି ଭୋଟ୍ ମାଗିବ ତାହା ଏବେ ଦଳର ରଣନୀତିକାରଙ୍କୁ ଚିନ୍ତାରେ ପକାଇଛି । କେନ୍ଦ୍ରୀୟ ଅବହେଳା, ମହାନଦୀ–ପୋଲାଭରମ, ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା, ଧାନର ଏମଏସପି, ମହିଳାଙ୍କୁ ସଂରକ୍ଷଣ ଓ ଓଡିଆ ଅସ୍ମିତା ଆଦିକୁ ୨୦୦୯ରୁ ୨୦୧୯ ମସିହା ପର୍ଯ୍ୟନ୍ତ ୩ଟି ସାଧାରଣ ନିର୍ବାଚନରେ ଲୋକଙ୍କଠୁ ଭୋଟ୍ ଭିକ୍ଷା କରି ଆସିଥିବା ବିଜେଡି ପାଇଁ ଏସବୁ ଏବେ ପ୍ରସଙ୍ଗବିହୀନ ହୋଇଯାଇଛି । ଆଉ ଏପଟେ ଆଜି ବିଜେଡିର ନିର୍ବାଚନୀ ଇସ୍ତାହାର କମିଟିର ପ୍ରଥମ ବୈଠକ କେବଳ ଧର୍ମକୁ ଆଖିଠାର ମାରିବା ଭଳି ହୋଇଛି । ୨୦୨୪ ସାଧାରଣ ନିର୍ବାଚନରେ ବିଜେଡି ନିଜର ନିର୍ବାଚନୀ ଇସ୍ତାହାରରେ କେଉଁସବୁ ପ୍ରସଙ୍ଗକୁ ସ୍ଥାନିତ କରିବ ତାହା ଚୂଡାନ୍ତ କରିବା ପାଇଁ ୩୮ ଜଣିଆ ଇସ୍ତାହାର କମିଟି ଗଠନ କରିଛି । କମିଟିର ପ୍ରଥମ ବୈଠକ ଆଜି ଅନୁଷ୍ଠିତ ହୋଇଥିଲା । ମାତ୍ର ଇସ୍ତାହାର କମିଟି ଅଧକ୍ଷ ଓ ଆବାହକ, ଅଧିକାଂଶ ସହଅଧକ୍ଷଙ୍କଠୁ ଆରମ୍ଭ କରି ବହୁ ବରିଷ୍ଠ ଓ ଅଭିଜ୍ଞ ସଦସ୍ୟ ଅନୁପସ୍ଥିତ ଥିଲେ । ଆଂଚଳିକ ଦଳ ଭାବେ ବିଜେଡି ନିଜର ମୂଳ ଏଜେଣ୍ଡାରୁ ଓହରିଯାଇଥିବାରୁ ଆଗାମୀ ନିର୍ବାଚନରେ କେଉଁ ପ୍ରସଙ୍ଗରେ ଲୋକଙ୍କଠୁ ଭୋଟ୍ ମାଗିବ ତାହା ଅଧିକାଂଶ ସଦସ୍ୟଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ବିଶେଷକରି ଆଂଚଳିକ ପ୍ରସଙ୍ଗକୁ ସର୍ବାଧିକ ଗୁରୁତ୍ୱ ଦେଇ ବିଜେଡି ଆଜି ପର୍ଯ୍ୟନ୍ତ ନିଜର ନିର୍ବାଚନୀ ବୈତରଣୀ ପାର ହୋଇ ଆସିଥିଲା । ମାତ୍ର ୨୦୧୯ ସାଧାରଣ ନିର୍ବାଚନ ପରଠୁ ବିଜେଡି ନିଜର ରଣନୀତିରେ ପରିବର୍ତ୍ତନ କରି ବିଗତ ବର୍ଷଗୁଡିକରେ ଯେଉଁସବୁ ପ୍ରସଙ୍ଗକୁ ନିର୍ବାଚନରେ ମୁଖ୍ୟ ଏଜେଣ୍ଡା କରିଥିଲା ତାକୁ ଏବେ ସମ୍ପୂର୍ଣ୍ଣ ଭୁଲିଯାଇଛି ।










# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। ‘ବିବି ହୋ ଐସି’ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ ‘ବଜରଙ୍ଗୀ ଭାଇଜାନ୍’ ଓ ‘ପ୍ରେମରତନ ଧନ ପାୟୋ’ ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଇଁଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା ‘ବିଶ୍ୱକର୍ମା’

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କଡ଼୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିନ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନୀୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜେଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା’ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଳଭି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ “ଦି ଇଣ୍ଟରଭ୍ୟୁ ଟାଇମ୍ସ” ପରିବାର ତରଫରୁ ସମ୍ମାନଜନକ “ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି” ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସ୍ୱତନ୍ତ୍ର ସଂଖ୍ୟା “ଭିଜନ୍ ଅଫ୍ ଓଡ଼ିଶା-୨୦୧୯” ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିକ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# କିର୍ତ୍ତେଶ୍ୱରୀ ବିମଳା ଭୁବନେଶ୍ୱରୀ ଶକ୍ତିପୀଠ, ପଶ୍ଚିମବଙ୍ଗ

ଦେବୀ ଭାଗବତ ପୁରାଣରେ ୧୦୮, କାଳିକା ପୁରାଣରେ ୨୬, ଶିବଚରିତରେ ୫୧, ଦୁର୍ଗାଶପ୍ତସତୀ ଏବଂ ତନ୍ତ୍ର ଚୂଡ଼ାମଣିରେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠ ଗୁଡ଼ିକର ସଂଖ୍ୟା ୫୨ ବୋଲି କୁହାଯାଇଛି। ମାତ୍ର ଶକ୍ତିପୀଠ ସଂଖ୍ୟା ୫୧ ଟି ବୋଲି କେତେକ ମତ ଦିଅନ୍ତି। ତେବେ ତନ୍ତ୍ର ଚୂଡ଼ାମଣିରେ ୫୨ ଟି ଶକ୍ତିପୀଠ ସଂପର୍କରେ କୁହାଯାଇଛି। ତେବେ ମାତା ସତୀଙ୍କ ୫୧ଟି ଶକ୍ତିପୀଠ ମାନଙ୍କ ମଧ୍ୟରେ "କିରୀଟ ବିମଳା ଭୁବନେଶ୍ୱରୀ ଶକ୍ତିପୀଠ" ଅନ୍ୟତମ। ଏହି ଶକ୍ତିପୀଠ ହିନ୍ଦୁମାନଙ୍କର ପ୍ରମୁଖ ଧାର୍ମିକ ସ୍ଥଳ ଭାବେ ବେଶ୍ ପରିଚିତ। ଏହି ଶକ୍ତିପୀଠ ସାରା ଭାରତରେ ବିଖ୍ୟାତ।



**କିପରି ସୃଷ୍ଟି ହେଲା ଏହି ଶକ୍ତିପୀଠ:** ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଣ୍ଡ ସରଂଚନା ପାଇଁ ଭଗବାନ ବ୍ରହ୍ମା, ଭଗବାନ ମହାଦେବ ଓ ଭଗବାନ ବିଷ୍ଣୁ ତାଙ୍କର ତଥା କଥିତ ମାତା ଆଦିଶକ୍ତିଙ୍କୁ ସନ୍ତୁଷ୍ଟି ପାଇଁ ଏକ ଯଜ୍ଞର ଆୟୋଜନ କଲେ। ମା'ଶକ୍ତି ମଧ୍ୟ ଏଥିରେ ବ୍ରହ୍ମାଙ୍କୁ ସହଯୋଗ ଦେଲେ। ତେବେ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା' ଶକ୍ତିଙ୍କୁ ନିଜର ଝିଅ ରୂପରେ ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ। ଶେଷରେ ମା'ଶକ୍ତି ମାନବ ରୂପରେ ଜନ୍ମ ନେଲେ। ଏହା ପଛରେ ବ୍ରହ୍ମାଙ୍କର ଉଦ୍ଦେଶ୍ୟ ଥିଲା ଯେ, ଭଗବାନ ଶିବଙ୍କ ସହ ଶକ୍ତିଙ୍କର ମିଶ୍ରଣ କରାଇ ସୃଷ୍ଟି ସଂରଚନା କରିବା ପାଇଁ। ସେଥିପାଇଁ ସେ ତାଙ୍କର ନାମକରଣ କରିଥିଲେ ସତୀ। ମାତ୍ର କୌଣସି ପ୍ରକାର ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଏହା ଜାଣିପାରି ଦକ୍ଷଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ମୁନିମଣ୍ଡଳ ଠାରେ ଏକ ଯଜ୍ଞର ଆୟୋଜନ କଲେ। ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ଏଥିରେ ନିଜକୁ ଅପମାନିତ ବୋଧ କରି ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚି ଯାହା ଦେଖିଲେ ଆଖିକୁ ବିଶ୍ୱାସ କଲେ ନାହିଁ। ବାପା ଦକ୍ଷ କିଛି ଆଦର ଗଉର ନକରି ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶଦ୍ଦ ସବୁ ଶୁଣାଇଲେ। ସେହିକ୍ଷଣି ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଞ୍ଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଏହାଦ୍ୱାରା ସାରା ବ୍ରହ୍ମାଣ୍ଡ ପ୍ରକମ୍ପିତ ହୋଇ ଉଠିଲା। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଦେବ ଦେବୀ ମାନେ ଏହାର ସମାଧାନ ବା ଭଗବାନ ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ଭଗବାନ ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମରଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଭଗବାନ ଶିବ ଶାନ୍ତ ହେବେ ନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସାଭିମୁଖିରୁ ବର୍ତ୍ତିବ ନାହିଁ। ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଭଗବାନ ଶିବ ଧରିଥିବା ମାତା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ।



କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପ-ମହାଦେଶର ଅନେକ ସ୍ଥାନରେ ବିଞ୍ଚିହୋଇ ପଡ଼ିଲା। ଦୁଃଖରେ ମ୍ରିୟମାଣ ଭଗବାନ ଶିବ ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ। ଏଥିରେ ସହାୟତା କଲେ ଭଗବାନ ଭୈରବ। ସର୍ବଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସମେତ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। ଶକ୍ତିପୀଠଗୁଡ଼ିକ ମଧ୍ୟରେ "କିରୀଟ (କିର୍ତ୍ତେଶ୍ୱରୀ) ବିମଳା ଭୁବନେଶ୍ୱରୀ ଶକ୍ତିପୀଠ"ଅନ୍ୟତମ। ଏହା ପଶ୍ଚିମବଙ୍ଗ ରାଜ୍ୟ ଅନ୍ତର୍ଗତ ମୁର୍ଷିଦାବାଦ ଜିଲ୍ଲାର କିରୀଟକୋଣ ଗ୍ରାମରେ ଅବସ୍ଥିତ। ଏଠାରେ ମାତା ସତୀଙ୍କର ମୁକୁଟ ଖଣ୍ଡ ପଡ଼ିଥିଲା। ଏଠାରେ ମାତା ଶକ୍ତିଙ୍କୁ 'ଭୁବନେଶ୍ୱରୀ' ଓ ଭଗବାନ ଶିବଙ୍କୁ 'ସଂବର୍ତ୍ତ'ରୂପରେ ପୂଜା କରା ଯାଇଥାଏଏ।

ଏହି ଶକ୍ତିପୀଠରେ ବର୍ଷ ସାରା ବିଭିନ୍ନ ପର୍ବ ପର୍ବାଣୀ ଧୂମଧାମ୍‌ରେ ପାଳିତ ହୋଇଥାଏ। ବିଶେଷତଃ ଦୁର୍ଗା ପୂଜା ଓ ପବିତ୍ର ନବରାତ୍ର ଉତ୍ସବ ଏଠାରେ ଧୂମଧାମରେ ପାଳନ କରାଯାଏ। ମନ୍ଦିରର ଆଧ୍ୟାତ୍ମିକ ପରିବେଶ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ମନ, ପ୍ରାଣ ଓ ହୃଦୟ କୁ ଶାନ୍ତି ପ୍ରଦାନ କରିଥାଏ। ବର୍ଷର ସବୁ ସମୟରେ ମାତାଙ୍କର ଏହି ଶକ୍ତିପୀଠରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ଦେବୀଙ୍କର ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମାତାଙ୍କୁ ପୂଜା କରିବାକୁ ଏଠାକୁ ଆସିଥାନ୍ତି। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ ଓ ମନୋରମ।




**କେମିତି ଯିବେ:**–ହାଓଡ଼ା ରେଳ ଷ୍ଟେଷନ୍ ଠାରୁ ୨.୫ କିମି ଯିବା ପରେ ଲାଲବାଗ୍ କୋଟ ଷ୍ଟେଷନ ପଡ଼ିବ ଓ ସେଠାରୁ ୫ କିଲୋମିଟର ଦୂରରେ ହିଁ "କିରୀଟ ବିମଳା ଭୁବନେଶ୍ୱରୀ ଶକ୍ତିପୀଠ" ଅବସ୍ଥିତ। ଏହି ଶକ୍ତିପୀଠ କୋଲକତା ମହାନଗରୀ ଭିତରେ ହିଁ ଅବସ୍ଥିତ।



# ବିପର୍ଯ୍ୟୟ ମୁହାଁ ପୃଥିବୀ

୧୨୨ ବର୍ଷ ପରେ ଚଳିତ ବର୍ଷ ମାର୍ଚ୍ଚ ମାସରେ ଗ୍ରୀଷ୍ମ ପ୍ରବାହ ରେକର୍ଡ ଭଙ୍ଗ କରିଥିବାବେଳେ ଏପ୍ରିଲ ମାସରେ ଅସହ୍ୟ ହୋଇପଡିଥିଲା। ଆମ ରାଜ୍ୟରେ ୨୨ ସହରର ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିଥିବାବେଳେ ୯ଟି ସ୍ଥାନରେ ତାପମାତ୍ରା ୪୩ ଡିଗ୍ରୀ ଟପିଛି। କେବଳ ଏତିକି ନୁହେଁ, ଆଗକୁ ରୌଦ୍ରତାପ ଆହୁରି ଦୁଇରୁ ତିନି ଡିଗ୍ରୀ ବଢିବା ନେଇ ପାଣିପାଗ ବିଭାଗ ସତର୍କ ସୂଚନା ଦେଇଥିଲା। ତେବେ ଏହି ଅସ୍ୱାଭାବିକ ତାପମାତ୍ରା ବୃଦ୍ଧି ବିଶ୍ୱ ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ତାପମାତ୍ରା ବୃଦ୍ଧିର କାରଣ ବୋଲି କୁହାଯାଏ। ତେବେ ବିଶ୍ୱ ଜଳବାୟୁ ପରିବର୍ତ୍ତନ ନେଇ ସଦ୍ୟ ପ୍ରକାଶିତ ଜାତିସଂଘ ରିପୋର୍ଟରେ ଯାହା କୁହାଯାଇଛି, ତାହା ଯେତିକି ଚିନ୍ତାଜନକ, ସେତିକି ଉଦ୍‌ବେଗଜନକ। ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଗ୍ରୀଷ୍ମପ୍ରବାହ ବଢିବା ସହ ପ୍ରାକୃତିକ ବିପର୍ଯ୍ୟୟ ବୃଦ୍ଧି ପାଇବ ବୋଲି ରିପୋର୍ଟରେ କୁହାଯାଇଛି। ୨୦୩୦ ସୁଦ୍ଧା ବର୍ଷକୁ ଅତି କମରେ ୫୬୦ଟି ପ୍ରାକୃତିକ ବିପର୍ଯ୍ୟୟ ଘଟିବ। ଏହାଦ୍ୱାରା ମାନବ ସମାଜର ଉଭୟ ଜୀବନ-ଜୀବିକା ଗୁରୁତର ଭାବେ ପ୍ରଭାବିତ ହେବ। ଉଲ୍ଲେଖଯୋଗ୍ୟ ୨୦୧୫ ମସିହାରେ ବିଶ୍ୱ ସର୍ବାଧିକ ୪୦୦ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ବେଳେ ୧୯୭୦ରୁ ୨୦୦୦ ମସିହା ମଧ୍ୟରେ ବିଶ୍ୱରେ ପ୍ରତିବର୍ଷ ୯୦ରୁ ୧୦୦ଟି ପ୍ରାକୃତିକ ବିପର୍ଯ୍ୟୟ ଘଟିଥିଲା। ଜଳବାୟୁ ପରିବର୍ତ୍ତନ ଦ୍ୱାରା ଅସହ୍ୟ ଗ୍ରୀଷ୍ମ ପ୍ରବାହ, ଅନାବୃଷ୍ଟି, ଅତିବୃଷ୍ଟି, ସାମୁଦ୍ରିକ ଝଡ ବାତ୍ୟା ସଂଖ୍ୟା ମଧ ପ୍ରତିବର୍ଷ ବଢିବାରେ ଲାଗିଛି। ଏ ନେଇ ଆମ ରାଜ୍ୟ ଗତ ଦୁଇ ଦଶନ୍ଧି ମଧ୍ୟରେ ସମ୍ମୁଖୀନ ହୋଇଥିବା ସାମୁଦ୍ରିକ ଝଡ ବାତ୍ୟାର ଉଦାହରଣ ଦେଲେ ଯଥେଷ୍ଟ ହେବ। କହିବା ବାହୁଲ୍ୟ ଯେ, ୧୯୯୯ ମସିହାରେ ଓଡିଶା ମହାବାତ୍ୟାର ସମ୍ମୁଖୀନ ହୋଇଥିବାବେଳେ ଏହାର ୧୨ବର୍ଷ ପରେ ଅର୍ଥାତ ୨୦୧୨ରେ ଫାଇଲିନ ପରି ବାତ୍ୟାରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ସେହିବର୍ଷଠାରୁ ପ୍ରତିବର୍ଷ ରାଜ୍ୟରେ ସାମୁଦ୍ରିକ ଝଡ ବିପର୍ଯ୍ୟୟର କାରଣ ହୋଇଥିବାବେଳେ ଏବେ ୨୦୧୮ ମସିହାରୁ ପ୍ରତିବର୍ଷ ଗ୍ରୀଷ୍ମଋତୁରେ ମଧ ସାମୁଦ୍ରିକ ବାତ୍ୟା ଦ୍ୱାରା ରାଜ୍ୟର ଉପକୂଳ ଅଂଚଳ କ୍ଷତିଗ୍ରସ୍ତ ହେଉଛି। କେବଳ ଆମ ରାଜ୍ୟ ନୁହେଁ, ପଶ୍ଚିମ ଉପକୂଳ ଅଂଚଳରେ ମଧ ବର୍ଷା ଓ ଗ୍ରୀଷ୍ମଋତୁରେ ସାମୁଦ୍ରିକ ଝଡବାତ୍ୟା ସଂଘଟିତ ହେଉଛି। ସେହିପରି ବିଶ୍ୱର ସମସ୍ତ ମହାଦେଶ ଏବଂ ସମୁଦ୍ର କୂଳରେ ଅବସ୍ଥିତ ଦେଶଗୁଡିକରେ ପ୍ରତିବର୍ଷ ଝଡବାତ୍ୟା ସୃଷ୍ଟି ହେଉଛି। ଯାହାର ସଂଖ୍ୟା ବର୍ଷକୁ ବର୍ଷ ବଢିଚାଲିଛି। ସେହିପରି ଗ୍ରୀଷ୍ମପ୍ରବାହ ଯୋଗୁଁ ୧୯୯୮ର ଅଂଶୁଘାତ ମୃତ୍ୟୁ ଏ ପର୍ଯ୍ୟନ୍ତ ମନରୁ ଲିଭିନାହିଁ। ସେହିପରି ଜଳବାୟୁ ପରିବର୍ତ୍ତନ ଯୋଗୁଁ ଗ୍ରୀଷ୍ମପ୍ରବାହ ମଧ କିଛି କମ୍ ନୁହେଁ। ଅଷ୍ଟ୍ରେଲିଆ, ୟୁରୋପ ମହାଦେଶରେ ଅଭୂତପୂର୍ବ ଗ୍ରୀଷ୍ମ ପ୍ରବାହ ହେଉଛି ଏହାର ଜ୍ୱଳନ୍ତ ଉଦାହରଣ। ଅନ୍ୟପକ୍ଷରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଦୁଇ ମେରୁରେ ବରଫ ତରଳିବା ସହ ସମୁଦ୍ର ଜଳ ପତନ ବଢିବାରେ ଲାଗିଛି। ଗତ କିଛିବର୍ଷ ମଧ୍ୟରେ ସମୁଦ୍ର ଜଳପତନ ବୃଦ୍ଧି ପାଉଥିବାବେଳେ ଆଗକୁ ଆହୁରି ବଢିବ ବୋଲି ପାଣିପାଗ ବିଶାରଦମାନେ ଚେତାବନୀ ଦେଇଛନ୍ତି। ଆହୁରି ମଧ ସମୁଦ୍ର ଜଳପତନ ବୃଦ୍ଧି ଯୋଗୁଁ ଭାରତ ସମେତ ବିଶ୍ୱର ବହୁ ଉପକୂଳ ଅଂଚଳ ସମୁଦ୍ର ଗର୍ଭରେ ଲୀନ ହୋଇଯିବ ବୋଲି ବୈଜ୍ଞାନିକମାନେ ସତର୍କବାଣୀ ଶୁଣାଇ ସାରିଲେଣି। ଅନ୍ୟପକ୍ଷରେ ସମୁଦ୍ରରେ ଏବେ ଉଚ୍ଚ ଢେଉ ସୃଷ୍ଟି ହେବା କୂଳ ଲଂଘନ କରୁଥିବା ମଧ ଦେଖାଯାଏ। ଅନ୍ୟପକ୍ଷରେ ବିଶ୍ୱ ଜଳବାୟୁ ପରିବର୍ତ୍ତନ ଓ ତାପମାତ୍ରା ବୃଦ୍ଧି ଯୋଗୁଁ ଯେଉଁ ଯେଉଁ ଚିନ୍ତାଜନକ ପରିସ୍ଥିତି ଉପୁଜିଛି, ତାହା ହେଉଛି ହିମାଳୟରେ ବରଫ ତରଳିବା। କୁହାଯାଇଛି ଯେ, ହିମାଳୟରେ ବରଫ ତରଳିବା ଯୋଗୁଁ ୪୦ ପ୍ରତିଶତ କ୍ଷୟ ଘଟି ସାରିଲାଣି। ଦୁଇବର୍ଷ ତଳେ ହିମାଳୟରେ ବରଫ ଖଣ୍ଡ ତରଳି ଅଚାନକ ବନ୍ୟା ପରିସ୍ଥିତି ଉପୁଜିଥିଲା, ଯେଉଁଥିରେ ବ୍ୟାପକ ଧନଜୀବନ କ୍ଷତି ଘଟିଥିଲା। ଆହୁରି ମଧ ବରଫ ଖଣ୍ଡ (ଗ୍ଲେସିୟର) ତରଳି ପେଙ୍ଗାଙ୍ଗ ହ୍ରଦ ପାଣିରେ ଲଦାଖ ଭୂଖଣ୍ଡ ଦିନେ ପାଣିରେ ବୁଡିବ ବୋଲି ପାଣିପାଗ ବିଶେଷଜ୍ଞମାନେ ସତର୍କ କରାଇ ସାରିଲେଣି। ଏବେ ବରଫ ଖଣ୍ଡ ତରଳିବା ଯୋଗୁଁ ପ୍ରତିବର୍ଷ ପେଙ୍ଗାଙ୍ଗ ହ୍ରଦର ଜଳପତନ ବୃଦ୍ଧି ପାଇବାରେ ଲାଗିଛି। ଗବେଷକମାନଙ୍କ ରିପୋର୍ଟ ଅନୁଯାୟୀ ୧୯୯୦ରୁ ୨୦୨୦ ମସିହା ମଧ୍ୟରେ ୬.୭ ପ୍ରତିଶତ ଗ୍ଲେସିୟର ତରଳିଛି। ପ୍ରତିବର୍ଷ ୦.୨୩ ପ୍ରତିଶିତ ଗ୍ଲେସିୟର ତରଳୁଛି। ଜଳବାୟୁରେ ଅଙ୍ଗାରକାମ୍ଳ ମାତ୍ରା ବୃଦ୍ଧି ପାଇବା ଯୋଗୁଁ ବାୟୁମଣ୍ଡଳ ଉତପ୍ତ ହେବା ପ୍ରାକୃତିକ ବିପର୍ଯ୍ୟୟର କାରଣ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଶିଳ୍ପବିକାଶ, ବନାଗ୍ନି, ଆଖିବୁଜା ଗଛକଟା, ଯାନବାହାନରୁ ନିର୍ଗତ ଧୂଆଁ ଯୋଗୁଁ ୧୭୫୦ ମସିହାଠାରୁ ବିଶ୍ୱରେ ଅଙ୍ଗାରକାମ୍ଳ ଗ୍ୟାସ ବୃଦ୍ଧି ପାଇଥିବାବେଳେ ୧୯୭୦ ମସିହା ପରଠାରୁ ବିଶ୍ୱ ତାପମାତ୍ରା ବୃଦ୍ଧି ପରିଲକ୍ଷିତ ହୋଇଛି। ଗତ ୫୦ବର୍ଷ ମଧ୍ୟରେ ବିଶ୍ୱ ତାପମାତ୍ରା ଯେତିକି ବୃଦ୍ଧି ପାଇଛି, ଗତ ଦୁଇ ହଜାର ବର୍ଷ ମଧ୍ୟରେ ସେତିକି ବୃଦ୍ଧି ପାଇନଥିଲା। ବିଶ୍ୱ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଏବଂ ତାପମାତ୍ରା ବୃଦ୍ଧି କେବଳ ପ୍ରାକୃତିକ ବିପର୍ଯ୍ୟୟର କାରଣ ହୋଇନାହିଁ, ଏହାଦ୍ୱାରା ବିଶ୍ୱରେ ଆର୍ଥିକ ମାନ୍ଦାବସ୍ଥା, ଶସ୍ୟହାନୀ, ଖାଦ୍ୟାଭାବ, ଜଳାଭାବ ଏବଂ କୋରୋନା ପରି ମହାମାରୀ ପରିସ୍ଥିତିରେ ସମ୍ମୁଖୀନ ହେବା ନିଶ୍ଚିତ ବୋଲି ଜାତିସଂଘ ରିପୋର୍ଟରେ ଉଲ୍ଲେଖ କରିଛି। ଏହା ସତ୍ୟ ଯେ, ପ୍ରକୃତି ଉପରେ ମଣିଷର ଅତ୍ୟାଚାର ଯେତିକି ଯେତିକି ବଢୁଛି, ପ୍ରକୃତିର କୋପ ସେତିକି ବଢୁଛି। ଏଥିପ୍ରତି ମାନବ ସମାଜ ବେହଲୁଁ ସଚେତନ ହେବା ଜରୁରୀ। ଅନ୍ୟଥା ପୁରାଣବର୍ଣ୍ଣିତ ଜଳପ୍ରଳୟ ଆଦି ବେଶୀ ଦୂର ନୁହେଁ।

# ରାଜ୍ୟର ସମସ୍ତ ଖାଲି ପଡିଥିବା ପଦବୀ ପୁରଣ ଓ ଆଉଟସୋର୍ସ ଶ୍ରମିକ କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି ସି.ପି.ଆଇ.(ଏମ୍)ର ଦାବୀ

ଭୁବନେଶ୍ୱର (ପିଏନ୍): ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ ଏଠାରେ ଏକ ବିବୃତ୍ତିରେ କହିଛନ୍ତି ଯେ ଗତକାଲି ଓଡିଶା ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ରାଜ୍ୟର ୫୭୦୦୦ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ସ୍ଥାୟୀ କରିବା ଘୋଷଣା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ୨୦୧୩ରୁ ପ୍ରଚଳିତ ଏହି କର୍ମଚାରି ବିରୋଧି ପଦକ୍ଷେପ ନାକଚ କରିବା ସଙ୍ଗେ ସଙ୍ଗେ ରାଜ୍ୟର ବିଭିନ୍ନ ବିଭାଗ ସହ ବିଦ୍ୟୁତ କ୍ଷେତ୍ର ପରି ସରକାରୀରୁ ବେସରକାରୀ ହୋଇଥିବା ସଂସ୍ଥା ମାନଙ୍କରେ କାର୍ଯ୍ୟରତ ୨ ଲକ୍ଷରୁ ଉର୍ଦ୍ଧ୍ୱ ଆଉଟ ସୋର୍ସ ଶ୍ରମିକ ଓ କର୍ମଚାରୀ ସ୍ୱଳ୍ପ ଦରମା ସହ ବର୍ଷ ବର୍ଷ ଧରି ଅନିଶ୍ଚିତତା ମଧ୍ୟରେ ରହିଛନ୍ତି । ଯଦିଓ ଏହି ଶ୍ରମିକ ଓ କର୍ମଚାରୀ ସ୍ଥାୟୀ କର୍ମଚାରୀଙ୍କ କାର୍ଯ୍ୟକୁ ତୁଲାଉଛନ୍ତି, କିନ୍ତ ସେମାନଙ୍କ ଚାକିରୀରେ କୌଣସି ନିରାପତ୍ତା ନାହିଁ । ଏଥିସହ ଗତକାଲିର ଘୋଷଣା କେବଳ ୨୦୧୩ ମସିହାରୁ ପ୍ରଣୀତ ଚୁକ୍ତିଭିତ୍ତିକ ନିଯୁକ୍ତି ରୁଲ ଦ୍ୱରା କର୍ମଚାରୀମାନଙ୍କ ପ୍ରତି ପ୍ରଯୁଜ୍ୟ । ଏମାନଙ୍କୁ ବାଦ ଦେଲେ ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍ ଜଳସେଚନ ଆଦି ସମସ୍ତ ବିଭାଗରେ ଏବଂ ବିଭିନ୍ନ ସ୍ଥାୟୀ ପ୍ରକଳ୍ପ ଗୁଡିକରେ ରହିଥିବା ଆହୁରି ଲକ୍ଷାଧିକ କର୍ମଚାରୀ ଏହାଦ୍ୱାରା ଉପକୃତ ହେବେ ନାହିଁ ।

୨୦୧୩ ରୁଲ୍ ଅନୁଯାୟୀ ଛ'ବର୍ଷ ପରେ ରେଗୁଲାର ହେବା ବ୍ୟବସ୍ଥା ଥିଲେ ସୁଦ୍ଧା ୨୦୨୨ ପର୍ଯ୍ୟନ୍ତ ବହୁ କର୍ମଚାରୀ ସ୍ଥାୟୀ ନିଯୁକ୍ତିରୁ ବଞ୍ଚିତ କରି ରଖା ଯାଇଥିଲା । ବିଭିନ୍ନ ବିଭାଗର ବହୁ କର୍ମଚାରୀ ହାଇକୋର୍ଟରେ ସ୍ଥାୟୀ ନିଯୁକ୍ତି ପାଇଁ ମକଦ୍ଦମା କରି ସପକ୍ଷରେ ରାୟ ପାଇଥିଲେ ସୁଦ୍ଧା ତାହା କାର୍ଯ୍ୟକାରୀ କରାଯାଉନଥିଲା । ଏହା ଦ୍ୱାରା ସମସ୍ତ ଅସ୍ଥାୟୀ କର୍ମଚାରୀ ଉପକୃତ ହେବେ ନାହିଁ ।

ରାଜ୍ୟ ସରକାର ରାଜ୍ୟର ବିଦ୍ୟୁତ ବିତରଣ ବ୍ୟବସ୍ଥା ଟାଟା କମ୍ପାନୀ ହାତରେ ସମର୍ପି ଦେବା ବେଳେ ୨ ଲକ୍ଷ ପର୍ଯ୍ୟନ୍ତ ଆଉଟସୋର୍ସ ଶ୍ରମିକ ଓ କର୍ମଚାରୀ ବିଦ୍ୟୁତ୍ କ୍ଷେତ୍ରରେ ବର୍ଷ ବର୍ଷ ଧରି ରହିଛନ୍ତି ରାଜ୍ୟ ସରକାର ଟାଟା ହାତକୁ ବିଦ୍ୟୁତ ବିତରଣ ବ୍ୟବସ୍ଥା ଟେକି ଦେବା ବେଳେ ଏମାନଙ୍କ ପ୍ରସଙ୍ଗ ସଂପୂର୍ଣ୍ଣ ଅଣଦେଖା କଲେ । ଏଣୁ ବିଦ୍ୟୁତ୍ କ୍ଷେତ୍ରରେ ନିୟୋଜିତ ଆଉଟସୋର୍ସ ଶ୍ରମିକ ଓ କର୍ମଚାରୀଙ୍କ ସମେତ ସମସ୍ତ ଆଉଟସୋର୍ସ ସ୍ଥାୟୀ ପ୍ରକଳ୍ପର ଶ୍ରମିକ କର୍ମଚାରୀଙ୍କୁ ବିନା ସର୍ତ୍ତରେ ସ୍ଥାୟୀ ଦେବା ସଙ୍ଗେ ସଙ୍ଗେ ରାଜ୍ୟର ସମସ୍ତ ବିଭାଗରେ ଖାଲିଥିବା ୨ ଲକ୍ଷରୁ ଅଧିକ ଖାଲି ପଦବୀରେ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ କମିଟି ଦାବି କରୁଛୁ ।

# ନଳିତା ବିଡ଼ାକୁ ନେଇ ମାରପିଟ୍ ଘଟଣାରେ ୫ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ପଟୁଣିଆ ପ ।ୟତ ଢିଅନରସିଂହପୁର ଗ୍ରାମରେ ନଳିତା ବିଡ଼ାକୁ ନିଜର ବୋଲି ଦାବିକରି ଦୁଇ ପରିବାର ମଧ୍ୟରେ ଗତ ୧୩ ତାରିଖରେ ହୋଇଥିବା ମାଡପିଟ ଘଟଣାରେ ପୁଲିସ ଉଭୟ ପକ୍ଷରୁ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ମୁତାବକ ଢିହନରସିଂହପୁର ଗ୍ରାମରେ ନଳିତା ବିଡାକୁ ନେଇ ୨ଟି ପରିବାର ମଧ୍ୟରେ ମାରପିଟ ହୋଇଥିଲା। ଏହି ଘଟଣାରେ ଗୋଟିଏ ପରିବାରର ୪ଜଣ ଆହତ ହୋଇଥିବା ବେଳେ ଅନ୍ୟଏକ ପରିବାରର ଜଣେ ଆହତ ହୋଇଥିଲେ । ଏଥିନେଇ ଚଇନଙ୍କ ପତ୍ନୀ ଲକ୍ଷ୍ମୀ ଦଳେଇ ଥାନାରେ ଓ ପ୍ରତିପକ୍ଷ ଗୋଷ୍ଠୀର ବିନୋଦ ଦଳେଇ ଉଭୟ ପରିବାରଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ । ଏନେଇ ପୁଲିସ ୫୬/୨୨ ଓ ୫୬୪/ ୨୨ରେ ଦୁଇଟି ପୃଥକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ତେବେ ପୁଲିସ ଢିହନରସିଂହପୁର ଗ୍ରାମର ଗୋଟିଏ ଗୋଷ୍ଠିର ବିନୋଦ ଦଳେଇଙ୍କ ପୁଅ ବାଇଧର ଦଳେଇ (୨୩), ବୁଦ୍ଧିଆ ଦଳେଇ (୨୫) ଓ ମାନଗୋବିନ୍ଦ ଦଳେଇଙ୍କ ପୁଅ ମିଥୁନ ଦଳେଇ(୨୮),ଚନ୍ଦନ ଦଳେଇ (୨୧)ଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଏକ ଗୋଷ୍ଠିର ଚଇନ ଦଳେଇଙ୍କ ପୁଅ ସାଗର ଦଳେଇ (୨୧)ଙ୍କୁ ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଛି ବୋଲି କୋଟପୁର ଫାଣ୍ଡି ଅଧିକାରୀ ପ୍ରେମାନନ୍ଦ ପୃଷ୍ଟି ସୂଚନା ଦେଇଛନ୍ତି ।


# ବହୁ ପ୍ରତିକ୍ଷାର ଅନ୍ତ ଘଟିଲା, ନବନିର୍ମିତ ଜାରକା ଓଭର ବ୍ରିଜ୍‌ରେ ଗାଡି ଗଡିଲା



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକା ଛକ ଦେଇ ଯାଇଥିବା ୧୬ନଂ ଜାତୀୟ ରାଜପଥର ଜାରକା ଛକ ଠାରେ ନବନିର୍ମିତ ଓଭର ବ୍ରିଜ ଦେଇ ଗାଡି ଯାତାୟାତ କରିଛି । ୨୦୧୮ ମସିହାରେ ଦ୍ୱିତୀୟ ଥାର ଲାଗି ଜାତୀୟ ରାଜପଥ ପ୍ରଶସ୍ତିକରଣ କାମ ଆରମ୍ଭ ହୋଇଥିଲା ବେଳେ ଜାରକା ଠାରେ ଏକ ଓଭରବ୍ରିଜ ନିର୍ମାଣ ପାଇଁ ଦାବି ହୋଇଥିଲା । ଏଥିଲାଗି ସ୍ଥାନୀୟ ଅଂଚଳର ବୁଦ୍ଧିଜୀବୀ, ସମାଜସେବୀ, ରାଜନୈତିକ ବ୍ୟକ୍ତି ଓ ସାମ୍ବାଦିକମାନଙ୍କୁ ନେଇ ଧର୍ମଶାଳା ଡେଭେଲପ୍‌ମେଂଟ କମିଟି ନାମରେ ଏକ ସଙ୍ଗଠନ ଗଠନ କରାଯାଇ ଓଭରବ୍ରିଜ ନିର୍ମାଣ ପାଇଁ ଦାବି ଉପସ୍ଥାପନା କରାଯାଇଥିଲା । ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସହିତ ବହୁବାର ଆଲୋଚନା ଓ ଆନ୍ଦୋଳନ ପରେ ଏଠାରେ ଏକ ଓଭରବ୍ରିଜ ନିର୍ମାଣ ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ରାଜି ହୋଇଥିଲେ । ୨୦୨୦ ମସିହା ଜୁନ ମାସରେ ଏହାର କାମ ଆରମ୍ଭ ହୋଇଥିଲା । ଓଭରବ୍ରିଜ ନିର୍ମାଣ ପାଇଁ ୧୬ ନମ୍ବର ଜାତୀୟ ରାଜପଥକୁ ଖୋଳାଯାଇ ଓଭରବ୍ରିଜ ନିର୍ମାଣ କାମ ଆରମ୍ଭ ହୋଇଥିଲା । ମୁଖ୍ୟ ରାସ୍ତାରେ କାମ ହେବାରୁ ଗାଡିଗୁଡିକ ବାଇପାସ ରାସ୍ତା ଦେଇ ଯାତାୟାତ ଆରମ୍ଭ ହୋଇଥିଲା । ତେବେ ଏଠାରେ ୧୮ ମାସ ମଧ୍ୟରେ ଓଭରବ୍ରିଜ ନିର୍ମାଣ କାମ ଶେଷ ହେବ ବୋଲି କାମ କରୁଥିବା ଠିକାସଂସ୍ଥା ପକ୍ଷରୁ କୁହାଯାଇଥିଲା । ହେଲେ ମନ୍ଥର ଗତିରେ କାମ ଚାଲୁଥିବାରୁ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହେବାକୁ ଦୀର୍ଘବର୍ଷ ଲାଗିବା ଆଶଙ୍କା କରି ସ୍ଥାନୀୟ ଡେଭେଲପମେଂଟ କମିଟି ଓ ବଜାର କମିଟି ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇବା ସହ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ଠିକାସଂସ୍ଥାକୁ ଭେଟି ରାସ୍ତା ନିର୍ମାଣରେ ବିଳମ୍ବତାକୁ ନେଇ ଅଭିଯୋଗ ଉଠାଇଥିଲେ । ତେବେ ବହୁ ପ୍ରତିକ୍ଷାର ଅବସାନ ଘଟିଛି, ଓଭରବ୍ରିଜ ଦେଇ ଗାଡିଗୁଡିକ ଯାତାୟାତ କରିଛି । ଦୀର୍ଘ ୨୮ ମାସ ପରେ ଗାଡିଗୁଡିକ ମୁଖ୍ୟରାସ୍ତା ଦେଇ ଚଳାଚଳ କରିବାରୁ ଦୀର୍ଘଦିନ ହେଲା ବାଇପାସ ରାସ୍ତାରେ ଗାଡି ଚଳାଚଳ ଯୋଗୁ ହୀନସ୍ତା ଭୋଗୁଥିବା ଜାରକା ବଜାରର ବ୍ୟବସାୟୀ ଓ ସାଧାରଣ ଲୋକେ ଆଜି ଆଶ୍ୱସ୍ତି ଅନୁଭବ କରିଛନ୍ତି ।

# ଶିକ୍ଷିତ ବେକାରୀଙ୍କ କଥା

ଦିନ ଥିଲା ପାଠ ନପଢ଼ିଲେ କିଛି କାମ ତ' ମିଳିବା ଦୂରର କଥା ମୂର୍ଖ ବୋଲି ଗଣାଯାଉଥିଲା। ହେଲେ ଯୁଗ ସହିତ ଲୋକମାନଙ୍କର ଶିକ୍ଷାଦିକ୍ଷାର ଢ଼ଙ୍ଗରଙ୍ଗ ସବୁପ୍ରକାର ମଧ ବଦଳିଛି। ତେବେ ଆଜିକାଲି ଏକ ବିଚିତ୍ର ପରିସ୍ଥିତିକୁ ଆମ୍ଭେମାନେ ସାମ୍ନା କରୁଛେ। ତାହା ଯିଏ ଯେତେ ବେଶି ପାଠ ପଢ଼ିଛି ବା ଡିଗ୍ରୀ ପାଇବା ହୋଇଥାଉ ବରଂ ଥାକ ଥାକ ସାର୍ଟିଫିକେଟ କିନ୍ତୁ ତାର ପ୍ରତିଭା ତୁଳନାରେ ତାକୁ କାର୍ଯ୍ୟ ମିଳୁନାହିଁ। ସେ ହେଉଛି ସବୁଠାରୁ ବଡ଼ ବେକାର। ଅଭାବେ ସ୍ୱଭାବ ନଷ୍ଟପରି କେଉଁଠି ସର୍ବାଧିକ ଯୋଗ୍ୟ ପ୍ରତିଭାବାନ ଛାତ୍ରଟି କୁଲିଗିରି କରିବାକୁ ପଛାଉନାହିଁ ତ' କେଉଁଠି ଦଲାଲ ହାବୁଡରେ ପଡ଼ି ଦାଦନ ଯାଉଛି। ବେକାର ହୋଇ କୁସଙ୍ଗରେ ପଡ଼ି ନିଶାସେବନ କରି ଜରାଗ୍ରସ୍ତ ଏପରିକି ଜୀବନହାନିର ଘଟଣା ପ୍ରାୟତଃ ଗଣମାଧ୍ୟମରେ ଦେଖିବାକୁ ମିଳିଥାଏ। କେବଳ ଗ୍ରାମା ଳ ନୁହେଁ ସହରା ଳରେ ମଧ ସବୁଠି କାମର ଅଭାବ। ତେବେ ସବୁକ୍ଷେତ୍ରରେ ଯେ ଲା ଦେଲେ ଚାକିରୀ ମିଳିଥାଏ ତାହା ଭାବିବା ବି ଭୁଲ। ତେବେ ବିଚିତ୍ର ଭାବରେ ଦେଖାଯାଇଥାଏ ଅନେକ କ୍ଷେତ୍ରରେ ଯୋଗ୍ୟ ପ୍ରାର୍ଥୀମାନେ ଚାକିରୀ ପାଇପାରୁନଥିବା ସ୍ଥଳେ ଅଯୋଗ୍ୟମାନେ ଚାକିରୀ ପାଇଯାଉଛନ୍ତି। ଆଜିକାଲି ତଥାକଥିତ ଗଡ଼ଫାଦରଙ୍କ ଆଶୀର୍ବାଦ ଥିଲେ ସବୁକିଛି ସମ୍ଭବ। କିନ୍ତୁ ବାସ୍ତବ କଥା ହେଉଛି ପ୍ରତିଭାବାନମାନେ ଦେଶର ବା ରାଜ୍ୟର ଶାସନ ବ୍ୟବସ୍ଥାରେ ଜଡ଼ିତ ନହେଲେ ତାହା ପ୍ରଗତି ପାଇଁ ନିଶ୍ଚିତ ଭାବରେ ବାଧକ ହେବ। ତେବେ କେବଳ ପୁରୁଷ ନୁହଁନ୍ତି ବେଶି ମହିଳାମାନେ ମଧ ବେକାର ହେବାକୁ ବସିଲେଣି। ଦେଖାଯାଉଛି ଦେଖାଶିଖା ନ୍ୟାୟରେ ପାଖ ଘର ପିଲାଟି ଯଦି କଲେଜ ଯାଉଛି ତା'ହେଲେ ଆରପାଖ ଘରର ଝିଅଟି ତା'ଘରର ସ୍ଥିତିକୁ ନବୁଝି କଲେଜରେ ନାଁ ଲେଖାଇବା ପାଇଁ ଗୋଡ଼ କଚାଡୁଛି। ବିଚରା ବାପ ବାପୁଡ଼ାଟି ବା କ'ଣ କରିବ ? ସବୁ ଝିଅଙ୍କ ସ୍ଥିତି ବି ସମାନ ନୁହେଁ । ନିଜ ପ୍ରତିଭାରେ ନିଜ ପରିବାର, ଗାଁ ଓ ରାଜ୍ୟର ସୁନାମ ଆଣିଥିବା ଝିଅମାନଙ୍କର ତାଲିକା ବି ବେଶ୍ ଲମ୍ବା। ପରିସଂଖ୍ୟାନରୁ ଜଣାଯାଇଛି ଭାରତର ସହରା ଳରେ ଅଶିକ୍ଷିତ ବେକାରଙ୍କ ସଂଖ୍ୟା ୧.୦୩ ପ୍ରତିଶତ ଥିବାବେଳେ ଗ୍ରାମା ଳରେ ହେଉଛି ୧.୧ ପ୍ରତିଶତ। ସେହିପରି ମାଟ୍ରିକ ପର୍ଯ୍ୟନ୍ତ ପଢ଼ିଥିବା ସହରୀ ବେକାରୀଙ୍କ ସଂଖ୍ୟା ୪.୪ ପ୍ରତିଶତ ଓ ଗ୍ରାମୀଣ ବେକାରୀଙ୍କ ସଂଖ୍ୟା ୫.୪ ପ୍ରତିଶତ। ସେହିପରି ସହରା ଳର ଗ୍ରାଜୁଏଟ୍ ବେକାରଙ୍କ ସଂଖ୍ୟା ୮.୪ ପ୍ରତିଶତ ହୋଇଥିବା ବେଳେ ଗ୍ରାମା ଳ ଗ୍ରାଜୁଏଟ ବେକାରଙ୍କ ସଂଖ୍ୟା ୧୧ ପ୍ରତିଶତ। କେବଳ ସହରରେ ବେକାର ପୋଷ୍ଟଗ୍ରାଜୁଏଟ ୭.୭ ପ୍ରତିଶତ ଥିବାବେଳେ ଗ୍ରାମା ଳରେ ଏମାନଙ୍କ ସଂଖ୍ୟା ୧୩.୯ ପ୍ରତିଶତ। ପରିସଂଖ୍ୟାନର ତଥ୍ୟ ସୂଚୀତ କରୁଛି ଯେ ଯିଏ ସେତେ ଶିକ୍ଷିତ ସେଠାରେ ବେକାରୀ ହେବାର ବେଶି ଭୟ। ତେବେ ସବୁକ୍ଷେତ୍ରକୁ ଆମେ ଗୋଟିଏ ନିକିତରେ ତଉଲୁ ନାହୁଁ ଅନେକ ଅଶିକ୍ଷିତ ବା ବେଶୀ ପାଠସାଠ ନପଢ଼ି ବି ବେଶ ନିଜ ବିଦ୍ୟାବୁଦ୍ଧିରେ ରୋଜଗାରକ୍ଷମ ହୋଇ ବିଭିନ୍ନ ପ୍ରଶଂସନୀୟ ଉଦ୍ୟମରେ ନିଜକୁ ବ୍ରତୀ କରୁଛନ୍ତି। ତେବେ ବ ମାନର ପରିସ୍ଥିତି କିନ୍ତୁ ସମ୍ପୂର୍ଣ୍ଣରୂପେ ଭିନ୍ନ। ମୁଦ୍ରାସ୍ଫୀତିର ଭୟଙ୍କର ଦାବାନାଳ ଓ ଦରଦାମ୍‌ର ପରିସ୍ଥିତି ସହ ସରକାରଙ୍କ ଭି ଭୂମିର ବ୍ୟାପକ ଅଭାବ ଯୋଗୁଁ ବିଭିନ୍ନ କ୍ଷେତ୍ରରେ ବେକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ବର୍ଷ ବର୍ଷ ଧରି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡୁଥିଲେ ବି କାମଚଳା ଭାବରେ ଜଣକୁ ଦଶ ଦଶଟା ଦାୟିତ୍ୱ ଧରାଇ ଦିଆଯାଉଛି। ଏହାର ପରିସ୍ଥିତି ଯାହା ହେବ। ଯୁବବର୍ଗଙ୍କ ଭିତରୁ ଅନେକ ଶିକ୍ଷିତ ବେକାର ହେବା ପଛରେ ବଡ଼ କାରଣ ହେଉଛି ହୀନମନ୍ୟତା। କୌଣସି କାମ ଛୋଟ ବା ବଡ଼ ନୁହେଁ। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ବାଣୀକୁ କ'ଣ କେହି କେବେ ଭାବୁଛନ୍ତି ? ଯେଉଁ ପର୍ଯ୍ୟନ୍ତ ଏ ରାଷ୍ଟ୍ରର ଯୁବପିଢ଼ୀ ନିଜେ କିଛି ନିଜ ପାଇଁ ପଛକୁ ଭାବି ରାଷ୍ଟ୍ରର ପାଇଁ ନିଜର ଦାୟିତ୍ୱ ଚିନ୍ତା ନକରିଛି ସେ ପର୍ଯ୍ୟନ୍ତ ଏ ରାଷ୍ଟ୍ରର ପ୍ରଗତି କେତେଦୂର ବା ସମ୍ଭବ ହୋଇପାରିବ ? ଶିକ୍ଷା କେବଳ ଚାକିରୀ ପାଇଁ ଉଦ୍ଦିଷ୍ଟ ବୋଲି ଯେତେଦିନ ପର୍ଯ୍ୟନ୍ତ ଧରାଯାଉଥିବ ଏ ସମସ୍ୟା ବଢ଼ିବ ବରଂ କିନ୍ତୁ ସମାଧାନର ରାସ୍ତା ବାହାରିପାରିବ ନାହିଁ। ଶିକ୍ଷା ସମାଜ ଓ ସଂସ୍କାରର ବିଭିନ୍ନ ଅଜଣା କଥାକୁ ଜାଣିବା ପାଇଁ ଆବଶ୍ୟକ କେବଳ ଚାକିରୀ ପାଇବା ପାଇଁ ଉଦ୍ଦିଷ୍ଟ ନୁହେଁ। ତେଣୁ ଭାରତବର୍ଷର ଯୁବକଯୁବତୀମାନେ ନିଜ ପ୍ରତିଭାକୁ ନେଇ ଚାକିରୀ ପଛରେ ନଗୋଡ଼େଇ ବରଂ ସ୍ୱାବଲମ୍ବୀ ରାସ୍ତାରେ ନିଜ ଗୋଡ଼ରେ ଛିଡ଼ା ହେବାପାଇଁ ଯତ୍ନବାନ ହେବା ଉଚିତ। ନିଜ ପାଠ୍ୟ ମୁତାବକ କର୍ମସଂସ୍ଥାନ ନମିଳିଲେ ହତୋତ୍ସାହିତ ନହୋଇ ରୋଜଗାରର ଅନ୍ୟ ପନ୍ଥା ଧରିବା ଆବଶ୍ୟକ। ଅଶିକ୍ଷିତ ବେକାର ରହିବା ପଛରେ ବଡ଼ ଗୂଢ଼ କାରଣ ହେଉଛି ଯେ ସେମାନେ କୌଣସି କାର୍ଯ୍ୟକୁ ଛୋଟ ବୋଲି ଭାବିନଥାନ୍ତି। ବ୍ରିଟେନ୍ ଓ ଆମେରିକା ଭଳି ପ୍ରଗତିଶୀଳ ରାଷ୍ଟ୍ରରେ ଶିକ୍ଷିତ ବେକାରୀଙ୍କ ସଂଖ୍ୟା ଆମ ଦେଶଠାରୁ କମ୍। ସେଠାରେ ଯେ କର୍ମସଂସ୍ଥାନ ବହୁତ ରହିଛି ତା ନୁହେଁ କିନ୍ତୁ ସେମାନେ କୌଣସି କାମକୁ ଛୋଟ ବା ବଡ଼ ଦୃଷ୍ଟିରେ ନଦେଖି ନିଜ କାମ ନିଜେ କରିବାକୁ ପସନ୍ଦ କରିଥାନ୍ତି। ଭାରତବର୍ଷର ମହାନ ସଂସ୍କୃତି ଭାଇଚାରର ସଂସ୍କୃତି। ସମଗ୍ର ବସୁଧା ହେଉଛି ଆମର ମାତା। ତେଣୁ ଲମ୍ବା ଜୀବନର ରାସ୍ତାକୁ ଅତିକ୍ରମ କରି ନିଜ ପରିବାର, ସମାଜର ଓ ରାଷ୍ଟ୍ରର ଦାୟିତ୍ୱ ନିର୍ବାହ ପୂର୍ବରୁ ନିଜକୁ ନିଜ ବିବେକକୁ ପ୍ରଶ୍ନ କରିବା ଉଚିତ ଯେ, ନିଜ ପାଇଁ କିଛି ଛୋଟ ବା ବଡ଼ ନୁହେଁ। ଶିକ୍ଷିତ ହୋଇ ବେକାର ହେବା ଅପେକ୍ଷା ନିଜ ପାରିପାର୍ଶ୍ୱିକ ଓ ପାରିବାରିକ ତଥା ସବୁ ଦିଗର ସ୍ଥିତିକୁ ଦେଖି ସ୍ୱାବଲମ୍ବୀର ଜୀବନ ବିତାଇବା ବରଂ ମର୍ଯ୍ୟାଦାର ପ୍ରସଙ୍ଗ। ତେବେ ଅଧ୍ୟବସାୟ, ଦୈବୀ ଆଶୀର୍ବାଦ ଓ ପିତାମାତାଙ୍କ କୃପା ଥିଲେ ବଣରେ ଫୁଟୁଥିବା ଫୁଲଟିର ମହକ ନିଶ୍ଚିତ ଭାବରେ ସମାଜକୁ ସୁରଭିତ କରିପାରିବ।




**ଭୁବନେଶ୍ୱର, ୨୦୨୪, ଅପ୍ରେଲ ୧୪**

# ଫ୍ୟାଟରୁ ଫିଟ୍... ଡଉଲ ଡାଉଲ ସୁନ୍ଦର ପିଲାଟି



ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

କେତେ ସୁନ୍ଦର ପିଲାଟେ, କେତେ ଡଉଲ ଡାଉଲ ହୋଇଛି। ଅଧିକାଂଶ ସମୟରେ ଗୋଲଗାଲ ହୋଇଥିବା ଛୋଟ ପିଲାକୁ ସମସ୍ତେ ଏହା କହି ଆଦର କରନ୍ତି। କିନ୍ତୁ ଏହି ଡଉଲ ଡାଉଲ ପିଲା ଯେତେବେଳେ ବଡ଼ ହୋଇଯାଏ ସେତେବେଳେ ତାର ନାଁ ବଦଳିଯାଏ, ସମସ୍ତେ ମୋଟୁ କହିବା ଆରମ୍ଭ କରନ୍ତି। ମା'ମାନେ ଅଧିକାଂଶ ସମୟରେ ସ୍ନେହରେ ଅନ୍ଧ ହୋଇ ନିଜ ପୁଅ ଝିଅଙ୍କୁ ମୋଟା ମାନି ପାରନ୍ତି ନାହିଁ। ଏଇଠି ସମସ୍ୟା ଆହୁରି ବଢ଼ିଯାଏ। ବର୍ତ୍ତମାନ ଫାଷ୍ଟଫୁଡ ପିଲାଙ୍କ ଜୀବନର ଅଂଶ ପାଲଟି ଗଲାଣି। ତେଣୁ ପିଲାଙ୍କ ମେଦ ବୃଦ୍ଧି ମଧ୍ୟ ସାମାଜିକ ସମସ୍ୟା ପାଲଟି ଗଲାଣି। କମ ବୟସରୁ ଅତ୍ୟଧିକ ମେଦବୃଦ୍ଧି ଓ ଶାରୀରିକ ବିକାଶ ପରବର୍ତ୍ତୀ ସମୟର ନାନା ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାକୁ ଜନ୍ମ ଦେଉଛି ବୋଲି ବିଶ୍ୱବ୍ୟାପୀ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତ। ପିଲାଙ୍କର ମେଦବହୁଳତା ସାଧାରଣତଃ ଦୁଇ ପ୍ରକାରର। ପ୍ରଥମତଃ ଜନ୍ମଜାତ ବା ଆନୁବଂଶିକ, ଦ୍ୱିତୀୟତଃ ଜୀବନଶୈଳୀ ଆଧାରିତ। ଜନ୍ମଜାତ ମେଦବହୁଳତା କାରଣ ଆନୁବଂଶିକ ଜେନେଟିକ ବା ହର୍ମୋନଗତ ତ୍ରୁଟି ହୋଇପାରେ। ଏଥିପାଇଁ ବିଧିବଦ୍ଧ ଡାକ୍ତରୀ ଚିକିତ୍ସା ଆବଶ୍ୟକ ହୁଏ। କିନ୍ତୁ କିଶୋରାବସ୍ଥାରେ ମେଦ ବୃଦ୍ଧିର ମୁଖ୍ୟକାରଣ ତ୍ରୁଟିପୂର୍ଣ୍ଣ ଜୀବନଶୈଳୀ। ଜଙ୍କଫୁଡ, ଫାଷ୍ଟଫୁଡ ଖାଇବା ସହ ଶାରୀରିକ ସକ୍ରିୟତା ନରହିବା ଏହାର ମୁଖ୍ୟ କାରଣ। ଜୀବନଶୈଳୀ ଓ ଖାଦ୍ୟ ଶୈଳୀରେ ପରିବର୍ତ୍ତନ ଦ୍ୱାରା ଏହି ମୋଟାପଣ ଦୂରେଇ ହେବ।

ନିଜ ପିଲା ଅଧିକାଂଶ ବାପା-ମାଆ, ଜେଜେବାପା-ଜେଜେମାଆଙ୍କ ଆଖିକୁ ମୋଟା ଦେଖାଯାଏନି, କିନ୍ତୁ ଏହି ଦେଖାନଯିବା ହିଁ ପିଲା ପାଇଁ ବିପଦକୁ ଡାକିଆଣେ। ତେଣୁ ଯେତେବେଳେ ଆପଣଙ୍କ ପିଲା ଆପଣଙ୍କ ଆଖିକୁ ବେଶ ଡଉଲଡାଉଲ ଦେଖାଯିବ ଜାଣିବେ ପିଲା ମୋଟା ହେଉଛି। ଏହାଛଡ଼ା ଖାଇବା ପିଇବା ଭଲ ଥିବା ସତ୍ତ୍ୱେ ଥକିଯାଉଥିଲେ ପିଲାଟି ମୋଟା ହେଲାଣି ବୋଲି ବିଶ୍ୱାସ କରନ୍ତୁ। ବୟସ ଓ ଉଚ୍ଚତା ତୁଳନାରେ ଓଜନ ଅଧିକ ହେଲେ ରକ୍ତଚାପ ଓ ମଧୁମେହର ଆଶଙ୍କା ବଢ଼ିଯାଏ। ଝିଅମାନେ ମୋଟା ହେଲେ ଋତୁସ୍ରାବରେ ଅନିୟମିତତା, ଚେହେରାରେ କୋ ଉଠିବା ଇତ୍ୟାଦି ସମସ୍ୟା ଦେଖାଯାଏ। ଯେଉଁ ମହିଳା ମାନଙ୍କର ଗର୍ଭାବସ୍ଥାରେ ମଧୁମେହ ସମସ୍ୟା ଥାଏ ସେମାନଙ୍କ ସନ୍ତାନମାନେ ମୋଟା ହେବାର ଆଶଙ୍କା ଅଧିକ ମୋଟା, ସେମାନଙ୍କ ମଧ୍ୟରୁ ୭୦-୮୦ ପ୍ରତିଶତ ବଡ଼ ହେବା ପରେ ବି ମେଦ ବହୁଳ ହୋଇରୁହନ୍ତି।

ପିଲାଙ୍କ ଓଜନ ପର୍ସେଣ୍ଟାଇଲରେ ମପାଯାଏ। ଅନ୍ୟ ଦେଶର ସେହି ବୟସ ଓ ଉଚ୍ଚତାର ପିଲାମାନଙ୍କ ଓଜନ ସହ ଆପଣଙ୍କ ପିଲାର ଓଜନ ଅନୁପାତ ନିଆଯାଏ ଏଥିରେ। ଏହି ଚାର୍ଟ ଡାକ୍ତରଙ୍କ ପାଖରେ ଥାଏ। ଏଥିରୁ ଜଣାପଡ଼େ ଆପଣଙ୍କ ପିଲା ମୋଟା ନା ନୁହେଁ। ଆପଣ ଇଣ୍ଟରନେଟରେ ମଧ୍ୟ ପର୍ସେଣ୍ଟାଇଲ ଚାର୍ଟରୁ ଓଜନ ଓ ଉଚ୍ଚତାର ଅନୁପାତ ଜାଣିପାରିବେ। ଏଥିରେ ସନ୍ଦେହ ଆସିଲେ ବିଏମଆଇ ଅନୁଯାୟୀ ମଧ୍ୟ ମେଦ ସଂପର୍କରେ ସଚେତନ ହୋଇପାରିବେ। ଇଣ୍ଟରନେଟରେ ଚାଇଲଡ ବିଏମଆଇ କାଲକୁଲେଟର ଦ୍ୱାରା ଆପଣ ପିଲାର ଲିଙ୍ଗ ଓ ବୟସ ହିସାବରେ ଓଜନ କେତେ ଉଚିତ ଜାଣିପାରିବେ।

ପିଲାଙ୍କଠାରେ ମେଦ ବହୁଳତା ସମସ୍ୟା ଆରମ୍ଭ ହୋଇଯାଏ। ପୁଣି କିଛି ଝିଅଙ୍କ ଉପରେ ପତଳା ରହିବାର ଭୂତ ସବାର ହୋଇଯାଏ। ଖୁବ ପତଳା ହେବା ସତ୍ତ୍ୱେ ସେମାନଙ୍କୁ ଲାଗେ ମୁଁ ମୋଟା ହୋଇଯାଉଛି ତେଣୁ ଖାଇବା ଅତ୍ୟଧିକ କମେଇ ନିଅନ୍ତି ସେମାନେ। ଯଦି ପିଲାର ବିଏମଆଇ ୧୮ରୁ କମ ତାହେଲେ ଜାଣି ନିଅନ୍ତୁ ଶରୀର ପାଇଁ ଆବଶ୍ୟକ ପୋଷକତତ୍ତ୍ୱ ମିଳୁନାହିଁ। ଏହାଦ୍ୱାରା ହୋଇପାରେ। ଏଭଳି ଝିଅ ମାନଙ୍କୁ କାଉନସେଲିଂ ଦରକାର ହୁଏ। ଧଳା ଖାଦ୍ୟ ଯଥା - ଚିନି, ଚାଉଳ, ମଇଦା, ଲହୁଣୀ, ଛେନା ଇତ୍ୟାଦି ଉପରେ ନିୟନ୍ତ୍ରଣ ରଖନ୍ତୁ। ମିଠା ସହିତ ବନ୍ଧୁତା ଅଧିକ ବଢ଼ାନ୍ତୁ ନାହିଁ। ତେଲ ଛଣା ଏବଂ ଫାଷ୍ଟଫୁଡ କମ କରନ୍ତୁ। ମୃଦୁ ପାନୀୟ ଠାରୁ ଦୂରରେ ରୁହନ୍ତୁ। ପିଜା, ବର୍ଗର, ନୁଡୁଲ୍ସ, ଫ୍ରେଞ୍ଚଫାଇଜ, ଚିପ୍ସ ଆଦି ସହ ସଂପର୍କ ଶେଷ କରିଦିଅନ୍ତୁ। ପିଲାଙ୍କୁ କେବେ କେମିତି ଏସବୁ ଗିଫ୍ଟ ଭାବରେ ଦେଇପାରନ୍ତି। ସେମାନଙ୍କୁ ସବୁଜ ପନିପରିବା, ଫଳ ଏବଂ ଦୁଗ୍ଧ ଉପରେ ନିର୍ଭର କରିବା ଶିଖାନ୍ତୁ। ପ୍ରତିଦିନ କିଛି ପିତା ଖାଦ୍ୟ ସାମିଲ କରନ୍ତୁ। ପିତା ଖାଦ୍ୟ ଇନସୁଲିନ ପ୍ରତିଶୋଧନ କ୍ଷମତା ବଢ଼ାଏ। ଦୈନିକ-୫୦୦ରୁ ୭୦୦ ମିଲି ପିଇବାକୁ ଦିଅନ୍ତୁ। ପିଲାଙ୍କ ଖାଦ୍ୟରେ ୪୦ ପ୍ରତିଶତ କାର୍ବୋହାଇଡ୍ରେଟ, ୪୦ ପ୍ରତିଶତ ପ୍ରୋଟିନ, ୨୦ ପ୍ରତିଶତ ଫ୍ୟାଟ ରହିବା ଆବଶ୍ୟକ। ଦୈନିକ ଖାଦ୍ୟରେ ଅତିକମରେ ଦୁଇଟି ଫଳ ଓ ପରିବା ସାମିଲ କରନ୍ତୁ। ସେମାନଙ୍କୁ ପସନ୍ଦ ଆସିବା ପରି ବିଭିନ୍ନ ରଙ୍ଗର ପରିବା ବ୍ୟବହାର କରନ୍ତୁ। ଦହି ଓ ଫଳ ଉଭୟ ସ୍ୱାସ୍ଥ୍ୟ ପାଇଁ ଭଲ। ପିଲାଙ୍କୁ ସ୍ୱାଦିଷ୍ଟ ଲାଗିବା ପାଇଁ ବିଭିନ୍ନ ପରିବା ପୂର ଦେଇ ରୁଟି ଓ ପରଟା କରନ୍ତୁ। ଗଜାମୁଗ, ବୁଟ ଇତ୍ୟାଦି ଦୈନିକ ଖାଇବାକୁ ଦିଅନ୍ତୁ। ପିଲାଙ୍କୁ ଫାଷ୍ଟଫୁଡ ଏବଂ ମିଠା ଆଦିରୁ ଏକଦମ ଦୂରେଇ ରଖିବା ମଧ୍ୟ ଠିକ ନୁହେଁ କାରଣ ସେମାନେ ନିଜକୁ ରୋକିପାରିବେ ନାହିଁ । ସୁବିଧା ମିଳିଲେ ଅତ୍ୟଧିକ ଖାଇବେ। ତେଣୁ ସପ୍ତାହରେ ଗୋଟିଏ ଦୁଇଟି ଭୋଜନ ସେମାନଙ୍କ ପସନ୍ଦର ଦିଅନ୍ତୁ। ଏଥିପାଇଁ ଛୁଟି ଦିନକୁ ହିଁ ବାଛନ୍ତୁ। ଯେମିତି ସେମାନେ ନିଜ ପସନ୍ଦର ଖାଦ୍ୟକୁ ଉପଭୋଗ କରି ଖାଇପାରିବେ ଏହିଦିନ। ଟିଭି, ମୋବାଇଲ, ଲ୍ୟାପଟପ ଆଦିରେ ଦିନକୁ ଦୁଇଘଣ୍ଟାରୁ ଅଧିକ ସମୟ ବସିବାକୁ ଦିଅନ୍ତୁ ନାହିଁ। କେବଳ ସୋଫାରେ ବସି କାର୍ଟୁନ ଦେଖିବା ପାଇଁ କମିକ୍ସ ପଢ଼ିବାକୁ ଦିଅନ୍ତୁନି। ଘର ବାହାରକୁ ପଠାନ୍ତୁ। ଖେଳିବାକୁ ଦିଅନ୍ତୁ। ଛୋଟ ଛୋଟ କାମ ପାଇଁ ପଠାନ୍ତୁ। ଘରେ ଗଛ ଲଗାଇ ଏହାର ଯତ୍ନ ନେବାକୁ କୁହନ୍ତୁ। ବ୍ୟାଡ଼ମିଣ୍ଟନ, ଫୁଟବଲ ଆଦି ଖେଳିବାକୁ ପ୍ରୋତ୍ସାହନ ଦିଅନ୍ତୁ। ସକ୍ରିୟ ରହିଲେ ଏବଂ ଖେଳିଲେ ଶରୀରର ବର୍ଜ୍ୟ ସହଜରେ ନିଷ୍କାସିତ ହୋଇପାରେ।

ଯଦି ପିଲାର ଓଜନ ବଢ଼ିଯାଇଛି ତାହେଲେ ଏହାକୁ ଧୀରେ ଧୀରେ କମାଇବାକୁ ଲକ୍ଷ୍ୟ ରଖନ୍ତୁ। ମାସରେ ଦୁଇକିଲୋରୁ ଅଧିକ ଓଜନ କମ କରିବାର ଯୋଜନା ରଖନ୍ତୁନି। ଓଜନ ଖୁବ ଶୀଘ୍ର ବଢ଼େ କିନ୍ତୁ କମିବାକୁ ଅନେକ ସମୟ ନିଏ। ତେଣୁ ଧୈର୍ଯ୍ୟ ରଖନ୍ତୁ। ସମସ୍ତଙ୍କୁ ଡଉଲ ଡାଉଲ ଛୁଆ ପସନ୍ଦ ଆସନ୍ତି। ମା'ମାନେ ମଧ୍ୟ ପିଲାକୁ ମୋଟା କରିବା ପାଇଁ ଅଧିକ ଖାଇବାକୁ ଦିଅନ୍ତି। କିନ୍ତୁ ସବୁ ମାଆ ଭାବନ୍ତି ସେମାନଙ୍କ ପିଲା ଦୁର୍ବଳ ହୋଇଯାଉଛି। ଯଦି ପିଲା ଅଧିକ ଖାଇବାକୁ ରାଜି ନହୁଏ, ତାହେଲେ ମା'ମାନେ ତା ପସନ୍ଦର ଯେ କୌଣସି ଖାଦ୍ୟ ପେଟପୁରା ଖୁଆଇ ଦିଅନ୍ତି। ଏହି ମନପସନ୍ଦର ଖାଦ୍ୟ ମଧ୍ୟରେ ଥାଏ କେକ, ଚାଓମିନ, ଚିପ୍ସ ଇତ୍ୟାଦି। ଫଳରେ ପିଲାର ପୁଷ୍ଟିକର ଖାଦ୍ୟ ଖାଇବାର ଅଭ୍ୟାସ ରହେ ନାହିଁ। ଲୋକଙ୍କ ଧାରଣା ସୁସ୍ଥ ରହିବା ପାଇଁ ଅଧିକ ଖାଇବା ଦରକାର। କିନ୍ତୁ ପ୍ରକୃତରେ ସୁସ୍ଥ ରହିବା ପାଇଁ ଠିକ ଖାଦ୍ୟ ଖାଇବା ଆବଶ୍ୟକ। ଆଜିକାଲି ଅଧିକାଂଶ ଛୋଟ ପିଲା ସକାଳୁ କେବଳ ଖିର ହର୍ଲିକ୍ସ ଇତ୍ୟାଦି ପିଇ ସ୍କୁଲ ଚାଲିଯାଉଛନ୍ତି। କିନ୍ତୁ ଦିନର ସବୁଠାରୁ ଜରୁରୀ ଖାଦ୍ୟ ହେଉଛି ପ୍ରାତଃ ଭୋଜନ। ପିଲାମାନେ ଡେରି ରାତି ପର୍ଯ୍ୟନ୍ତ ପଢ଼ିଲେ ବିଳମ୍ବରେ ଖାଇବାର ଅଭ୍ୟାସ କରିନିଅନ୍ତି। କିନ୍ତୁ ମନେ ରଖନ୍ତୁ ରାତିର ଖାଇବା ୮ଟା, ସାଢ଼େ୮ଟା ମଧ୍ୟରେ ହେବା ଉଚିତ।

*ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,*
*ଦୂରଭାଷ : ୯୪୩୭୧୨୪୦୭୪*

# ଉତ୍କଳୀୟ ନବବର୍ଷ : ମହାବିଷୁବ ସଂକ୍ରାନ୍ତି

ସୂର୍ଯ୍ୟସ୍ଥିର। ସୂର୍ଯ୍ୟ ଚାରିପଟେ ପୃଥିବୀ ଘୁରୁଛି ଅଥଚ ସୂର୍ଯ୍ୟଙ୍କର ଅବାସ୍ତବ ଗତିକୁ ଧରି ଆମେ ସୌରବର୍ଷ ଗଣନା କରୁଛୁ। ସୂର୍ଯ୍ୟଙ୍କର ଅବାସ୍ତବ ଗତିପଥକୁ ସୌର ପଥ କୁହନ୍ତି। ଏହି ପଥ ସଂପୂର୍ଣ୍ଣ ବୃ ।କାର ନ ହୋଇ ଉପବୃ ।କାର ବା ଅଣ୍ଡାକାର ଅଟେ। ଏହି ଅଣ୍ଡାକାର ପଥ ରାଶି ଦୃଷ୍ଟିରୁ ବାର ଭାଗ ଅଟନ୍ତି ଏବଂ ପଦ ଦୃଷ୍ଟିରୁ ଚାରିପଦ ଅଟନ୍ତି। ଏମାନେ ବିଷ୍ଣୁପଦ ଭାବେ ନାମିତ। ଏହି ପଦଗୁଡ଼ିକ ମାର୍ଚ୍ଚ ୨୧, ଜୁନ୍ ୨୧, ସେପ୍ଟେମ୍ବର ୨୩ ଏବଂ ଡ଼ିସେମ୍ବର ୨୨ ସହିତ ସମ୍ପର୍କିତ। ମାର୍ଚ୍ଚ ୨୧ ଓ ସେପ୍ଟେମ୍ବର ୨୩ ଦିନ ସୂର୍ଯ୍ୟ ବିଷୁବ ପଦ ବା ବିଷୁବ ରେଖାଉପରେ ଅବସ୍ଥାନ କରୁଥିବାରୁ ଏହି ଦିନ ପୃଥିବୀର ସର୍ବତ୍ର ଦିବାରାତ୍ର ସମାନ ରୁହେ। ଅର୍ଥାତ୍ ସୂର୍ଯ୍ୟ ସକାଳ ୬ଟାରେ ଉଦୟ ହୋଇ ସଂଧ୍ୟା ୬ଟାରେ ବୁଡ଼ନ୍ତି। ମାର୍ଚ୍ଚ ୨୧ ତାରିଖକୁ ବାସନ୍ତୀକା ବିଷୁବ ବା ମହାବିଷୁବ କୁହାଯାଏ କାରଣ ଏହା ପ୍ରାୟତଃ ବସନ୍ତ ଋତୁରେ ପଡ଼େ। ସେପ୍ଟେମ୍ବର ୨୩କୁ ଶାରଦୀୟ ବା ଜଳ ବିଷୁବ କୁହନ୍ତି। ମହାବିଷୁବ ବା ଜଳବିଷୁବ ନିରକ୍ଷ ବୃ  ଏବଂ କ୍ରାନ୍ତିବୃ  ର ଗୋଟିଏ ଗୋଟିଏ ଛେଦବିନ୍ଦୁ। କ୍ରାନ୍ତି କହିଲେ ଗ୍ରହମାନଙ୍କର ଗତିପଥକୁ ବୁଝାଏ।ମାର୍ଚ୍ଚ ୨୧ ତାରିଖ ଠାରୁ ସୂର୍ଯ୍ୟଙ୍କର ବିଷୁବ ରେଖାରୁ ଉ  ର ଦିଗକୁ ଗତିହୁଏ ଏବଂ ଜୁନ୍ ୨୧ରେ ଯେଉଁ କାଳ୍ପନିକ ବିନ୍ଦୁ ଉପରେ ଅବସ୍ଥାନ କରନ୍ତି ତାକୁ କର୍କଟ କ୍ରାନ୍ତି କୁହନ୍ତି। ସେହିଠାରୁ ପୁଣି ଦକ୍ଷିଣାୟନ ଗତି ଆରମ୍ଭ ହୁଏ ବିଷୁବ ରେଖା ଆଡ଼େ ଏବଂ ସେପ୍ଟେମ୍ବର ୨୩ରେ ସୂର୍ଯ୍ୟ ପୁନର୍ବାର ବିଷୁବ ରେଖା ଉପରେ ଅବସ୍ଥାନ କରନ୍ତି ଓ ପୁନର୍ବାର ଦିନରାତି ସର୍ବତ୍ର ସମାନ ରୁହେ। ଏହା ପରଠୁ ପୁଣି ସୂର୍ଯ୍ୟଙ୍କର ଦକ୍ଷିଣାୟନ ଗତି ଡିସେମ୍ବର ୨୨ ଯାଏଁ। ତୁଳା ସଂକ୍ରାନ୍ତି ଦିନ ଠାରୁ ପୁଣି ସୂର୍ଯ୍ୟଙ୍କର ଫେରନ୍ତା ଗତି ବିଷୁବ ରେଖାକୁ ଏବଂ ୨୧ ମାର୍ଚ୍ଚ ଦିନ ପୁନଶ୍ଚ ଦିବାରାତ୍ର ସମାନ।

ସଂକ୍ରାନ୍ତି ଘରକୁ ଧରି ୧୨ ରାଶିକୁ ୪ଭାଗରେ ବିଭକ୍ତ କରାଯାଇଛି। ଯଥା ବିଷୁବ : ମେଷ ଓ ତୁଳା, ଅୟନ : କର୍କଟ ଓ ମକର , ଷଡ଼ଶୀତି : ମିଥୁନ, କନ୍ୟା, ଧନୁ ଓ ମୀନ, ଏବଂ ବିଷ୍ଣୁପଦୀ : ବୃଷ, ସିଂହ, ବିଛା ଓ କୁମ୍ଭ। 'ଅୟନ' କହିଲେ ନିର୍ଦ୍ଦିଷ୍ଟ ବିନ୍ଦୁର କୌଣସି ସ୍ଥାନକୁ ଗତି। ଜୁନ ୨୧ରେ ସୂର୍ଯ୍ୟ କର୍କଟ କ୍ରାନ୍ତି ଓ ଡିସେମ୍ବର ୨୨ରେ ମକର କ୍ରାନ୍ତି ଉପରେ ଅବସ୍ଥାନକରନ୍ତି। ଏହି ଦିନଗୁଡ଼ିକରେ ଯଥାକ୍ରମେ ଉ  ର ଓ ଦକ୍ଷିଣ ଗୋଲାର୍ଦ୍ଧରେ ଦିନବଡ଼  ଏବଂ ବିପରୀତ କ୍ରମେ ଗତି ଅବସ୍ଥାନ ନେଇ ରାତି ଛୋଟ।ସଂକ୍ରାନ୍ତି ଏକ ପବିତ୍ର ଦିବସ। ଏହିଦିନ ବ୍ରତ, ଉପବାସ ଏବଂ ଦାନ ଧର୍ମ କଲେ ପୁଣ୍ୟଫଳ ମିଳେ ବୋଲି ହିନ୍ଦୁମାନେ ବିଶ୍ୱାସ କରନ୍ତି। ସବୁ ସଂକ୍ରାନ୍ତି ଅପେକ୍ଷା ମହାବିଷୁବ ସଂକ୍ରାନ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ସୂର୍ଯ୍ୟପୂଜନର ଏକ ମାହେନ୍ଦ୍ର ମୁହୂ ର୍ତ। ଆମେ ତାଙ୍କୁ ନିମ୍ନମତେ ପ୍ରାର୍ଥନା କରୁ :

ହେ ସୂର୍ଯ୍ୟଦେବ ! ଆଜି ଉଦୟ ହେବା ସଂଗେ ସଂଗେ ଆପଣ ଆମକୁ ନିଷ୍ପାପ କରି ଦିଅନ୍ତୁ। ହେ ଅଦିତେ, ଆମେ ମିତ୍ରବରୁଣା ଦେବଙ୍କର ପ୍ରିୟପାତ୍ର ହେଉ। ହେ ଆଦ୍ୟମିନ୍ (ଦାତା) ! ଆମେ ଆପଣଙ୍କର କୃପାର ପ୍ରିୟପାତ୍ର ହେଉ।

ହେ ଆର୍ଯ୍ୟମାନ୍ ! ଆପଣଙ୍କର କୃପାଲାଭ କରିବା ପାଇଁ ଆମେ ପ୍ରାର୍ଥନା କରୁଛୁ। ଆସନ୍ତୁ ଆମେ ସେହି ସୂର୍ଯ୍ୟଙ୍କୁ ଉପଲବ୍ଧ କରିବା, ସେ ଆଲୋକ ପ୍ରଦାନକାରୀଙ୍କୁ ଧ୍ୟାନ କରିବା। ଅଦିତିଙ୍କ ପୁତ୍ର ଆଦିତ୍ୟ ଆମକୁ ଜ୍ଞାନାଲୋକରେ ଭାସ୍କର କରନ୍ତୁ।

ଭାସ୍କରାୟ ବିଦ୍ମହେ ମହଦ୍ୟୁତିକରାୟ ଧୀମହି, ତନ୍ନୋ ଆଦିତ୍ୟଃ ପ୍ରଚୋଦୟାତ୍। (ଗାୟତ୍ରୀ)

ବିଷୁବ ସଂକ୍ରାନ୍ତି ଦିନ ସୂର୍ଯ୍ୟଙ୍କର ଅବାସ୍ତବ ଉ  ରାୟଣ ଗତି ଆରମ୍ଭ ହୁଏ। ରାଶିଚକ୍ରରେ ଏହାହିଁ ପ୍ରଥମ ଦିନ। ଏହା ମଧ୍ୟ ମେଷରାଶିର ପ୍ରଥମ ଦିବସ। ଭାରତୀୟ ପ୍ରାମାଣିକ ସମୟର ସମୟ ନିର୍ଘ  ମେଷ ସଂକ୍ରାନ୍ତି ରୂପେ ବିଦିତ। ଏହିଦିନ ସର୍ବ ନିୟନ୍ତା ସର୍ବ ପ୍ରାଣ ଏବଂ ସର୍ବକ ର୍ତ୍ତା ମହିମମୟ ସୂର୍ଯ୍ୟଙ୍କର ସ୍ୱାଗତିକା ଗାନ କରାଯାଏ। ତାଙ୍କ ସ୍ୱାଗତିକା ପାଇଁ କି ମଠ ! କି ମନ୍ଦିର ! କି ହିନ୍ଦୁଗୃହ ଚଳ ଚ  ଳ ହୋଇଉଠେ। ନୂତନ ପୋଷାକ ପରିଧାନ ପୂର୍ବକ ଆମେ ତାଙ୍କୁ ସ୍ୱାଗତ କରୁ।

ଓଡ଼ିଆ ସଂସ୍କୃତି ଜଗନ୍ନାଥ ସଂସ୍କୃତିକୁ ବୁଝାଏ। ଏଣୁ ଶ୍ରୀ ମନ୍ଦିରରୁ ହିଁ ସବୁ ଆରମ୍ଭ। ପ୍ରତ୍ୟୁଷରୁ ପାରମ୍ପରିକ ରୀତିରେ ପଣା ପ୍ରସ୍ତୁତ ହୁଏ। ଗ୍ରୀଷ୍ମର ଆଦ୍ୟ ହେତୁ ପଣାରେ ଥଣ୍ଡା ଏବଂ ସ୍ୱାସ୍ଥ୍ୟକର ଦ୍ରବ୍ୟ ବ୍ୟବହାର କରାଯାଏ। ବିଶେଷକରି କ  । ଆମ୍ବ, ପାଚିଲା ଆମ୍ବରସ, ପାଚିଲା ବେଲ, ନଡ଼ିଆ, ଛେନା, କ୍ଷୀର, ଦହି, ନବାତ, ଗୁଡ଼, ଆଖୁରସ, ଗୋଲମରିଚ, କାଜୁ, କିସ୍ମିସ୍, ସାକରକନ୍ଦ ଏବଂ ଅନେକ କିଛି । ଏହିଦିନ ସାଂଗସାଥୀ ଏବଂ ବନ୍ଧୁବାନ୍ଧବମାନଙ୍କୁ ଘରକୁ ସ୍ୱାଗତ କରି ପଣାରେ ଆପ୍ୟାୟିତ କରାଯାଏ। ଏହା ଏକ ଦିବସ ବ୍ୟାପୀ କାର୍ଯ୍ୟକ୍ରମର ସାମାଜିକ ପର୍ବ। ସଂଧ୍ୟାକୁ ବିଭିନ୍ନ ସ୍ଥାନରେ ସାହିତ୍ୟ ଚର୍ଚ୍ଚା, କବିତା ପାଠୋତ୍ସବ, ସଂଗୀତ ଆସର ଏବଂ ନୃତ୍ୟଗୀତ ଇତ୍ୟାଦିର ଆୟୋଜନ ହୋଇଥାଏ।

ପଦ୍ମପୁରାଣ , ସ୍କନ୍ଦ ପୁରାଣ, ମତ୍ସ୍ୟ ପୁରାଣ, ଭବିଷ୍ୟ ପୁରାଣ, ବ୍ରହ୍ମାଣ୍ଡ ପୁରାଣ, ଜ୍ୟୋତି ଏବଂ ଆୟୁର୍ବେଦ ଶାସ୍ତ୍ରମାନଙ୍କରେ ମଧ୍ୟ ମହାବିଷୁବ ସଂକ୍ରାନ୍ତିର ପ୍ରଶସ୍ତି ଗାନ କରାଯାଇଛି। ଆୟୁର୍ବେଦ ଶାସ୍ତ୍ରରେ ଚିକିତ୍ସା ସଂପର୍କରେ ଲେଖାଅଛି :

ମସୁରଂ ନିମ୍ବପତ୍ରଂ ଚ
ଯୋଽଭି ମେଷଗତେରବୌ
ଅତି ରୋଷାନ୍ୱିତସ୍ତସ୍ୟ ତକ୍ଷକଃ
କିଂ କରିଷ୍ୟତି ।।

ଅର୍ଥାତ୍ ମେଷ ସଂକ୍ରାନ୍ତି (ମହାବିଷୁବ) ଦିନ ସମପରିମାଣ ମସୁର ଓ ନିମ୍ବପତ୍ର ଚୋବାଇ ଖାଇଲେ, ବର୍ଷେଯାଏ ବିଷାକ୍ତ ସର୍ପର ଦଂଶନକୁ ରୋକିବାର ଶକ୍ତି ଲାଭ ହୁଏ।

ମହାବିଷୁବ (ବାସନ୍ତୀକା) ସଂକ୍ରାନ୍ତିକୁ ଓଡ଼ିଶାରେ ପଣାସଂକ୍ରାନ୍ତି, ବଙ୍ଗଳାରେ ଚୈତ୍ର ସଂକ୍ରାନ୍ତି, ଉ  ର ଭାରତରେ .... ସଂକ୍ରାନ୍ତି, କେରଳରେ ବିଷୁ, ପଞ୍ଜାବରେ ବୈଶାଖି, ମଣିପୁରରେ ଚୈରୋବା, ତାମିଲ ନାଡୁରେ ମୋଷାଡି ଇତ୍ୟାଦି ନାମରେ ପାଳିତ ହୁଏ। ଓଡ଼ିଶା ନବବର୍ଷ ଏହି ସଂକ୍ରାନ୍ତି ଠାରୁ ଆରମ୍ଭ ହୁଏ। ଏହି ଦିନଠାରୁ ବାର୍ଷିକ ପାଞ୍ଜିର ଆରମ୍ଭ। ଗାଁ ଗହଳିରେ ପାଞ୍ଜିପାଠ ହୁଏ। ସୂର୍ଯ୍ୟ ଓ ଅଗ୍ନିଙ୍କର ସଂପର୍କ ଏକାକାର ହେତୁ ଓଡ଼ିଶାରେ ନିଆଁରେ ଚାଲିବା ଝାମୁଯାତ୍ରା, ଦଣ୍ଡନୃତ୍ୟ, ଘ ପାଟୁଆ ଏଂ ଆଦିବାସୀ ପରମ୍ପରାରେ 'କେଡ଼' ଓ ଝଙ୍ଗଡ଼ି ପର୍ବ ସାନ୍ତାଳମାନଙ୍କର ପାଟ ପର୍ବ ଓ ଶିକାର ପର୍ବ ଇତ୍ୟାଦି ସୂର୍ଯ୍ୟଙ୍କ ସମର୍ପିତ ପର୍ବ। ଏହା ଓଡ଼ିଶାର ପରମ୍ପରା ଓ ସଂସ୍କୃତିର ଏକ ଆନନ୍ଦ ଓ ଉଲ୍ଲାସର ଦିନ ତଥା ହିନ୍ଦୁମାନଙ୍କର ଏକ ମହାନ ପର୍ବ।

*ଅଧ୍ୟକ୍ଷ*
*ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନ ବିହାରୀ ପାଠାଗାର, ଜଟଣୀ*
*ଦୂରଭାଷ : ୯୯୩୮୩୪୧୩୮*

# ଶ୍ରୀରାମ ଦୂତଂ ଶରଣଂ ପ୍ରପଦ୍ୟେ

**ଯୋଗୀ ଗଣେଶ୍ୱର**

ମନୋଜବଂ ମାରୁତ ତୁଲ୍ୟ ବେଗଂ,
ଜିତେନ୍ଦ୍ରିୟଂ ବୁଦ୍ଧିମତାଂ ବରିଷ୍ଠମ୍।
ବାତାତ୍ମଜଂ ବାନର ଯୂଥ ମୁଖ୍ୟଂ,ଶ୍ରୀରାମ ଦୂତଂ
ଶରଣଂ ପ୍ରପଦ୍ୟେ ।।

ତ୍ରେତାଯୁଗରେ ତିନିପୁର ଥରହର କରୁଥିବା ରାବଣର ନିଧନ ପାଇଁ ମହାବିଷ୍ଣୁ ଶ୍ରୀରାମ ରୂପରେ ପ୍ରକଟ ହୋଇଥିଲେ। ପ୍ରଭୁ ଅବତାର ଗ୍ରହଣ କରିବା ପରେ ରାମପ୍ରିୟ କୈଳାସପତି ମହାଦେବ ଆନନ୍ଦରେ ଉଲ୍ଲସିତ ହୋଇ ପଡ଼ିଲେ। ଆରାଧ୍ୟ ଦେବତା ଶ୍ରୀରାମଙ୍କ ସେବାରେ ନିୟୋଜିତ ହେବା ପାଇଁ ବ୍ୟାକୁଳ ହୋଇପଡ଼ିଲେ । କେଉଁ ରୂପ ଧାରଣ କରି ଶ୍ରୀରାମଙ୍କ ନିକଟତର ହେବେ ଭାଳି ହେଲେ। ମାତା ପାର୍ବତୀ ମହାଦେବଙ୍କର ଚିନ୍ତାବଦନ ଦେଖି ପଚାରିଲେ-ହେ'ସ୍ୱାମୀ,ଏବେ କିଛି ଦିନ ହେଲା ଏତେ ଚିନ୍ତିତ ହୋଇପଡୁଛ କାହିଁକି ? ମହାଦେବ କହିଲେ ହେ'ପ୍ରିୟେ,ମୋର ଇଷ୍ଟଦେବ ଶ୍ରୀରାମ ମର୍ତ୍ତ୍ୟଲୀଳା ନିମନ୍ତେ ଅଯୋଧ୍ୟାର ରାଜା ଦଶରଥଙ୍କ ଗୃହରେ ଜନ୍ମ ଗ୍ରହଣ କରିଛନ୍ତି । ଯେଉଁ ମଙ୍ଗଳ ଉଦ୍ଦେଶ୍ୟରେ ପ୍ରଭୁ ଅବତରୀ ଆସିଛନ୍ତି ତାଙ୍କୁ ସହାୟତା କରିବା ମୋର ପରମକର୍ତ୍ତବ୍ୟ। ତୁମ୍ଭେ ଜାଣିଛ ଶିବ ଓ ବିଷ୍ଣୁଙ୍କ ଶକ୍ତିରେ ବ୍ରହ୍ମାଣ୍ଡ ତିନିପୁର ଆତଯାତ ହେଉଛି। ଉଭୟଙ୍କ ଶକ୍ତି ଏକତ୍ର ନ ହେଲେ ଆସୁରୀକ ବଳକୁ ଦମନ କରିବା ସମ୍ଭବ ହେବ କିପରି। ଏହି କାରଣରୁ ମୋତେ ଅନ୍ୟ ଏକ ରୂପରେ ପ୍ରକଟ ହେବାକୁ ପଡ଼ିବ । ପାର୍ବତୀ କହିଲେ ଏହା ତ ଆନନ୍ଦର କଥା। ବଳବାନ ଅସୁରଙ୍କୁ ସଂହାର କରୁଥିବା ଶ୍ରୀରାମଙ୍କୁ ସହାୟତା କରିବା ଆମର ପରମ ଧର୍ମ। ତହିଁପରେ ମହାଦେବ ବାୟୁଦେବଙ୍କୁ ସ୍ମରଣ କଲେ। ବାୟୁଦେବ ପହଞ୍ଚିବା ପରେ ଶିବ କହିଲେ ହେ'ବାୟୁଦେବ, ତୁମ୍ଭେ ବ୍ରହ୍ମଜ୍ଞାନୀ ଓ ଅମର। ଇନ୍ଦ୍ରଙ୍କ ଦ୍ୱାରା ଏକରୁ ଅଣଚାଶ ଖଣ୍ଡ ହୋଇ ମଧ୍ୟ ତୁମ୍ଭେ ଅଭିନ୍ନ । ଶ୍ରୀରାମଙ୍କ ଜାଗତିକ ଲୀଳାରେ ଭାଗ ନେବା ପାଇଁ ମୁଁ ଏକ ଶରୀର ଧାରଣ କରିବା ପାଇଁ ଇଚ୍ଛା କରୁଛି । ତୁମ୍ଭେ ବାନରୀ ଅଞ୍ଜନୀଙ୍କ ଶରୀରରୁ ମୋତେ ଜନ୍ମ ଦିଅ। ବାୟୁଦେବ ଶିବଙ୍କ ଜଟାରୁ ଏକ ଚୂଟି ନେଇ ଫେରି ଆସିଲେ। ଅଞ୍ଜନୀ ବାନର ରାଜା କେଶରୀଙ୍କୁ ବିବାହ କରିଥିଲେ । ଦିନେ କେଶରୀ ଓ ଅଞ୍ଜନୀ ମେରୁ ପର୍ବତ ଶୃଙ୍ଗରେ କ୍ରୀଡ଼ାରତ ଥିବାବେଳେ ବାୟୁଦେବ ଅଞ୍ଜନୀଙ୍କ ପଣତ କାନି ଉଡ଼ାଇ ତାଙ୍କୁ ଦୋହଲାଇ ଦେଲେ । ପାଖରେ ରଖିଥିବା ଶିବଙ୍କ ଜଟାର କେଶ ଅଞ୍ଜନୀଙ୍କ ଶରୀରକୁ ନିକ୍ଷେପ କଲେ। ଜଟାର ଚୂଳ ଶରୀରରେ ଲାଗିବା କ୍ଷଣି ଭଗବାନ ଶଙ୍କରଙ୍କ ସୂକ୍ଷ୍ମ ଅଂଶ ଅଞ୍ଜନୀଙ୍କ କର୍ଣ୍ଣ ଗହ୍ୱର ଦେଇ ପ୍ରବେଶ କଲା । କାଳକ୍ରମେ ଅଞ୍ଜନୀ ଗର୍ଭବତୀ ହେଲେ। ଜ୍ୟୋତିଷ ଗଣନା ଅନୁସାରେ ଚୈତ୍ରମାସ ଶୁକ୍ଳପକ୍ଷ ମହାବିଷୁବ ସଂକ୍ରାନ୍ତି ତିଥି ମଙ୍ଗଳବାର ପ୍ରାତଃରେ ଅଞ୍ଜନୀ ହନୁମାନଙ୍କୁ ଜନ୍ମ ଦେଇଥିଲେ। ବାନରୀ ମାନବୀ ରୂପରେ ଗର୍ଭଧାରଣ କରିଥିବାରୁ ମନୁଷ୍ୟ ଶରୀରରେ ବାନର ମୁଖା ହନୁମାନ ଜନ୍ମ ହେଲେ। ହନୁମାନଙ୍କର ଜନ୍ମ ଉତ୍ସବ କେଶରୀ ଓ ଅଞ୍ଜନୀ ମହା ଆଡ଼ମ୍ବରରେ ପାଳନ କରିଥିଲେ। ହନୁମାନ ବାଲ୍ୟକାଳରୁ ବହୁ ବୀରତ୍ୱ ପ୍ରକାଶ କରି ମୁନିଋଷିମାନଙ୍କୁ ବିସ୍ମିତ କରି ଦେଇଥିଲେ। ଯୁବାକାଳରେ ବାନର ରାଜା ସୁଗ୍ରୀବଙ୍କ ସହିତ କିଷ୍କିନ୍ଧା ପର୍ବତରେ ରହୁଥିଲେ। ଶ୍ରୀରାମଙ୍କ ବନବାସ କାଳରେ ମାତା ସୀତାଙ୍କୁ ରାବଣ ହରଣ କରି ନେଲା। ଏପରି ବିପତ୍ତି କାଳରେ ଶ୍ରୀରାମ ଓ ହନୁମାନଙ୍କର କିଷ୍କିନ୍ଧା ଅରଣ୍ୟରେ ପ୍ରଥମ ଭେଟ ହୋଇଥିଲା। ଶ୍ରୀରାମଙ୍କ ସହିତ ସାକ୍ଷାତ ହେବାପରେ ହନୁମାନ ପ୍ରଭୁଙ୍କ ସେବାରେ ମଜ୍ଜିଗଲେ। ଶ୍ରୀରାମ ସୀତାଙ୍କ ହରଣ ସମ୍ବାଦ ଜଟାୟୁଙ୍କ ମୁଖରୁ ଶୁଣିଥିଲେ। ସତ୍ୟାସତ୍ୟ ଜାଣିବା ପାଇଁ ଲଙ୍କାକୁ ଜଣେ ଯୋଦ୍ଧାଙ୍କୁ ପଠାଇବା ନିମନ୍ତେ ସ୍ଥିର କଲେ। ସୁଗ୍ରୀବ ଜାମ୍ବବାନ ଆଦି ଶୁଭ ଚିନ୍ତକମାନେ କହିଲେ ହନୁମାନ କେବଳ ସମୁଦ୍ର ଡେଇଁ ଲଙ୍କାରେ ପ୍ରବେଶ କରି ପାରିବେ। ସୀତାଙ୍କୁ ଠାବ କରିବା ଦାୟିତ୍ୱ ହନୁମାନଙ୍କୁ ଦିଆଯାଉ। ଶ୍ରୀରାମ ହନୁମାନଙ୍କୁ ଲଙ୍କା ଯିବା ପାଇଁ କହିଲେ। ଏହି ସମ୍ବାଦ ଶୁଣି ଅଞ୍ଜନୀ ବ୍ୟତିବ୍ୟସ୍ତ ହୋଇ ପଡ଼ିଲେ। ମେରୁ ପର୍ବତରେ ଥାଇ ଉଚ୍ଚସ୍ୱରରେ ଡାକିଲେ ହେ'ପୁତ୍ର, ତୁ ଏକା ଡିଆଁକେ ସମୁଦ୍ର ପାର ହେବା ପାଇଁ ତୋ ଦେହରେ ବଳ କାହୁଁ ଆସିବ। ହନୁମାନ କହିଲେ ହେ'ମାତା, ତୁମ୍ଭେ ଚିନ୍ତା କର ନାହିଁ, ମୋ ପ୍ରଭୁଙ୍କର କୃପାବଳରେ ମୁଁ ସମୁଦ୍ର ଡେଇଁ ପାରିବି। ଅଞ୍ଜନୀ ହସି ହସି କହିଲେ ପୁଅ, ତୁ ଜାଣି ନାହୁଁ ମା'କ୍ଷୀର ଠାରୁ ବଳି ଅଧିକ ଶକ୍ତି କାହାର ନାହିଁ। ତୁ ମୋର କ୍ଷୀର ପିଇଲେ ଅକ୍ଳେଶରେ ଲଙ୍କାରେ ପହଞ୍ଚି ପାରିବୁ। ମୁଁ ସ୍ତନ ଚିପୁଡ଼ି ଦେଉଛି, ତୁ ସେଇଠି ଥାଇ ପେଟପୁରାଇ ପିଇ ଦିଏ। ମାତାଙ୍କ ବୋଲ ମାନି ହନୁମାନ ପାଟି ମେଲାଇ ଦେଲେ। ଅଞ୍ଜନୀ ସ୍ତନ ଧରି ଚିପୁଡ଼ନ୍ତେ ମେରୁ ପର୍ବତ ଠାରୁ କିଷ୍କିନ୍ଧା ପର୍ବତ ଯାଏଁ କ୍ଷୀରର ପିଚ୍‌କରୀ ଧାର ବହି ଆସିଲା। ହନୁମାନ ମନଭରି ମାଆଙ୍କର ବକ୍ଷ କ୍ଷୀର ପିଇଲେ। ତହିଁପରେ ସମୁଦ୍ର ଡେଇଁ ଲଙ୍କାରେ ପହଞ୍ଚି ଥିଲେ। ରାମ ରାବଣ ଯୁଦ୍ଧ ବେଳେ ରାବଣ ଶିବଭକ୍ତ ହୋଇଥିବାରୁ ହନୁମାନ ତାଙ୍କୁ ପ୍ରହାର କରି ନଥିଲେ। ମାତ୍ର ଶ୍ରୀରାମଙ୍କ ବାଣରେ ମାରିବା ପାଇଁ ସବୁ ପ୍ରକାର ସହାୟତା କରିଥିଲେ । ରାବଣର ମୃତ୍ୟୁ ପରେ ଶ୍ରୀରାମ ଲଙ୍କାରୁ ସୀତାଙ୍କୁ ଆଣି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କଲେ । ରାଜ ସିଂହାସନ ଆରୋହଣ କରି ପ୍ରଜାପାଳନରେ ମନୋନିବେଶ କଲେ। ରାମରାଜ୍ୟ ପରିଚାଳନାରେ ହନୁମାନଙ୍କ ଅବଦାନ ଥିଲା ଅତୁଳନୀୟ । ପ୍ରଜାମାନଙ୍କର ବିପଦ କାଳରେ ପହଞ୍ଚି ଯାଉଥିଲେ ଓ ସମସ୍ତ ସମସ୍ୟାକୁ ତୁରନ୍ତ ସମାଧାନ କରୁଥିଲେ । ଜ୍ଞାନ,ବଳ,ବୁଦ୍ଧି, ଗୁଣଗ୍ରାହୀ ମଙ୍ଗଳକର୍ତ୍ତା ମହାବୀର ହନୁମାନଙ୍କୁ ଯିଏ ଯେତେବେଳେ ବିପଦରେ ପଡ଼ି ଡାକୁଥିଲେ ସେ ତୁରନ୍ତ ପହଞ୍ଚି ସୁରକ୍ଷା ଦେଉଥିଲେ । କର୍ତ୍ତବ୍ୟ କର୍ମରେ ପାରଦର୍ଶିତା ଦେଖାଇ ହନୁମାନ ଶ୍ରୀରାମଙ୍କ କୃପାଲାଭ କଲେ ଓ ଯୁଗ ଯୁଗ ଧରି ରାମ ଦରବାରରେ ସ୍ଥାନ ଅଳଙ୍କୃତ କଲେ। ହନୁମାନ ଜିତେନ୍ଦ୍ରିୟ ଆଜନ୍ମ ବ୍ରହ୍ମଚାରୀ ଅଟନ୍ତି । ତେଜିୟାନ୍ ବପୁ ଓ ବଳରେ ଜଗତର ସମସ୍ତ ବଳବାନ ଅସୁରଙ୍କୁ ନିପାତ କରନ୍ତି । ଶ୍ରୀରାମଙ୍କର ଅଲୌକିକ ଗୁଣକୁ ଧାରଣ କରି ଜଗତରେ କାର୍ଯ୍ୟ ତୁଲାନ୍ତି । ଶ୍ରୀରାମ ବୈକୁଣ୍ଠ ପୁରକୁ ପ୍ରତ୍ୟାବର୍ତ୍ତନ କରିବା ବେଳେ ହନୁମାନଙ୍କୁ ଅମର ବର ପ୍ରଦାନ କରିଥିଲେ। ଧାର୍ମିକ ମାନବସମାଜ ଗଠନରେ ମନୋନିବେଶ କରିବା ପାଇଁ ପରାମର୍ଶ ଦେଇଥିଲେ। ଶ୍ରୀରାମଙ୍କ ବଚନ ରକ୍ଷା କରି ହନୁମାନ ଦୁଷ୍ଟଙ୍କୁ ସଂହାର ସାଧୁ ମନୁଷ୍ୟଙ୍କ ସଙ୍କଟମୋଚନ ନିମନ୍ତେ ଜଗତବୁକୁରେ ସର୍ବଦା ବିଚରଣ କରନ୍ତି। ଯେଉଁମାନେ ବିପଦ କାଳରେ ହନୁମାନଙ୍କର ଶରଣାପନ୍ନ ହୁଅନ୍ତି ସେମାନଙ୍କୁ ହନୁମାନ ନିଶ୍ଚୟ ସହାୟତା କରନ୍ତି । ରୋଗ,ଶୋକ,ପରିତାପରୁ ରକ୍ଷା କରନ୍ତି।"ନାଶୈ ରୋଗ ହେରୈ ସବ ପୀରା,ଜପତ ନିରନ୍ତର ହନୁମତ ବୀରା। ଭୂତ ପିଶାଚ ନିକଟ ନହିଁ ଆୱେ, ମହାବୀର ଜବ ନାମ ସୁନାୱେ।"ଯେଉଁ ସ୍ଥାନରେ ଶ୍ରୀରାମଙ୍କର ଗୁଣଗାନ, ଯଜ୍ଞ, ନାମଜପ ଆଦି ହେଉଥିବ ସେଠାରେ ହନୁମାନ ଉପସ୍ଥିତ ରହି କାର୍ଯ୍ୟ ସମ୍ପାଦନରେ ଭାଗୀଦାର ହୁଅନ୍ତି। ଦୁଷ୍ଟଜନଙ୍କ କ୍ରୋଧରୁ ସାଧୁଜନଙ୍କୁ ହନୁମାନ ସର୍ବଦା ରକ୍ଷା କରନ୍ତି। ରାମନାମ ଜପ କରୁଥିବା ମନୁଷ୍ୟଙ୍କର ପ୍ରିୟ ବନ୍ଧୁ ଅଟନ୍ତି। ହନୁମାନ କ୍ଷମାଶୀଳ, ଦୟାଶୀଳ ଶ୍ରୀରାମଙ୍କ ଗୁଣଧାରୀ କୃପାଳୁ ମହାରାଜ। ମହାବଳୀୟାର ପବନ ପୁତ୍ରଙ୍କ ଜନ୍ମ ଜୟନ୍ତୀ ତିଥିରେ ପ୍ରତ୍ୟେକ ମନୁଷ୍ୟ ତାଙ୍କ ଶରଣାପନ୍ନ ହୋଇ ସତ୍ୟ,ନ୍ୟାୟ, ଧର୍ମରେ ଜୀବନ ନିର୍ବାହ କଲେ ମହାବୀରଙ୍କ କୃପା ଅବଶ୍ୟ ମିଳିଥାଏ। ଜୟ ଶ୍ରୀରାମ।

*ମିଶନ ଭାଗବତ, ଭୁବନେଶ୍ୱର*
*ମୋ-୯୬୬୮୬୩୧୨୫୭*

# ଯେଉଁମାନଙ୍କୁ ଦଳ ବାଛିଚି, ସେମାନେ ଲୋକଙ୍କ ପସନ୍ଦ ତ ?



ଗୋପୀନାଥ ଦାଶ

ସୂର୍ଯ୍ୟଦେବଙ୍କ ଖରାର ତାତିଠାରୁ ରାଜନୀତିର ତାତି ବଢ଼ିଗଲାଣି। ରାଜ୍ୟର ତିନି ତିନୋଟି ରାଜନୈତିକ ଦଳ ପ୍ରାର୍ଥୀ ଚୟନ ଆରମ୍ଭ କରି ରାଉଣ୍ଡ ଅନୁଯାୟୀ ତାଲିକା ଘୋଷଣା କରୁଛନ୍ତି। କହିବାକୁ ଗଲେ ମୁଖ୍ୟ ନିର୍ବାଚନ ମଣ୍ଡଳୀର ତାଲିକାସବୁ ଘୋଷଣା ହୋଇସାରିଲାଣି। ତଥାପି ବିଭିନ୍ନ ଦଳ ଭିତରେ ଦଳଡିଆଁ ପର୍ବ ଚାଲିଛି। କିଏ ସକାଳୁ ଦଳ ଡେଇଁ ସନ୍ଧ୍ୟାବେଳେ ପତିପକ୍ଷ ଦଳର ଟିକେଟ ପାଇସାରିଲାଣି ତ କିଏ ଜବାବ ପାଇବା ପରେ ଅନ୍ୟ ଦଳକୁ ଲମ୍ଫ ପ୍ରଦାନ କରୁଛନ୍ତି। ତେବେ ଅନେକ ଦଳ ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ନିର୍ବାଚନ ମଣ୍ଡଳୀ ପାଇଁ ଅଡୁଆରେ ପଡ଼ି ପ୍ରାର୍ଥୀ ଚୟନ କରିପାରି ନାହାନ୍ତି। ତେବେ ଅଳ୍ପ ବହୁତେ ଅଧିକାଂଶ ଲୋକସଭା ଓ ବିଧାନସଭା ସିଟ୍ ପାଇଁ ପ୍ରାର୍ଥୀମାନଙ୍କ ନାମ ତାଲିକା ଦଳ ପକ୍ଷରୁ ଘୋଷଣା ହୋଇସାରିଲାଣି। ପ୍ରାୟତଃ ଦଳମାନେ ବିଜୟ ସମ୍ଭାବନାକୁ ଦେଖି ଚେହେରାମାନଙ୍କୁ ସାମ୍ନାକୁ ଆଣିଥାନ୍ତି। କେତେକ କ୍ଷେତ୍ରରେ ପୁରୁଣା ମୁହଁ କଟିଯାଆନ୍ତି ଓ ନୂଆ ପ୍ରାର୍ଥୀ ସମ୍ଭାବ୍ୟ ଲଢ଼େଇର ସେନାପତି ସାଜିଥାନ୍ତି। ପୁରୁଣାକୁ ନେଲେ ଅଭିଜ୍ଞତା ମିଳିପାରିବ ଆଉ ବିରୋଧାଭାସ ପ୍ରାୟତଃ ରହିବ ନାହିଁ। ତେଣୁ ଏଥିପାଇଁ ପୁରୁଣାମାନଙ୍କୁ ପୁନର୍ବାର ପ୍ରାୟତଃ ଏହି ମାପକାଠିରେ ସୁଯୋଗ ଦିଆଯାଇଥାଏ। ଇଆଡ଼େ ନୂଆମାନଙ୍କୁ ଦେଲେ ସେମାନେ ପୁରୁଣାମାନଙ୍କର ଭିତିରିଆ ଚେର କାଟିପାରନ୍ତି, ସେମିତି ସମ୍ଭାବନା ରହିଥାଏ। ତେଣୁ ଏପରି କ୍ଷେତ୍ରରେ ଦଳର ମୁଖିଆ ବା ସୁପ୍ରିମୋ ଅଣଦେଖା ନ କରି ଅଭିଜ୍ଞତା, ଲୋକପ୍ରିୟତା, ଜନାଧାର ଓ ଅନୁଗତଙ୍କୁ ଗୁରୁତ୍ୱ ଦେଇ ଟିକେଟ ପ୍ରଦାନ କରିଥାନ୍ତି। ରାଜନୀତିରେ ଆଉ ନୂଆ ହୋଇ ରହିନାହିଁ ପ୍ରାର୍ଥୀମାନଙ୍କ ବଦଳରେ ତାଙ୍କରି ପରିବାରର ଜଣେ କାହାକୁ ଟିକେଟ ଦେବାକୁ ନେଇ। କହିବାକୁ ଗଲେ ପରିବାରବାଦ ଏବେ ରାଜନୀତିର ଏକ ସ୍ୱତନ୍ତ୍ରତା ପାଲଟି ଗଲାଣି। ଏ କ୍ଷେତ୍ରରେ ବିଜେଡ଼ି ଓ କଂଗ୍ରେସଙ୍କ ସ୍ଥାନ ସ୍ୱତନ୍ତ୍ର ରହିଛି। ଭୁବନେଶ୍ୱର ସିଟ୍‌ରେ ସକାଳେ କଂଗ୍ରେସର ପୁରୁଖା ନେତା ସୁରବାବୁଙ୍କ ପୁଅ ମନ୍ମଥ ବାବୁ ବିଜେଡ଼ିରେ ମିଶିବା ପରେ ରାତାରାତି ଟିକେଟ ପାଇଲେ। ସେହିପରି କେନ୍ଦ୍ରାପଡ଼ାରେ କଂଗ୍ରେସରୁ ଆସି ଅଂଶୁମାନ ବାବୁ ବିଜେଡ଼ିରେ ମିଶିବା ପରେ ସେ ଏବେ ବିଜେପିର ହେଭିୱେଟ୍ ବୈଜୟନ୍ତ ବାବୁଙ୍କ ସହ ଲଢ଼ିବେ। ସମ୍ମାନଜନକ ସମ୍ବଲପୁର କ୍ଷେତ୍ରରେ ବିଜେପିର କେନ୍ଦ୍ରମନ୍ତ୍ରୀ ତଥା ଓଡ଼ିଶା ବିଜେପିର ପୋଷ୍ଟର ବୟ କୁହାଯାଉଥିବା ଧର୍ମେନ୍ଦ୍ର ପ୍ରଧାନଙ୍କ ସହିତ ବିଜେଡ଼ିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଲଢ଼େଇ ହେବ। ଇଏ ତ ସବୁ ରାଜନୈତିକ ଲଢ଼େଇର କଥା। ତେବେ ଆମ ଶୀର୍ଷକ ଉପରେ ଆସନ୍ତୁ ଛୋଟିଆ ଆଲୋଚନାଟି ରଖିବା। ଆଜିର ପ୍ରଚାର ସର୍ବସ୍ୱ ଓ ସମୟସାପେକ୍ଷ ତଥା ବ୍ୟୟବହୁଳ ନିର୍ବାଚନକୁ ଦେଖିଲେ ଯେ କେହି କହିବ ରାଜନୀତି ଆଉ ସହଜ ନୁହଁ। ନୀତି ଓ ମୂଲ୍ୟବୋଧକୁ କ'ଣ ସବୁ କ୍ଷେତ୍ରରେ ଗ୍ରହଣ କରାଯାଉଛି କି ? ଚଳିତ ବିଧାନସଭା ନିର୍ବାଚନ ଭିତରେ ଏକ ଛୋଟିଆ ପ୍ରସଙ୍ଗଟି ଏଠାରେ ଉଠାଉଛି। ଯାଜପୁର ଜିଲ୍ଲାର ବଡ଼ଚଣା ନିର୍ବାଚନ ମଣ୍ଡଳୀ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ମଣ୍ଡଳୀ। ଏଠାରେ ଚଳିତ ଥର ବିଜେପି ଦଳ ପକ୍ଷରୁ ପ୍ରାର୍ଥୀ ହୋଇଛନ୍ତି ଲୋକପ୍ରିୟ ଯୁବ ନିଷ୍କଳଙ୍କ ଚେହେରା ଅମର କୁମାର ନାୟକ। ସେ ଏହା ପୂର୍ବରୁ ମଧ୍ୟ ଦୁଇଥର ଲଢ଼ିଛନ୍ତି। ତାଙ୍କ ଘର ଦର୍ପଣ ସନିକଟ ଶାଳପଡ଼ା ଗ୍ରାମରେ। ଜିଓଲୋଜିରେ ସେ ସ୍ନାତକୋତ୍ତର ଉଚ୍ଚଶିକ୍ଷାପ୍ରାପ୍ତ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରୁ ୧୯୯୨ରୁ ୧୯୯୫ ସମୟ ଭିତରେ ଛାତ୍ର ରାଜନୀତିରେ ଜଡ଼ିତ ହୋଇ ଛାତ୍ର ସଂସଦର ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ଆଚରଣ ଓ ନୀତି କ୍ଷେତ୍ରରେ ସେ ସଦାସର୍ବଦା ଛାତ୍ର ଜୀବନରୁ ମୂଲ୍ୟବୋଧକୁ ମାପକାଠି ଭାବେ ଗ୍ରହଣ କରି ସଦାସର୍ବଦା ଜନସେବାରେ ନିଜକୁ ବ୍ରତୀ ରଖିଛନ୍ତି। ରାଜନୀତି ତାଙ୍କ ପାଇଁ ନୀତି ଆଉ ସମାଜସେବା। ଏହି ମାପଦଣ୍ଡ ହେଉଛି ତାଙ୍କ ଜୀବନର ଆଦର୍ଶ। ଯାହା ଫଳରେ ଗତ ବିଧାନସଭା ନିର୍ବାଚନ ବେଳେ ସେ ମାତ୍ର ୧୫୦୦ ଭୋଟ୍ ଭିତରେ ପ୍ରତିପକ୍ଷଙ୍କଠାରୁ ପରାସ୍ତ ହୋଇଥିଲେ। ତାଙ୍କ ପାଖରେ ଅର୍ଥବଳ, ବାହୁବଳ, ପ୍ରତିପତ୍ତି କିଛି ବି ନଥିଲା। ହେଲେ ଲୋକମାନଙ୍କର ଗ୍ରହଣୀୟତା ତାଙ୍କୁ ଲୋକ ପ୍ରତିନିଧିମୂଳକ ଶାସନ ବ୍ୟବସ୍ଥା ପାଇଁ ବାଧ୍ୟ କରିଥିଲା ରାଜନୀତିକୁ ଆସିବାପାଇଁ।


ରାଜନୀତିରେ ମୂଲ୍ୟବୋଧ ଆଜିକାଲି କ୍ୱଚିତ୍ ଦେଖିବାକୁ ମିଳୁଛି। ରାଜନୀତିକ ଦଳମାନେ ଟିକେଟେ ବଣ୍ଟନ ସମୟରେ ଦଳ ପ୍ରତି ଆନୁଗତ୍ୟ ଓ ପ୍ରତିପତ୍ତି ତଥା ଲୋକପ୍ରିୟତାକୁ ଯେଉଁ ଆଧାର କରୁଛନ୍ତି ତାହା ନୀତିଯୁକ୍ତ ହେଲେ ମୂଲ୍ୟବୋଧ ପ୍ରତୀୟମାନ ହୁଅନ୍ତା। ସରକାର କେବଳ ଲୋକାଭିମୁଖୀ ଓ ଆକର୍ଷଣୀୟ ଯୋଜନାସବୁ କରିଦେଲେ ଏହାଦ୍ୱାରା ଭୋଟ୍ ଏକପ୍ରକାର ଯୋଗାଡ଼ କରିହୁଏ। କିନ୍ତୁ ଅନେକ ଲୋକପ୍ରିୟ ଯୋଜନା ଲୋକମାନଙ୍କୁ ପରୋକ୍ଷରେ କେବଳ ଅଳସୁଆ କରିଦେଇ ନଥାଏ ବରଂ ଅମନଯୋଗୀ କରିଥାଏ। ଦଳରେ ନୂଆ ମୁହଁମାନଙ୍କୁ, ନୂଆ ପ୍ରତିଭାମାନଙ୍କୁ, ନୂଆ ଯୋଗ୍ୟ ପ୍ରାର୍ଥୀମାନଙ୍କୁ ସୁଯୋଗ ମିଳିବା କଥା। ରାଜନୈତିକ ଦଳମାନେ ପ୍ରାର୍ଥୀ ଚୟନରେ ଲୋକଙ୍କ ଅପେକ୍ଷା ନୀତି ଓ ମୂଲ୍ୟବୋଧ ଯୁକ୍ତ ନେତାଙ୍କୁ ଗୁରୁତ୍ୱ ଦେଉ। ଗଣତନ୍ତ୍ରରେ ସବୁ କ୍ଷେତ୍ରରେ ଗଣ ହିଁ ମୁଖ୍ୟ ଓ ପ୍ରାଥମିକ। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ମୂଲ୍ୟବୋଧକୁ ସମ୍ମାନ ଦେବା ନିଶ୍ଚିନ୍ତ ଭାବେ ଅପରିହାର୍ଯ୍ୟ। ଆମମାନଙ୍କ ଗହଣରେ ଅନେକ ଯୋଗ୍ୟ ପ୍ରତିଭା ରହିଛନ୍ତି ଯେଉଁମାନେ ବାସ୍ତବରେ ଲୋକ ପ୍ରତିନିଧିମୂଳକ ବ୍ୟବସ୍ଥାରେ ଆମମାନଙ୍କ ଯୋଗ୍ୟ ପ୍ରତିନିଧି ହୋଇପାରିବେ। କିନ୍ତୁ ସେମାନଙ୍କ ଭିତରୁ ଅନେକ ସମାଜର ଆଡୁଆଳରେ ରହିଯାଆନ୍ତି। କାରଣ ସେମାନଙ୍କର ତଥାକଥିତ କେହି ଗଡ଼ ଫାଦର ନଥାନ୍ତି, ଅର୍ଥବଳ, ବାହୁବଳ ଆଉ କୌଣସି ବଡ଼ ପରିବାରର ଛାପ ନଥାଏ। ରାଜନୀତିରେ ନୀତି ଓ ମୂଲ୍ୟବୋଧ ପ୍ରଥମ ହେବା ଯେତିକି ଗୁରୁତ୍ୱପୂର୍ଣ୍ଣ ସେତିକି ପ୍ରାସଙ୍ଗିକ ମଧ୍ୟ। ତେଣୁ ଯେଉଁମାନଙ୍କୁ ଯେଉଁ ଦଳ ହେଉନା କାହିଁକି ବାଛିଚି ସେମାନେ ଲୋକମାନଙ୍କ ଦ୍ୱାରା ଗ୍ରହଣୀୟ କି ନୁହଁ ସେ କଥା ଦଳମାନେ ତଥ୍ୟନିଷ୍ଠ ଭାବେ ଉପନୀତ ହେବା ବାଞ୍ଛନୀୟ।

*ବରଦା, ବାଲିଚନ୍ଦ୍ରପୁର, ଯାଜପୁର,*
*ଦୂରଭାଷ : ୮୮୯୫୨୯୬୧୬୭*

# ସାହିତ୍ୟ ଦର୍ପଣ



## ଅନାହୂତ ଅଭ୍ୟାଗତ


ସୁଦର୍ଶନ ମହାପାତ୍ର

ବହୁତ ଥର ଦୁଃଖ ମାନଙ୍କ ସହ ବୁଝାମଣା କରେ ଶେଫାଳୀ। ସେମାନେ କେବେ ବୁଝନ୍ତି,କଦବା ନବୁଝିଲେ ସେମାନଙ୍କ ସହ ସାଲିସ କରେ ସେ।ଛାଇ ପରି ଦୁଃଖ ସବୁ ବି ତା'ର ଚିର ସହଚର, ଖୁବ୍ ଆପଣାର...!

ଶେଫାଳୀ ସେମାନଙ୍କୁ ଭଲ ପାଏ। ସେମାନଙ୍କୁ ଆଦର କରେ।ବହୁତ ଥର ସେ ଦୁଃଖ ମାନଙ୍କୁ ଡାକି ଆଣି ପାଖରେ ବସାଏ, ଭଲମନ୍ଦ ପଚାରେ, ସେମାନଙ୍କ ମନକଥା ବୁଝିବାକୁ ଚେଷ୍ଟା କରେ। ସେମାନେ ବି ଅନୁରୂପ ବ୍ୟବହାର କରନ୍ତି। ସେମାନେ ଶେଫାଳୀ କୁ ବୁଝନ୍ତି ଏବଂ ବେଳେ ବେଳେ ତାକୁ ବୁଝାଇବାକୁ ଚେଷ୍ଟା କରନ୍ତି।

-' କାହାର ଭଲ ଚିନ୍ତା କରି ନିଜେ ଏମିତି ଏକ ଦୁଃଖଦ ଜୀବନ ଜୀଇଁବା ଉଚିତ୍ ନୁହେଁ।' ଗୁଣୁଗୁଣୁ ସ୍ୱରରେ ନିଜ ସହିତ ନିଜେ କଥା ହୁଏ ଶେଫାଳୀ। 'ଯେଉଁମାନଙ୍କ ପାଇଁ ସେ ଚିନ୍ତା କରି ଆସିଛି ସେମାନେ ତ ଆତ୍ମୀୟ ! ସେମାନଙ୍କ ଭରସା କୁ ବାଟ ହୁଡି ଯାଇ ହୋଇଥାନ୍ତା କେମିତି ?' ଶେଷକୁ ପରମ ଆତ୍ମୀୟ ବୋଉ ଚାଲିଗଲା। ଏବେ ସମ୍ପୂର୍ଣ୍ଣ ଏକଲା ଶେଫାଳୀ। ଏତିକି ବେଳକୁ ନୂଆ ଦୁଃଖ ଅତିଥି ହୋଇ ଆସିଲା ତା ପାଖକୁ। ଦେଖିଲା ଆହୁରି କିଛି ଦୁଃଖ ଶେଫାଳୀ ପାଖରେ ବସିଛନ୍ତି। ଶେଫାଳୀ ନିର୍ବାକ ଥିଲା।

ନୂଆ ଦୁଃଖର ଅନୁରୋଧରେ ପୁରୁଣା ଦୁଃଖଟିଏ ଫିସ୍ ଫିସ୍ ସ୍ୱରରେ ଶୁଣାଇଲା ଶେଫାଳୀ ଜୀବନର କିଛି କଥା। ସେ ବାପାମାଆଙ୍କର ବଡ଼ ଝିଅ ଏବଂ ତା ତଳେ ଦୁଇ ଭାଇଙ୍କୁ ନେଇ ତାଙ୍କ ପରିବାର। ପରିବାରର ମୁଖ୍ୟ ତା'ର ବାପା ଅନେକ ସଂଘର୍ଷ କରିଥିଲେ ନିଜ ଜୀବଦ୍ଦଶାରେ।ଦାଣ୍ଡ ପଟକୁ ଥିବା ଏଇ ଗଙ୍ଗଶିଉଳି ଗଛ ମୂଳରେ ଚେୟାର ଖଣ୍ଡିକ ପକେଇ ବାପା ପ୍ରାୟ ସଞ୍ଜରେ ବସନ୍ତି। ସେଇ ଗଛ ମୂଳରେ କେବେ ରାତିରେ ବସିଲେ ଶେଫାଳୀ ହୃଦୟରୁ ଅଭିମାନ ଝରି ଆସେ ଆପେ ଆପେ। ସକାଳକୁ ଗଛର ଛୋଟିଆ ଛୋଟିଆ ଝରା ଫୁଲରେ ତା ଟାଣୁଆ ହାତୁଆ ଚେର ଲୁଚିଗଲେ ବି ଶେଫାଳୀ ଆଉଁସି ଦିଏ। ତାକୁ ଲାଗେ ବାପା ବି ତ' ଏଇମିତି ତାଙ୍କ ଶେଷ ସମୟ ପର୍ଯ୍ୟନ୍ତ ଲୁଚାଇବାକୁ ଚାହୁଁଥିଲେ ଭୋଗୁଥିବା ସବୁ ଯନ୍ତ୍ରଣା ଏବଂ ଅବଶୋଷକୁ ତାଙ୍କ ମୁରୁକି ହସରେ। ତା ଏକଲାପଣର କଥା ସେଇ ଗଛ ଶୁଣେ ବୋଲି ତାକୁ ଲାଗେ । ତା ଫୁଲ ଟୁନା ଟୁନା ହେଇ ତା ଦେହରେ ଝଡି ପଡିଲେ, ତାକୁ ଲାଗେ ବାପା ତାଙ୍କ ଶିରାଳ ହାତରେ ଆଶିଷ ବାରି ତା ମଥାରେ ଝରେଇ ଦେଉଛନ୍ତି। ଶେଫାଳୀ ଲୁଚି ଲୁଚି କାନ୍ଦେ । ତା'ର ବିନ୍ଦୁ ବିନ୍ଦୁ ଲୁହ ସତେ ଯେମିତି ଶେଫାଳୀ ଫୁଲ ପରି ଝରି ପଡି ମହକି ଉଠେ ନିର୍ଜନ ରାତିରେ। ସେ ଗଛକୁ ଛୁଇଁଲେ ବାପା ଖୁବ୍ ମନେ ପଡ଼ନ୍ତି।ଶେଷ ସମୟକୁ ସେ ସେଇ ଗଛମୂଳେ ବସି ଝିଅକୁ କ୍ଷମା ମାଗିଥିଲେ । ଗୋଟିଏ ବୋଲି ଝିଅ 'ଶେଫାଳୀ' ର ସଂସାର ସଜେଇବାର ମୋହ ଭାଙ୍ଗି ଦେବାର କାରଣ ଖୋଜୁ ଖୋଜୁ ସେ ନିର୍ବାକ ହୋଇଗଲେ। ଚାଲିଗଲେ ବାପା ...। ବାପାଙ୍କୁ ହରେଇବା ଦୁଃଖ ଯେତିକି ବଡ ନଥିଲା ସେ ବଞ୍ଚି ଥିଲାବେଳେ ବଡ ଦୁଃଖ ଥିଲା ବାପାଙ୍କ ଯନ୍ତ୍ରଣା। କ୍ୟାନସର ପୀଡ଼ିତ ବାପାଙ୍କ ଅବସ୍ଥା ଦିନକୁ ଦିନ ଶୋଚନୀୟ ହେଉଥିଲା।ମାଇନର ସ୍କୁଲରେ ଶିକ୍ଷକତା କରୁଥିବା ବାପାଙ୍କ ସଞ୍ଚିତ ପଇସା ନିଅଣ୍ଟ ପଡୁଥିଲା ଔଷଧ ପାଇଁ ଆଉ ପରିବାର ର ଖର୍ଚ୍ଚ ପାଇଁ ଏବଂ ସାନ ଦୁଇ ଭାଇଙ୍କ ପାଠ ପଢାର ଖର୍ଚ୍ଚ ପାଇଁ..! ଏତେ ଦୁଃଖ ଭିତରେ ଶେଫାଳୀ ସଜାଗ ହେଲା।ମନ ଦୃଢ କରି ସେ ସିଲେଇ କାମ କରିଲା। ଅନ୍ୟ ସମୟରେ ଚାକିରୀ ପାଇଁ ପ୍ରସ୍ତୁତି ଚଳାଇଲା ଶେଷରେ ଶିକ୍ଷୟିତ୍ରୀ ଚାକିରୀ ପାଇ ଯାଇଥିଲା । କିଛି ଦିନ ଜୀବନ ସହିତ ସଂଗ୍ରାମ କରି ବାପା ଚାଲିଗଲେ ।

ସେତେବେଳକୁ ସାନ ଭାଇ ଦୁହେଁ କୂଳରେ ଲାଗି ନଥିଲେ। ଶେଫାଳୀ ପାଇଁ ଅନେକ ପ୍ରସ୍ତାବ ଆସିଥିଲେ ବି ସେ ବାହା ହେବାକୁ ମନା କରି ଦେଇଥିଲା। ଏବେ ତ ତାକୁ ଚାଳିଶି ଛୁଇଁଲାଣି । କିଛି ବର୍ଷ ହେବ ବାପାଙ୍କ ପାଇଁ ମନ୍ଦିରରେ ଶ୍ରାଦ୍ଧ ଟେକି ଦିଏ ନିଜେ ଶେଫାଳୀ । ଅବିବାହିତା ଝିଅ କାଳେ ଶ୍ରାଦ୍ଧ ଦିଅନ୍ତି ନାହିଁ । ଶେଫାଳୀ ଭାବେ ବାପାଙ୍କ ଆତ୍ମା ନିହାତି ଅସୁଖୀ ଥିବ ।ସେ ପୁଅ ହେଇଥିଲେ ଭଲ ହେଇଥାନ୍ତା । ହେଲେ ସେ କରିବ କ'ଣ ? ସାନ ଭାଇମାନେ ଏବେ ନିଜ ନିଜ ସୁଖ ଦୁଃଖରେ ବ୍ୟସ୍ତ। ପାଠଶାଠ ପଢି ଚାକିରୀ କରିଗଲା ପରେ ପ୍ରଥମେ ପ୍ରଥମେ ଘର କଥା ବୁଝାବୁଝି କରୁଥିଲେ। ଘରକୁ ଏବେ ଆସିବା ଦୂରର କଥା ଆଉ ଫୋନ୍ ବି କରନ୍ତି ନାହିଁ । ଜଣେ ତ ବିଦେଶରେ, ଆଉ ଜଣେ ପାଖରେ ଥାଇ ବି ଦୂରରେ । ଶେଫାଳୀ ନିଜ ଆଡୁ ଫୋନ୍ କଲେ ତାକୁ ଉପେକ୍ଷା କରନ୍ତି ଦୁହେଁ..!

ବୋଉ କତରାଲଗା ଥିଲା ।ସ୍କୁଲ ଯିବା ଆଗରୁ ଶେଫାଳୀ ଦୁଇ ହାତରେ ଟେକି ଆଣେ ବୋଉକୁ ଅଗଣାରୁ ଘର ଭିତରକୁ । ଅଗଣାରେ ଗାଧେଇ ଦିଏ। ବୋଉ ଗାଧୁଆ ଘର ଚଟାଣରେ ଦୁଇ ଦୁଇ ଥର ପଡିଲା ପରେ, ଏବେ ଅଗଣାରେ ଗାଧୁଆ। ଥରେ ଗୋଡ଼ ଭାଙ୍ଗିଥିଲା ଆଉ ଥରେ ତା ଅଣ୍ଟା ହାଡ଼। ସେଇ କେତେ ଦିନ ବେଶ୍ ଅସୁବିଧା ଭୋଗ କରିବାକୁ ପଡିଥିଲା ତାକୁ । ତା ପରଠୁ ଦେହସୁଆ ହୋଇ ଗଲାଣି।କାହାକୁ କହିଲେ ଘର କାମ କରିଦେବ ସିନା, ଗୁହ ମୂତ ତ ଆଉ ସଫା କରିବ ନାହିଁ !! ଦୁଇ ଭାଇ ନିଜ ଇଚ୍ଛାରେ ବାହା ହୋଇଥିଲେ। ଡେଲିଭରି ହେବ ବୋଲି ସାନ ଭାଇ ସୁମନ୍ତ ଆଣି ତା ସ୍ତ୍ରୀ କୁ ଛାଡି ଦେଇ ଯାଇଥିଲା ଗାଁରେ । ରୋଜ କିଏ ନା କିଏ ଆସି ଶେଫାଳୀ କୁ ପଚାରୁ ଥିଲା, ପୁଅ ହେବ ନା ଝିଅ ? ଝିଆରୀ ହେବ ନା ପୁତୁରା ? ତୁମ ଘର ଏଥର ପୁରି ଉଠିବ, ଇତ୍ୟାଦି ଇତ୍ୟାଦି। ସେମାନଙ୍କ ପଚାରିବାରେ ଥିଲା ଯେମିତି ଶେଫାଳୀ ମନକୁ ଉଖାରିବାର ମାନସିକତା। ସ୍କୁଲରେ ପାଠ ଠିକ୍ ଭାବରେ ପଢୁନଥିବା ପିଲାଙ୍କୁ ଆକଟ କରି ଶେଫାଳୀ ପାଟି କଲେ ଲୋକେ କୁହନ୍ତି ନାନା କଥା।' ବାହା ତ ହୋଇ ନାହିଁ ।କୁଆଡୁ ଜାଣିବ ଛୋଟ ପିଲାଙ୍କୁ କେମିତି ବୁଝାଇବାକୁ ହୁଏ!' ନୀରବ ରହିବା ହିଁ ତା ପାଇଁ ଶ୍ରେୟସ୍କର । ଜାଣିଲ ନା ଦିଦି...ଏଟା ହେଲା... ସେଟା ହେଲା । ଖାଇ ହେଲାନି... ଛୁଆଟା କେଁ କେଁ ହେଲା...ଘରୁ ମଣିଷ କେଉଁ ଶାନ୍ତିରେ ବାହାରି ପାରୁଛି...? ସହକର୍ମୀ ଶିକ୍ଷୟିତ୍ରୀ ଯଚେଇ ହୋଇ କହନ୍ତି ।ଶେଫାଳି ମାଟି ନା କ'ଣ ?? ସଭିଙ୍କ ମିଛି ମିଛିକା ଦୁଃଖ ସେ ଶୁଣିବ !!! କିଏ ପୁଣି ମୁରୁକି ହସି କହିବ,' ତୁମେ ବାହା ହେଇନ ଠିକ୍ କରିଛ । ବଡ଼ ଝାମେଲା ।' ବଡ଼ ଆଶ୍ଚର୍ଯ୍ୟ ତାର ବାହା ନ ହେବା ସହିତ ଏମାନଙ୍କ ସମସ୍ୟାର କି ସମ୍ପର୍କ ..!!!

ବୋଉର କିଛି ଆଉ ମନେ ରହୁନଥିଲା ।ହାତ ଧରିଲେ ଚାଲେ ଟିକେ ସେ। ହଠାତ୍ ଦିନେ ମୁଣ୍ଡରେ ହାତ ବୁଲେଇ କହିଲା- ' ତୁ ଭଲ ମା' ମୋର । ଆର ଜନ୍ମରେ ମୋ ପେଟରୁ ଜନମ ନେବୁ ନାହିଁ, ହେଲା..!' ତା ଆଖିରେ ଥିଲା ଭରା ଲୁହ। ସେଇ କେଇଟା ଶବ୍ଦ ବେଶ୍ ଦିନ ଯାଏଁ ଭୁଲି ପାରି ନଥିଲା ଶେଫାଳି !! ବୋଉର ସ୍ମୃତିରେ ଏସବୁ ଆସିଲା କେମିତି... ?

ଏବେ ଶେଫାଳୀ କୁ ଘର ଛାଡ଼ିବାକୁ ପଡ଼ିବ। ଭାଇ ଦୁହିଁଙ୍କ ପାଠ ପଢିବା ପାଇଁ ସେ ଘର ସହ ଡିଅ ବିକ୍ରି କରିବାକୁ ବାଧ୍ୟ ହୋଇଥିଲା। ବାପା ବୋଉ ଥିବା ପର୍ଯ୍ୟନ୍ତ ସେ ଘରେ ରହି ପାରିବ ବୋଲି ସର୍ତ୍ତ ଥିଲା। ଏତେ ସବୁ ଘଟଣା ବହୁଳ ଜୀବନର ଚଲାପଥରେ ଆମେ ଦୁଃଖ ମାନେ ହିଁ ତା'ର ସର୍ବସ୍ୱ,ପାଶେ ପାଶେ ଦଣ୍ଡାୟମାନ। ତା କଥା ଶୁଣି ନୂଆ ଦୁଃଖ କାନ୍ଦ କାନ୍ଦ ହେଲା। ଅନ୍ୟମାନଙ୍କ ଆଖିରେ ବି ଲୁହ ଟଳମଳ କରୁଥିଲା।

ସେମାନଙ୍କ ଆଖିରେ ଲୁହ ଦେଖି ଏ ପର୍ଯ୍ୟନ୍ତ ଚୁପଚାପ ଥିବା ଶେଫାଳୀ ଗୋଟିଏ ସାତ ଚିପୁଡା ଭିଜା ରୁମାଲରେ ସେମାନଙ୍କ ଲୁହ ପୋଛିଦେଲା। ଦୁଃଖ ମାନେ କୋହରେ ଆକ୍ତାମାକ୍ତା ହେଲେ।

କେତେ ଦିନ ଅତିଥି ହୋଇ ରହିବା ପରେ ଦୁଃଖ ମାନେ ଫେରିବାକୁ ଚାହିଁଲେ ।ଶେଫାଳି ବାଟେଇ ଦେଲାବେଳେ କହିଲା -' ଯାଉଚ ତ ଯାଅ ।ସମୟ ସୁବିଧା ଦେଖି ଆସୁଥିବ। ମୋତେ ପର ବୋଲି ଭାବିବ ନାହିଁ। ମୁଁ ଯେଉଁଠି ଥିଲେ ବି ତୁମକୁ ତ ମୋ ଠିକଣା ଜଣା...!'

ଦୁଃଖମାନେ ଆଗେଇ ଯାଉ ଯାଉ ପଛକୁ ଥରେ ବୁଲି ଚାହିଁଲେ । ଯେଣୁ ଶେଫାଳୀ ଦୁଃଖ ମାନଙ୍କର ଅନ୍ତର କଥା ବୁଝେ ସେମାନଙ୍କ ଆଖିରେ ବିବଶତାକୁ ବି ଠିକ୍ ବୁଝି ପାରିଲା..!

*କୁଞ୍ଜବିହାରୀ ଲେନ, କଟକ*

## ଅପେକ୍ଷାରେ ରହିଲି


ସୁଚରିତା ମହାନ୍ତି

ଯେତେବେଳେ ବି କଥା ହେଲେ ଅରଜିତ୍ କହୁଚ୍ନ୍ତି, ତମେ ଜାଣ ମୋର ବହୁତ ଖରାପ ଅଭ୍ୟାସ ଅଛି । ପଚାରିଲେ କାହିଁ କେତେ ବାହାନା। ଅତି ଛୋପରା କଥା। ରାଗିକି କହିଲି, ହଉ ରଖିଥାଅ ତମ ଖରାପ ଅଭ୍ୟାସ,ସେଥିପାଇଁ ତମକୁ ନୋବେଲ ପୁରସ୍କାର ମିଳିବ।ଠୋ ଠୋ ହୋଇ ହସିଉଠିଲେ। ମୋତେ ଭାରି ଚିଡ଼ି ଲାଗୁଥିଲା। ମୁଁ ସେଠୁ ଉଠି ପଳେଇ ଆସୁଥିଲି ।ସେ ମୋ ବାମ ହାତକୁ ଧରି କହିଲେ,ଆଗୋ ସଖୀ ସତରେ କ'ଣ ରାଗିଲ । ମୁଁ କହିଲି କାଇଁ ମୋର କିଛି କାମ ନାହିଁ କି ତମର ଏ ଛୋପରା କଥା ବସି ଶୁଣୁଥିବି। ଅରଜିତ୍ ହାତ ଛାଡ଼ି କହିଲେ, ହଁ ଯାଅ ତମର କାମ ଥିବ(ଦୀର୍ଘ ନିଶ୍ୱାସ ଟେ ଭିତରେ ସାଇତି ହୋଇ ରହିଥିଲା କିଛି ଯନ୍ତ୍ରଣା, କିଛି ଅନୁତାପ, କିଛି ଅବଶୋଷ)।

ଅରଜିତ୍ଙ୍କ ର ଉଦାସ ଆଖି ଦୁଇଟି ମୋ ଉପରୁ ହଟୁ ନଥିଲା। ମୁଁ ଟିକେ ମାତ୍ର ନ ଅଟକି ଗାଡ଼ି ରେ ବସି ଡ୍ରାଇଭର କୁ ଈଶାରା କଲି ଆଗକୁ ବଢ଼ିବାକୁ। ଦିନଯାକର ବ୍ୟସ୍ତତା ଭିତରୁ ଟିକିଏ ସମୟ ପାଇଥିଲି ଯେ,ଚା' କି କଫି ରେ ଅରଜିତ୍ ଙ୍କ ସହିତ ସମୟ ବିତାଇବା ପାଇଁ କିନ୍ତୁ ତାଙ୍କ ର ଇୟୁସଲେସ୍ (useless) କଥା ଶୁଣି ମୋ ହେଡ୍‌କେ(Headache) ବାହାରି ଗଲା। ସବୁବେଳେ ସେ ସେମିତି କାହିଁକି କେଜାଣି ମୁଁ ବୁଝି ପାରେନି। ଏମିତି ଲୋକ ମୋର ଭାରି ଏଲର୍ଜିକ (allergic)। ଫ୍ରେସ ହୋଇ ନିଜେ କଫି ବନେଇ ପି' ଲି। ପରଦିନ କଲେକ୍ଟର ଙ୍କୁ ରିଲିଫ୍ ର ସବୁଯାକ ରିପୋର୍ଟ ଦେବାକୁ ହେବ। ତା' ପାଇଁ ପ୍ରସ୍ତୁତି ନକଲେ ସକାଳ ପରିସ୍ଥିତି ବିଗିଡ଼ିବାର ସମ୍ଭାବନା ରହିଛି। ଲାପଟପ୍ ଖୋଲି ଆରମ୍ଭ କଲି ଦିନ ତମାମ ର ଲୋକ ମାନଙ୍କ ର ସମସ୍ତ ତଥ୍ୟ। ଏତିକି ବେଳେ କାମ କରୁଥିବା ଝିଅ ଟି କହିଲା ମାଡାମ୍ ଖାଇବେ ଆସନ୍ତୁ ।ଲାପଟପ୍ ବନ୍ଦ କରି ଉଠିବା ସମୟରେ କଲ୍ ଆସିଲା ।କଲ୍ ଟି ଥିଲା ଅରଜିତ୍ ଙ୍କର । ମୁଁ ଫୋନ୍ ସାଇଲେଣ୍ଟ କରି ଗଲି ଖାଇବା ପାଇଁ ।ଖାଇ ସାରିଲେ ପୁଣି କାମ କରିବାକୁ ଅଛି, କେତେବେଳେ ସରିବ ଠିକ୍ ନାହିଁ। ଚଟାପଟ୍ ଖାଇ ସାରି ପୁଣି ଆସି କାମ ରେ ବସିଲି ।ସେତେବେଳକୁ ଅରଜିତ୍ ଙ୍କ ର ଗୁଡ଼ାଏ ମିସ୍ କଲ୍ ଆସି ସାରିଥାଏ ।କିନ୍ତୁ କଲ୍ ରିସିଭ୍ କରି ତାଙ୍କ କଥା ଶୁଣିବାକୁ ମୋ ପାଖରେ ସମୟ ନଥିଲା ।ବନ୍ୟାରେ ଯେଉଁ ଭଳି ଅବସ୍ଥା ଲୋକ ମାନଙ୍କର ହୋଇଛି ଦେଖିଲେ ଆଖିରୁ ଟପ୍ ଟପ୍ ଲୁହ ଗଡ଼ି ଆସେ,ସେ ପରିସ୍ଥିତି ରେ ମୁଁ ଅନ୍ୟ କାହା କଥା ଶୁଣିବା କୁ ପ୍ରସ୍ତୁତ ନଥାଏ ।କାମ ସାରି ଟିକେ ବିଶ୍ରାମ ନେଇଚ଼ିକି ନାହିଁ ଘଡ଼ି ର ଆଲାରାମ୍ ଆଉ କ'ଣ ଶୋଇବାକୁ ଦେଲା ।ଫଟାଫଟ୍ କାମ ସାରି ବାହାରିଲି କଲେକ୍ଟର ଙ୍କ ଅଫିସ କୁ। ଧୀରେ ଧୀରେ କରି ଜଣଂକ ପରେ ଜଣେ ଏମିତି ଚାଳିଶି ଜଣ ସମାଜ ସେବୀ ଆସି ପହଁଚ଼ିଲେ। ମିଟିଂ ଆରମ୍ଭ ହେଲା। ନିଜ ନିଜର ଅସୁବିଧା ସମସ୍ତେ ବଖାଣି ଚାଲିଲେ ।ଏମର୍ଜନ୍ସି କଲ୍ ବାରମ୍ବାର ଆସୁଥାଏ। ସମସ୍ତେ ବିଚ଼ଳିତ ବନ୍ୟା ପ୍ରପୀଡ଼ିତ ମାନଙ୍କ ପାଇଁ ।ପ୍ରଶାସନ ଏବଂ ସ୍ୱେଚ୍ଛାସେବୀ ମାନଙ୍କର ମିଳିତ ସହଯୋଗରେ ପନ୍ଦର ଦିନର ଅକ୍ଲାନ୍ତ ପରିଶ୍ରମ ଓ ସେବାରେ ଆମେ ସମସ୍ତେ ନିଜ କୁ ଭୁଲି ଯାଇଥିଲୁ। ସେତେବେଳେ କିଛି ସ୍ୱାର୍ଥପର ମଣିଷ ମାନଙ୍କ ଧମକ ପୂର୍ଣ୍ଣ ଫୋନ କଲ୍ ଆହୁରି ଅସହ୍ୟ କରୁଥାଏ। ତଥାପି ନିଜ କୁ ପରିସ୍ଥିତି ର ସାମ୍ନା କରିବାକୁ ମନୋବଳ ଦୃଢ଼ କରି ଆମେ ଆମ କାମ କରି ଚାଲିଥାଉ ।ପାନରୁ ଚୁନ ଖସିଲେ ବିଭ୍ରାଟ ନିଶ୍ଚିତ। ଯେଉଁଠି ପାଦ ପକେଇଲେ ସେଠି କାଦୁଅ ରେ ଆଣ୍ଠୁ ଯାଏ ପୋତି ହୋଇଯାଉଥିଲା। କେଉଁଠି ପୁଣି କ'ଣ ସବୁ ଗୋଡ଼ ରେ ବାଜି ଖଣ୍ଡିଆ ଖାବରା ହେବାକୁ ପଡୁଥିଲା। ବିଲେଇ, କୁକୁର,ଗୋରୁ ଏମିତି ଅନେକ ଗୃହ ପାଳିତ ପଶୁ ମରି ଥିବାରୁ ଦୁର୍ଗନ୍ଧ ରେ ନାକ ଫାଟି ପଡୁଥାଏ। ଲୋକ ମାନଙ୍କ ର ବିକଳ ପରିସ୍ଥିତି ରେ ସତରେ ନିଜକୁ ସମ୍ଭାଳିବା ବଡ଼ କଷ୍ଟକର। ତଥାପି ଯେଉଁଠି ଯେମିତି ସହାୟତା କରିବା ପାଇଁ ପଡ଼ିବ ସେମିତି କରିବା ମୋ କର୍ମ ଓ ଧର୍ମ ବୋଲି ଭାବି ଈଶ୍ୱରଙ୍କୁ ଡାକୁଥାଏ ଯେମିତି ଆଉ କିଛି ବଡ଼ ବିପତ୍ତି ନ ଆସୁ। ସଞ୍ଜ ନଇଁ ଆସୁଥାଏ। କିଛି ଭଲ ଲାଗୁନଥିଲା ।ଭାରି କ୍ଳାନ୍ତ ଥିଲି। ନିଜକୁ ସମ୍ଭାଳିବା ପାଇଁ ଚେଷ୍ଟା କରି ବି ବେଳେ ବେଳେ ନିଜ ପାଖରେ ହାର୍ ମାନିବାକୁ ବାଧ୍ୟ ହେଉଥିଲି।

ପ୍ରଶାସନିକ ଅଧିକାରୀ ଜଣଂକ କହିଲେ, ମା'ମ୍ ଆପଣ କ'ଣ ଭାବୁଚ଼ନ୍ତି। ଆପଣଙ୍କ ମୁହଁ ହଠାତ୍ ଶୁଖିଗଲା କାହିଁକି। ଆପଣ ଏବେ ରୁମ୍ କୁ ଯା'ନ୍ତୁ , ମୁଁ କଲେକ୍ଟର ଙ୍କୁ ଇନ୍ଫର୍ମ କରିଦେବି। କହିଲି, ଠିକ୍ ଅଛି ସାର୍ ଧନ୍ୟବାଦ। ମୁଁ ଘରେ ପହଁଚ଼ି ଫ୍ରେସ୍ ହୋଇ ସୋଫା ଉପରେ ବସି ପଡ଼ିଲି। ଆଖି ର ଲୁହ ଟିକେ ବି ବୋଲ ମାନୁନଥାଏ ସେମିତି ପଉଷ ଧାରା ପରି ଗଡ଼ି ଚାଲିଥାଏ ।ଏତେ ଜଣଂକ ଭିତରେ ଗୋଟିଏ ଘରର ଚିତ୍ର ମୋତେ ଦୁର୍ବଳ କରିଦେଇଥିଲା। ଛୋଟ ଛୁଆ ଟେ ଧାଇଁ ଆସି ଭିଡ଼ି ଧରି କାନ୍ଦିବା କୁ ଲାଗିଲା। ଘର ଭିତରେ ଠାଏ ଠାଏ ପାଣି ଜମି ରହିଚ଼ି, ଘର ର ପ୍ରତ୍ୟେକ ଟି ଜିନିଷ ପାଣି କାଦୁଅରେ ପୋତି ହୋଇଯାଇଛି। ପରିବାର ର ଦୁଇ ସଦସ୍ୟ ଭିନ୍ନକ୍ଷମ, ବୁଢ଼ୀ ମା'ଟେ ।ଅବସ୍ଥା ଭାରି ଶୋଚ଼ନୀୟ। ପ୍ରକୃତିର ତାଣ୍ଡବଲୀଳା ମଣିଷ କୁ କିପରି ଅସହାୟ କରିଦିଏ। ସେ ପରିସ୍ଥିତିକୁ ଯିଏ ନିଜ ଆଖି ରେ ନ ଦେଖିବ ସେ କେବେ ଅନୁଭବ କରିବା ସମ୍ଭବ ନୁହେଁ ପ୍ରକୃତରେ ସେତେବେଳେ ର ଜୀବନ ଟା କେଡ଼ ? ଯନ୍ତ୍ରଣା ଦାୟକ। ପିଲାଟି କାନ୍ଦି କାନ୍ଦି କହୁଥାଏ ଦିଦି ମୁଁ କେମିତି ପାଠ ପଢ଼ିବି, ବଡ଼ ମଣିଷ ହେବି କେମିତି ।ମୋ ପାଟିରେ କିଛି ଶବ୍ଦ ପଶୁନଥାଏ କ'ଣ କହି ଛୋଟ ପିଲାଟିକୁ ବୁଝେଇବି ଯେ। ତଥାପି ଆଶ୍ୱାସନା ଦେଇ ତା'ର ସବୁ କଥା ବୁଝିବି ବୋଲି କହି ଚାଲି ଆସିଲି ସତ, ମାତ୍ର ସେ ଯେମିତି ଅସ୍ତବ୍ୟସ୍ତ ହୋଇ କାଦୁଅ ଫେଣ୍ଟା ବହି ଖାତା ଅଣ୍ଡାଳୁ ଥାଏ ସେ ସବୁ ଦେଖି ମୁଁ ଧୈର୍ଯ୍ୟ ହରା ହୋଇଗଲି। ସୋଫାରେ ସେମିତି ବସୁବସୁ ଆଖି ଲାଗି ଯାଇଥାଏ ।ସମୟ ର କଣ୍ଟା ଭାରି ତୀବ୍ର ଗତିରେ ବୁଲିବାକୁ ଇଚ୍ଛା କରିଥିଲେ ବୋଧେ ।କଲିଂ ବେଲ୍ ଶବ୍ଦରେ ମୁଁ ଇତସ୍ତତଃ ହୋଇ ଉଠି ପଡ଼ିଲି। ରୁମ୍ ଭିତରୁ କାମ କରୁଥିବା ଝିଅ ଟି ଆସି କବାଟ ଖୋଲିଲା ।ଅରଜିତ୍ ଭିତରକୁ ପଶିଆସି କହିଲେ, କ'ଣ ମାଡାମ ସବୁ ଭଲ ତ !ମୁଁ ତାଙ୍କୁ ବସିବାକୁ କହି ଗଲି ଫ୍ରେସ୍ ହେବା ପାଇଁ ।ଝିଅ ଟି ଦୁଇ କପ୍ ଚା' ଆଣି ଆମ ଦୁହିଁଙ୍କୁ ଦେଇ ଭିତରକୁ ଗଲା। ମୁଁ ଅନ୍ୟମନସ୍କ ଥିବା ଦେଖି ଅରଜିତ୍ ପଚାରିଲେ କ'ଣ ହେଇଚ଼ି ତମର,ଦେହ ଭଲ ଅଛି ତ, ଏମିତି ଶୁଖିଲା ମୁହଁ ଭଲ ଲାଗୁନି। କେଉଁଠି କିଏ କ'ଣ କହିଲେ କି। ମୁଁ ଜାଣେ ତମେ ମୋର କେବେ କୌଣସି କଥା ଶୁଣି ନାହଁ କି ରଖି ନାହଁ ।ଏମିତି ଅନେକ ଗୁଡ଼ିଏ ପ୍ରଶ୍ନ ଅନର୍ଗଳ ପଚାରି ଚାଲିଥାନ୍ତି ।ବହୁତ କଷ୍ଟରେ ତାଙ୍କ ଦୁଇ ହାତ ଧରି କହିଲି ହଁ ଶୁଣି ପାରୁଚ଼ି ଅରଜିତ୍ ।ଆଉ ତମେ କ'ଣ କହୁଛ ବୁଝି ବି ପାରୁଚ଼ି।

ହେଲେ ମୁଁ ନିରୁପାୟ।

ତମର କୌଣସି କଥା ମୁଁ ରଖିପାରୁନି ।ଆଇ ଏମ୍ ସରି।

ତମେ ଜାଣ ଅରଜିତ୍ ଲୋକ କେଉଁ ପରିସ୍ଥିତିରେ ଅଛନ୍ତି। ତମେ ଏତେ ସେଲ୍ଫିସ୍ କେମିତି ହେଇପାରୁଚ଼।

ତମ ପାଖରେ ସବୁ ଅଛି ବୋଲି ତମକୁ ଲୋକ ମାନଙ୍କ ର ଦେହ ର ,ପେଟର,କି ମନର ଭୋକ ଛୁଇଁ ପାରୁନି। ଥରେ ଯାଇ ଦେଖିଆସ ତା'ପରେ ମୋତେ କହିବ ମୁଁ ଯାହା କରୁଛି ଠିକ୍ କରୁଛି କି ଭୁଲ୍ କରୁଛି ।ହଁ ଶୁଣ ଅରଜିତ୍, ତମେ ମୋତେ ଅପେକ୍ଷା କରନି। ସେଦିନ କହୁଥିଲ ନା ତମ ଖରାପ ଅଭ୍ୟାସ କଥା କହିବ ବୋଲି। ଯଦି ପାରୁଚ଼ ସେ ଅଭ୍ୟାସ ଛାଡ଼ିବାକୁ ଚେଷ୍ଟା କର ।ଆଉ ମୋତେ ଭୁଲିବାକୁ ଚେଷ୍ଟା କର ।ଆମ ଦୁନିଆ ବ୍ୟତୀତ ଆମ ଆଖି ସାମ୍ନା ରେ ଆଉ ଗୋଟିଏ ଦୁନିଆ ଅଛି, ଯେଉଁଠି କୋଟି କୋଟି ଯନ୍ତ୍ରଣା ପ୍ରତ୍ୟେକ ମୁହୂର୍ତ୍ତରେ ଢେଉ ଭାଙ୍ଗୁଛି ।ଆଉ ସେ ଯନ୍ତ୍ରଣା ରେ ତମ ସ୍ନେହା ନିଜକୁ ଆହୂତି ଦେଇସାରିଚ଼ି । ମୁଁ ଆଉ ତମ ସ୍ନେହା ହୋଇ ରହିନାହିଁ ଅରଜିତ୍! ବୁଝିବାକୁ ଚେଷ୍ଟା କର। ଅରଜିତ୍ କହିଲେ,ହଉ ଠିକ୍ ଅଛି। ମୁଁ ଆଜି ଠାରୁ ତମ ସାମ୍ନା କୁ ଆଉ କେବେ ଆସିବିନି, କିନ୍ତୁ ଏତିକି ମନେ ରଖିଥିବ ସ୍ନେହା ଯେବେ ବି ମୋର ଆବଶ୍ୟକତା ମନେ କରିବ ମୁଁ ତମକୁ ହସି ହସି ସ୍ୱାଗତ କରିବି । ହଁ ଚେଷ୍ଟା କରିବି ସବୁ ଖରାପ ଅଭ୍ୟାସ ଛାଡ଼ି ଦେବାକୁ। କାହିଁକି ଜାଣ ସ୍ନେହା ମୁଁ ମୋ ନିଜଠାରୁ ନିରୁଦ୍ଦିଷ୍ଟ ହୋଇସାରିଛି।

ମୋତେ ଭୁଲ୍ ବୁଝିବନି ସ୍ନେହା ତମ ଅପେକ୍ଷା ରେ ରହିଲି ॥

ମାହାଙ୍ଗା,କଟକ

ମୋ: ୮୯୧୭୫୭୧୨୦୨୮

## କଦଳୀ ଗଛ

*ଆଦ୍ୟାଶା ମହାପାତ୍ର*



ନାହିଁ ତା'ର ଡାଳ ପତର ବିଶାଳ
ବଢେ ବାଡି ଅବା କ୍ଷେତେ
ଜାଣିଛ କି ପିଲେ ସେ କଦଳୀ ଗଛ
କେତେ ଉପକାରୀ ସତେ ॥
କଞ୍ଚା କଦଳୀରେ ରହିଥାଏ ପରା
କେତେ ସବୁ ଖାଦ୍ୟସାର
ଦେହକୁ ମିଳଇ ପୋଟାସିୟମ ଯା'
ଲୋଡଇ ଆମ ଶରୀର ॥
ଦେହରେ ବଢାଏ ପ୍ରତିରୋଧ ଶକ୍ତି
ରଖେ ସେ ଆମକୁ ସୁସ୍ଥ
କଞ୍ଚା କଦଳୀରେ ତରକାରି ଭଜା
ହୁଅଇ ପରା ପ୍ରସ୍ତୁତ ॥
ପୂଜା ପାର୍ବଣରେ ପାଚିଲା କଦଳୀ
ଲୋଡା ହୁଏ ପରା ଆଗ
ଗୁଡ଼ କ୍ଷୀର ଦହି ନଡ଼ିଆ ମିଶ୍ରଣେ
ହୁଅଇ ଠାକୁର ଭୋଗ ॥
କ୍ୟାଲସିୟମ ଭରା ପାଚିଲା କଦଳୀ
ଦେହ ପାଇଁ ସଦା ହିତ
ହଜମ କ୍ରିୟାରେ କରଇ ସାହାଯ୍ୟ
ହାଡ଼ କରେ ମଜଭୁତ ॥
କଦଳୀ ଭଣ୍ଡାରେ ହୁଏ ତରକାରି
ରାଇତା ହୁଏ ମଞ୍ଜାରେ
କଦଳୀ ପତର ଲୋଡା ହୁଏ ଆଗ
ଭୋଜି ଭାତ ପଙ୍ଗତରେ ॥
କାର୍ତ୍ତିକ ପୂର୍ଣ୍ଣିମା ଅବସରେ ଆସେ
ବୋଇତ ବନ୍ଦାଣ ପର୍ବ
ନଈ ପୋଖରୀରେ ଭାସୁଥାଏ ପରା
କଦଳୀ ପାଟୁଆ ନାବ ॥
ଶୁଭକାର୍ଯ୍ୟେ ସିଏ ଲାଗିଥାଏ ପୁଣି
ଚାଷରେ ତା' ବଢେ ଆୟ
କଦଳୀ ଗଛର ପୁଆ ଟିଏ ଆଣି
ଯତନରେ ପୋତି ଦିଅ ॥

*ନୂଆପଡା, କଟକ*

## ଜୁଆର

*ସୁଧାକର ରାଉତ*



ବାହାରେ ପବନର ତାତିଲା ସ୍ୱର
ଛାତି ଭିତରେ କରୁଣ କ୍ରନ୍ଦନ ଧ୍ୱନି
ସେମାନେ ସବୁ ମୋର ଦୁଃଖ ଯନ୍ତ୍ରଣା
ତାଙ୍କୁ ଛାତିର ସିନ୍ଦୁକରେ
କରିଥିଲି ବନ୍ଦୀ ।
ଭାବି ନଥିଲି ସେମାନେ ସ୍ୱତଃ ସ୍ଫୁର୍ତ୍ତ ଭାବେ
କୋହର ଚାବିରେ ଖୋଲି ନିଜକୁ
ମୋତେ ପୁଣି ଦେବେ ଛନ୍ଦି ।
ମୁଁ ତ ସ୍ଥିତ ପ୍ରଜ୍ଞ ଋଷି ପରି
ବସିଥିଲି ନିର୍ବିକାର ଚିତ୍ତ ?
ସେମାନଙ୍କ ଲହଡ଼ି
ମନ ଉପକୂଳରେ ପିଟି ହୋଇ
ଭାଙ୍ଗିଦିଏ ମୋ ସାଇତା ଧ୍ୟାନକୁ ସତେ
ସାନ୍ତ୍ୱନା ଦେବାକୁ ନାହିଁ କିଛି ଶବ୍ଦ
ମୋ ପାଶେ
କାଳ ବୈଶାଖୀ ସାଜି
ମୋର ସମସ୍ତ ବୈଭବ କୁ ଭାଜି
ଦିନ ମୋର ବିତାଉଥିଲି ସରସେ
ଏବେ ପୁଣି ତାଙ୍କ ଆଗମନ
ଛୁଏଁ ମୋର ପ୍ରତି କୋଣ ଅନୁକୋଣ
ନିରାଶେ ।

*ପ୍ରତାପ ନଗରୀ, କଟକ*

*ମୋ-୮୨୪୯୯୩୨୭୯୨*

## ନାୟିକା

*ପ୍ରିୟଙ୍କା ପ୍ରିୟଦର୍ଶିନୀ ସ୍ୱାଇଁ*

ମୁଁ ନାୟିକା ତୁମ କାହାଣୀର....
କେବେ ଭିଡ଼ରେ କେବେ ଶୂନ୍ୟରେ
କେବେ ଅନ୍ଧାରରେ କେବେ ଆଲୁଅ ରେ...
ଅଥବା ତୁମ ହାତ ପାପୁଲିର ରେଖା ରେ
ନିଜକୁ ଯେ ପର୍ଯ୍ୟନ୍ତ ସଜେଇନି
ସେ ଯାଏଁ କିଏ ବା ମୋତେ ଜାଣେ
ତୁମ ଛଡ଼ା......
ଶୂନ୍ୟତା ରୁ ଶୂନ୍ୟତା ଆଡ଼କୁ ଚାଲିଲେ
ପ୍ରଥମ ସ୍ୱର ତୁମର ହିଁ ଶୁଭେ
ସେ ହୁଏ ତ କିଛି ଶବ୍ଦହୀନ ନୀରବତା
ଆଉ ଟିକକ ଜ୍ୟୋସ୍ନା...
ସବୁ ହସ ଭିତରେ ସ୍ମିତହାସ୍ୟ ଯେ ତୁମେ
ଆଉ ସବୁ କ୍ରୋଧ ର ଅଭିମାନ ବି ତୁମେ
ଖାଲି ସେତିକି ନୁହେଁ
ଏଇ ଈର୍ଷା ଭିତରେ ତୁମେ ଅନନ୍ୟ
ଆଉ ମୁଁ ତୁମ ଅନନ୍ୟା.....

*ଭୁବନେଶ୍ୱର*

*ମୋ - ୮୪୫୭୯୦୨୦୮୪*

## ତଥାପି

*ଡ.ମନୋରଞ୍ଜନ ବିଷୋୟୀ*

ମୋ ସ୍ୱପ୍ନମାନଙ୍କ
ଉଜ୍ଜ୍ୱଳତା କମି ଆସିଲାଣି
ସମ୍ଭାବନା ସବୁ
ଅବରୁଦ୍ଧ କୋଠରୀରେ
ବନ୍ଦୀ ହୋଇ ସାରିଲେଣି
ଇଚ୍ଛାମାନେ ଥାକଥାକ ହୋଇ
ବସିଗଲେଣି ନୀରବରେ
ଆଉ ସବୁତକ କାମନା
ଫସିଲ୍ ପାଲଟି ସାରିଲେଣି
ତଥାପି ନୀରବି ଯାଉଥିବା
ଇଚ୍ଛାମାନଙ୍କୁ ସଜାଡ଼ି
ମୁଁ ସ୍ୱପ୍ନ ଦେଖେ
କେବଳ ତୁମକୁ
ଦେଖିବା ପାଇଁ ଦେଖେ ।

ଦାମୋଦରପୁର, ଗଂଜାମ

ମୋ:୮୮୯୫୧୪୧୭୨୭

## ଟଙ୍କା ଥିଳାବାଲା

*କବି କେଶବ ଚନ୍ଦ୍ର ନାୟକ*



ଟଙ୍କାଟା କରଇ କାହାକୁ ଭିକାରୀ
ଦାଣ୍ଡେ ଦାଣ୍ଡେ ଭିକ ମାଗେ....
ସେହି ଟଙ୍କା ପୁଳେ ଯା' ପାଖେ ସାଇତା
ସବୁଠି ସମ୍ମାନ ଆଗେ....!!
ଟଙ୍କା ଥିଳା ବାନା ବଡ଼ ଅହଂକାରୀ
ହାତୀ କିଣିବାକୁ ମନ...
ମିଛଟାରେ ଖାଲି ଫଁଅଁ ଫଁଅଁ ହୁଏ
କରେ ସଦା ଗରଜନ....!!
ଗରିବ ବାବୁଡା ଜାକିଜୁକି ହୋଇ
ନିରମି ନରମି କହେ.....
ସତ ବଚନକୁ ମିଛ ଯେ ମଣନ୍ତି
କେତେ ଉପହାସ ସହେ......!!
ଟଙ୍କା ଥିଳାବାଲା ଡରେନା କାହାକୁ
ବୀର ଦର୍ପ ? ବାଟ ଚାଲେ.....
ମହା ମୁରୁଖ ହୋଇ ହୁଏ ଭଡ ଭଡ
ଇନ୍ଦ୍ର ଚନ୍ଦ୍ର ସବୁ ଭୁଲେ.....!!
ମୁଣ୍ଡରେ ସର୍ବଦା ପର ଘର ନାଶ
ପାଇଁ କରୁଥାଏ ଚିନ୍ତା....
ଝଗଡ଼ା କରିଲେ ଭାତ ତା' ହଜମ
ନହେଲେ ଜଗତ - ପିତା....!!
ଗରିବ ମାଇପ ସବୁରି ଶାଳୀ ଯେ
ମିଳେ ନା ଇଜତ ତାକୁ....
ନିଦୋର୍ଷ ଗରିବ ଦୋଷ ମୁଣ୍ଡେଇଣ
ଦୋଷୀ ସଜାଅନ୍ତି ତାକୁ....!!
ଗରିବ ଲୋକଟା ଧର୍ମ ବାଟେ ଚାଲି
ଝୁଣ୍ଟୁ ଥାଏ ବାରମ୍ବାର......
ଶୋଷଣ କଷଣେ ଦିନ କାଟୁଥାଏ
ଝରୁଥାଏ ଅଶ୍ରୁ ଧାର....!!
ଗରିବର କଥା ନ ଶୁଣନ୍ତି କେହି
ସଭିଙ୍କ କର୍ଣ୍ଣରେ ତାଲା.....
ଟଙ୍କା ଥିଳା ବାଲା ସବୁଠି ବିଜୟୀ
ସଂସାର ଓଲଟା ହେଲା.... ?
ଗରିବ ଖାଉଛି ଶାଗ ପଖାଳ ଯେ
ଓଲିଏ ନ ଜଳେ ଚୁଲା....
ଚିରା ଲୁଗା ଖଣ୍ଡେ ନ ମିଳେ ତାହାକୁ
ଖଟି ଖଟି ଦିନ ଗଲା.....!!
ଧନିକ ରହୁଛି ରାଜ ଉଆସରେ
ଖାଉଛି ମଦ ମାଉଁସ...
ଷୋଳ ବୟସୀକୁ ଅଙ୍କରେ ବସାଇ
ରଚ଼ଇ ରସିକ ରାସ....!!
ଟଙ୍କା ଥିଳା ବାଲା ଆମ ନେତା ହୋଇ
ଆମକୁ ଶାସନ କରେ....
ଗଳେ ଫୁଲମାଳା ପକାନ୍ତି ସଭିଏଁ
ପାଦକୁ କେ ପୂଜାକରେ.....!!

*ସଭାପତି, ଉତ୍କଳ ସାହିତ୍ୟ ସଂସଦ, ମାଲକାନଗିରି*

*ମୋନ:୯୪୩୭୭୭୯୪୪୭*

## ଦୁହିତା

*ଲୋକନାଥ ମହାପାତ୍ର*

ଝିଅଟିଏ ମୁଁ ଝିଅଟିଏ
ତୁମ ବଗିଚ଼ାର ଫୁଲଟିଏ
ଦୁଇକୁଳର ହିତ କରେ ବୋଲି
ଦୁହିତା ମୋ ଅନ୍ୟ ନାମ ଟିଏ
ଝିଅଟିଏ ମୁଁ ଝିଅଟିଏ
ତୁମ ବଗିଚ଼ାର ଫୁଲଟିଏ
ତୁମ ସଂସାରକୁ ମହକାଇ ଦେବି
ନୁହେଁ ମୁଁ ତୁମ ପାଇଁ ବୋଝ ଟିଏ
ଝିଅଟିଏ ମୁଁ ଝିଅଟିଏ
ତୁମ ବଗିଚ଼ାର ଗଛଟିଏ
ନିଜେ ସବୁ ଦୁଃଖ-କଷ୍ଟ ସହି
ସଭିଙ୍କୁ ସୁଖ-ଶାନ୍ତି ଦେଇଥାଏ
ଝିଅଟିଏ ମୁଁ ଝିଅଟିଏ
ସ୍ନେହ କରୁଣାର ଦୀପଟିଏ
ସଳିତା ସମ ନିଜେ ଜଳି-ଜଳି
ଅନ୍ୟକୁ ଆଲୋକ ଦେଇଥାଏ
ଝିଅଟିଏ ମୁଁ ଝିଅଟିଏ
ସତେକି ଅଝଟ ନଈଟିଏ
ଯେତେ ବାଧା-ବିଘ୍ନ ଆସୁ ପଛେ ପଥେ
କର୍ତ୍ତବ୍ୟ ପଥରେ ଆଗେଇ ଚାଲିଥାଏ
ଝିଅଟିଏ ମୁଁ ଝିଅଟିଏ
ତୁମ ବଗିଚ଼ାର ଫୁଲଟିଏ
ସେବା-ସ୍ନେହ ଦେଇ ଶୁଝିଦେବି ମୁହିଁ
ଭାବନାହିଁ ମୋତେ ବୋଝଟିଏ
ଝିଅଟିଏ ମୁଁ ଝିଅଟିଏ
ତୁମ ବଗିଚ଼ାର ଫୁଲଟିଏ ।

ବ୍ରହ୍ମପୁର

## ନାୟିକା

*ପ୍ରିୟଙ୍କା ପ୍ରିୟଦର୍ଶିନୀ ସ୍ୱାଇଁ*



ମୁଁ ନାୟିକା ତୁମ କାହାଣୀର....
କେବେ ଭିଡ଼ରେ କେବେ ଶୂନ୍ୟରେ
କେବେ ଅନ୍ଧାରରେ କେବେ ଆଲୁଅ ରେ...
ଅଥବା ତୁମ ହାତ ପାପୁଲିର ରେଖା ରେ
ନିଜକୁ ଯେ ପର୍ଯ୍ୟନ୍ତ ସଜେଇନି
ସେ ଯାଏଁ କିଏ ବା ମୋତେ ଜାଣେ
ତୁମ ଛଡ଼ା......
ଶୂନ୍ୟତା ରୁ ଶୂନ୍ୟତା ଆଡ଼କୁ ଚାଲିଲେ
ପ୍ରଥମ ସ୍ୱର ତୁମର ହିଁ ଶୁଭେ
ସେ ହୁଏ ତ କିଛି ଶବ୍ଦହୀନ ନୀରବତା
ଆଉ ଟିକକ ଜ୍ୟୋସ୍ନା...
ସବୁ ହସ ଭିତରେ ସ୍ମିତହାସ୍ୟ ଯେ ତୁମେ
ଆଉ ସବୁ କ୍ରୋଧର ଅଭିମାନ ବି ତୁମେ
ଖାଲି ସେତିକି ନୁହେଁ
ଏଇ ଈର୍ଷା ଭିତରେ ତୁମେ ଅନନ୍ୟ
ଆଉ ମୁଁ ତୁମ ଅନନ୍ୟା.....

*ଭୁବନେଶ୍ୱର*

*ମୋ - ୮୪୫୭୯୦୨୦୮୪*

## ଭକତି ମୋ ପୂଜାଫୁଲ

*ସୁହଂସ ଭୋଇ*

ମନ ଦେବଭୂମି ହୃଦୟ ଦେଉଳ
ଭକତି ମୋ ପୂଜାଫୁଲ
ଭାବ ଅନାବିଳ ବିନତି ଆକୁଳ
ବିରାଜ ହେ ନୀଳଶୈଳ ।
କାମନା ଅର୍ଚ୍ଚନା କର୍ମ ଉପାସନା
ଜଳୁଛି ଜୀବନ ଦୀପ
ଢ଼ାଳ କରୁଣାର ବିନ୍ଦୁ ନବନୀତ
ଜଳି ଯାଉ ଯେତେ ପାପ ।
ଆଖି ଲୁହ ଧାର ନିରିମଳ ଜଳ
କର ପୁଟ ଶୂନ୍ୟ ଥାଳ
ମନ ଦେବଭୂମି ହୃଦୟ ଦେଉଳ
ଭକତି ମୋ ପୂଜାଫୁଲ ।
ଗୋଟା ପଣେ ପ୍ରାଣ କରିଛି ଅର୍ପଣ
ପାଦ ତଳେ ମହାଭାଗ
ଭକ୍ଷି ଦୁଃଖ ଜ୍ୱାଳା ବ୍ୟଥା ଫଳ ଭୋଗ
ଆଦରି କଷଣ ଭାଗ୍ୟ ।
ସେବା ସମର୍ପଣ ଉପବାସ ବ୍ରତ
ସାଧନା ଦେହର ବଳ
ମନ ଦେବଭୂମି ହୃଦୟ ଦେଉଳ
ଭକତି ମୋ ପୂଜାଫୁଲ ।

*ପହଣ୍ଡି ବରଗଡ଼*

*ମୋ:୯୪୩୭୫୨୨୪୫୫*

## ପଣା ସଂକ୍ରାନ୍ତି

*ନିରଞ୍ଜନ ସାହୁ*



ବସନ୍ତ ସରିଲା ଗ୍ରୀଷ୍ମ ଆରମ୍ଭିଲା
ପଣା ସଙ୍କରାନ୍ତି ହେଲା
ମେଷରାଶି ଠାରେ ସୂର୍ଯ୍ୟଙ୍କ ଆସ୍ଥାନ
ବୈଶାଖ ସୂଚ଼ନା ଦେଲା ।

ବିଷୁବ ରେଖାରେ ସୂର୍ଯ୍ୟ ଅବସ୍ଥାନ
କିରଣ ପଡିବ ଲମ୍ବ
ଚ଼ଉଁରା ଉପରେ ଛାମୁଣ୍ଡିଆ ହେବ
ଚାରିପଟେ ପୋତ ଖମ୍ବ
ଜାମୁକୋଳି ଗଛ ଝାଟି ପକାଇବ
ରଖିବନି ଜମା ମେଲା ।

ବସୁନ୍ଧରା ଠେକି ଶିକାରେ ରଖିକି
ଓହଳାଇ ତହିଁ ଦେବ
ଠେକିଟିରେ ଜଳପୂର୍ଣ୍ଣ କରିବାର
ବ୍ୟବସ୍ଥା କରାଇ ନେବ
ମାସ ସାରା ଜଳବିନ୍ଦୁ ଝରୁଥିବ
କରିବନି ଜମା ହେଳା ।

ଶକ୍ତିପୀଠେ ଝାମୁଯାତ୍ରା ଚାଲିଥିବ
କାଳିସୀ ଚାଲିବ ନିଆଁ
ମହାବୀର ପିଠେ ହନୁମାନ ଜନ୍ମ
ଆଶ୍ଚର୍ଯ୍ୟ ହେଉଛ କିଆଁ
ନୂତନ ପଞ୍ଜିକା କାର୍ଯ୍ୟକାରୀ ହେଲା
ବୁଝିନିଅ ଶୁଭବେଳା ।

ଓଡ଼ିଆ ଜାତିର ନୂଆବର୍ଷ ଏହା
ଏକଥା ସଭିଙ୍କୁ ଜଣା
ଆନନ୍ଦ ମନରେ ଛତୁଆ ଖାଇବା
ଖୁସିରେ ପିଇବା ପଣା
ନୂଆବର୍ଷ ନୂଆକରି ଦେଖାଇବା
ପୁରୁଣା ବିଦାୟ ନେଲା ।

*ନିହଲ ପ୍ରସାଦ, ଗଁଦିଆ ପାଟଣା*

*ଢେଙ୍କାନାଳ- ୭୫୯୦୧୬*

*ମୋ : ୯୯୩୮୭୪୧୫୮୩*

## ଉତ୍ତର ପାଇ ନଥିବା ପ୍ରଶ୍ନ

*କବିରତ୍ନ ନୂତନ କୁମାର ବେହେରା*



ଜାଣି ନଥିବା ବୁଝି ନଥିବା କିଛି ପ୍ରସଙ୍ଗରେ
ମନକୁ ମନ ବହୁତ ଜଟିଳ ପ୍ରଶ୍ନ ଆସେ
ଜିଜ୍ଞାସାର ପ୍ରବୃତ୍ତି ନେଇ ତାର ଉତ୍ତର
ଖୋଜି ବୁଲେ ଜ୍ଞାନର ମୂଳକରେ କାଳ କାଳ
କେବେ ଯଦି ପାଇଯାଏ ହୁଏ ଖୁସି ପାଏ ଶାନ୍ତି
ନ ପାଇଲେ ଖୋଜିବାର ଉଦ୍ୟମ ରଖେ
ଅନେକ ପ୍ରଶ୍ନର ସଠିକ୍ ଉତ୍ତର ପାଇ ବି
ମନରେ ସ୍ଥିର ହୋଇ ରହେନା ସ୍ଥାୟୀ ଭାବରେ
ନିଜ ମେଧା ଶକ୍ତିର ମାନସିକତାକୁ ନେଇ
ସବୁ ପ୍ରଶ୍ନର ଉତ୍ତର ବୁଝିହୁଏ କିଛି ହୁଏନା କିଛି
ଯା' ବୁଝି ହୁଏ କିନ୍ତୁ ବୁଝାଇ ହୁଏନା ଅନ୍ୟକୁ
ଆଉ କିଛି ଉତ୍ତର କେହି ବୁଝାଇଲେ ଯେତେ
ହୁଏନା ହୃଦୟର ସହିତ ବୁଝି ଅନୁଭବରେ
ସବୁ କଥାର ବ୍ୟଥାରେ ପୁରାଇ ମଥା
ଅସ୍ତବ୍ୟସ୍ତ ହୁଏ ଯନ୍ତ୍ରଣାରେ ଜୀବନ
ଯା' ଭୁଲିବାର କଥା ନୁହେଁ ତା' ଭୁଲିଯାଏ
ଯା' ଭୁଲିଯିବା କଥା ତାକୁ ଭୁଲେ ନାହିଁ କେବେ
କାହିଁକି ପ୍ରଶ୍ନଟିଏ ହୋଇ ଆଗେ ହୁଏ ଠିଆ
ତା' ଉତ୍ତର ଦିଅନ୍ତି ଯେଉଁମାନେ ଯେତେ
ମନ ବୁଝେ ନାହିଁ ଠିକ୍ ବୋଲି ଦୃଢ଼ଭାବରେ
ସ୍ୱୀକାର କରି ମଧ୍ୟ ପାରେ ନାହିଁ ଅନ୍ତଃକରଣରୁ
ମାନସିକତାର ପରିପକ୍ୱ ଅବସ୍ଥା ଯାଏଁ
ଅନୁସନ୍ଧାନ କରୁଥାଏ ପାଇବାକୁ ତାର ଉତ୍ତର
ଜନ୍ମ ମୃତ୍ୟୁ ଲମ୍ବା ବ୍ୟବଧାନର ଏ ଜୀବନ
ଯେତେ ହେଲେ ବି ଲାଗେ ସଂକ୍ଷିପ୍ତ ଅସମ୍ପୂର୍ଣ୍ଣ
ପ୍ରଶ୍ନ ଆସେ କେଉଁଠି ତାର ପରିସମାପ୍ତି
ଧର୍ମର ଭାରଦଣ୍ଡରେ ସତ ମିଛର ଦୁଇ ପାଲା
ପାପ ପୁଣ୍ୟର ବଟକରାରେ ତଉଲେ ବଞ୍ଚିବାକୁ
ବଞ୍ଚୁ ବଞ୍ଚୁ ହଠାତ୍ ଯଦି ମରିଯାଏ କେବେ
ନିରୁତ୍ତର ରହେ ଉତ୍ତର ପାଇ ନଥିବା ପ୍ରଶ୍ନ...।

*କୋହି,ବାରିପଦା,ମୟୂରଭଞ୍ଜ।*

*ଦୂରଭାଷ - ୮୦୧୮୩୫୩୩୨୨*




# ଓଡ଼ିଶାର ସାମଗ୍ରିକ ବିକାଶ କେବଳ କଂଗ୍ରେସ ହିଁ କରିଛି ଏବଂ କରିବ

ଭୁବନେଶ୍ୱର (ପିଏନ୍)- ଜନସଂପର୍କ ଯାତ୍ରାର ପ୍ରଥମ ପର୍ଯ୍ୟାୟର ତୃତୀୟ ଦିନରେ ବାଲେଶ୍ୱର ଆଇଟିଆଇ ପଡ଼ିଆରେ ଆୟୋଜିତ ଏକ ସାଧାରଣ ସଭାରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ କଂଗ୍ରେସ ନେତୃବର୍ଗ, କର୍ମୀ ଓ ସାଧାରଣ ଜନତାଙ୍କୁ ସମ୍ବୋଧିତ କରି କହିଲେ ଯେ ବାଲେଶ୍ୱର ମାଟି ହେଉଛି ବ୍ୟାସକବି ଫକୀର ମୋହନଙ୍କର ମାଟି। ଏ ବାଲେଶ୍ୱର ଜିଲ୍ଲା ଧାନ, ପାନ ଓ ମିନର ଜିଲ୍ଲା। ଆଜି ଓଡ଼ିଶାରେ ଯେଉଁ କିଛି ବୃହତ ଶିଳ୍ପ ଆପଣ ଦେଖୁଛନ୍ତି ତାହା କେବଳ କଂଗ୍ରେସ ସରକାର ସମୟରେ ହିଁ ହୋଇଥିଲା। ସେ ପାରାଦ୍ୱୀପ ବନ୍ଦର, ରାଉରକେଲା ଷ୍ଟିଲ ପ୍ଲାଂଟ, ନାଲକୋ, ହାଲ, ଗୋଳାବାରୁଦ କାରଖାନାଠାରୁ ଆରମ୍ଭ କରି ଚିଲିକାରେ ନୌବାହିନୀ ତାଲିମ କେନ୍ଦ୍ର ଇତ୍ୟାଦି ଏହାର ମୂକସାକ୍ଷୀ। ଭାରତବର୍ଷର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କର ପ୍ରଧାନମନ୍ତ୍ରିତ୍ୱ କାଳରେ ଓଡ଼ିଶାର ଶିଳ୍ପ ବିକାଶ ଓ ଓଡ଼ିଶାର ଭବିଷ୍ୟତର ଇତିହାସ ଲେଖାଯାଇଥିଲା। ସେହିଭଳି ଭାବରେ କଂଗ୍ରେସ ସରକାର ସମୟରେ ରାଜ୍ୟରେ ଶିଳ୍ପର ବାତାବରଣକୁ ସୃଷ୍ଟି କରିବା ପାଇଁ ପ୍ରତ୍ୟେକ ଜିଲ୍ଲାର ଶିଳ୍ପାଂଚଳ ସୃଷ୍ଟି କରାଯାଇ ବହୁ ଶିଳ୍ପ ପ୍ରତିଷ୍ଠା କରାଯାଇଥିଲା। ବାଲେଶ୍ୱର ଜିଲ୍ଲାରେ ବିର୍ଲା ଟାୟାର୍ସ, ପୋଲାର ଲାଟେକ୍ସ, ଇସ୍ପାତ ଆଲଓ୍ୱେଜ ଏବଂ ଗ୍ୟାସ ସିଲିଣ୍ଡର ଉତ୍ପାଦନ କାରଖାନା ମଧ୍ୟ କରାଯାଇଥିଲା। ଶିକ୍ଷାର ବିକାଶ ପାଇଁ ଶିଳ୍ପ ତାଲିମ କେନ୍ଦ୍ରଠାରୁ ଆରମ୍ଭ କରି ବହୁ ନୂଆ କଲେଜ, ବିଦ୍ୟାଳୟମାନ ପ୍ରତିଷ୍ଠା କରାଯାଇଥିଲା। କିନ୍ତୁ ଦୁଃଖର କଥା ମୁଖ୍ୟମନ୍ତ୍ରୀ ଦୀର୍ଘ ୧୦ବର୍ଷ କାଳ ଧରି ଦେଶ ଭିତରେ ଏବଂ ଦେଶ ବାହାରେ ପୁଂଜିପତିମାନଙ୍କୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ବହୁ ବୈଠକ କରୁଛନ୍ତି। ସରକାର ନିଜେ କହୁଛନ୍ତି ଲକ୍ଷ ଲକ୍ଷ କୋଟି ଟଙ୍କାର ପୁଂଜି ଆସିଛି କିନ୍ତୁ ବାଲେଶ୍ୱର ଜିଲ୍ଲାରେ ଏହି ୨୨ ବର୍ଷ ଭିତରେ କେତୋଟି ଶିଳ୍ପ ହୋଇଛି ବୋଲି ପ୍ରଶ୍ନ କରିଛନ୍ତି ଶରତ। ଏ ଜିଲ୍ଲାର ବହୁ ଲୋକଙ୍କର ଜୀବନରେଖା ଥିଲା ବିର୍ଲା ଟାୟାର୍ସ, ବାଲେଶ୍ୱର/ଇସ୍ପାତ ଆଲଓ୍ୱେଜ ଆଜି ବନ୍ଦ କାହିଁକି। ମୁଖ୍ୟମନ୍ତ୍ରୀ ଏ ଶିଳ୍ପପତିଙ୍କ ସହିତ କେତେଥର ଆଲୋଚନା କରିଛନ୍ତି। କେତୋଟି କୃଷିଭିତିକ ଶିଳ୍ପ ଏ ଜିଲ୍ଲାରେ ଅଛି। ରାଜ୍ୟ ସରକାର କହିବେ କି ଶୀତଳ ଭଣ୍ଡାର କେଉଁ କେଉଁ ଜାଗାରେ କରିଛନ୍ତି। ଆଜି ସାରା ଓଡ଼ିଶାର ଶିକ୍ଷିତ ଯୁବକଯୁବତୀମାନେ ଶହ ଶହ କିଲୋମିଟର ଦୂରକୁ ଯାଉଛନ୍ତି ନିଜର କର୍ମନିଯୁକ୍ତି ପାଇଁ। ୨୨ ବର୍ଷପରେ ଓଡ଼ିଶା ଆଜି ସବୁ କ୍ଷେତ୍ରରେ ପଛୁଆ। ଏପରିକି ରୋଜଗାର କ୍ଷେତ୍ରରେ ଆମେ ଝାଡ଼ଖଣ୍ଡ, ବିହାର ଠାରୁ ମଧ୍ୟ ପଛୁଆ। ଏ ଜିଲ୍ଲାର କୃଷକ ଭାଇଙ୍କ କଥା କହିବି ନାହିଁ। ବାରମ୍ବାର ପ୍ରତିଶୃତି ଦିଆଯାଇଥିଲା ଯେ ପ୍ରତ୍ୟେକ ବ୍ଲକରେ ସର୍ବନିମ୍ନ ୩୫% ଜଳସେଚନ କରାଯିବ ବୋଲି। ୨୦୦୯ରେ ଦେଇଥିବା ପ୍ରତିଶୃତିକୁ ୨୦୨୨ରେ ବି ପୂରଣ ହୋଇପାରିଲା ନାହିଁ। ମୁଖ୍ୟମନ୍ତ୍ରୀଙ୍କର ଆନ୍ତରିକତା ନାହିଁ, ନିଷ୍ଠା ନାହିଁ ରାଜ୍ୟକୁ ଆଗକୁ ନେବାପାଇଁ। ପ୍ରତିଦିନ ମାଳ ମାଳ ଯୋଜନା ଏତେ ଯୋଜନା ପରେ ମଧ୍ୟ କାହିଁକି ଏ ସମସ୍ତ ଯୋଜନା ରାଜ୍ୟର ଜନଜୀବନର ସାମୂହିକ ପରିବର୍ତନ କରିପାରିଲା ନାହିଁ। ଗୋଟେ ରାଜ୍ୟର ଭବିଷ୍ୟତ ଜୋତା, ଛତା, ଲାପଟପ, ସାଇକେଲ, ଦୁଇହଳ ପୋଷାକ ଓ ଅଣ୍ଡା ଦ୍ୱାରା ନିର୍ଦ୍ଧାରଣ କରାଯାଇପାରିବ ନାହିଁ। ଏଥିପାଇଁ ଯୋଜନା ସହିତ ନିଷ୍ଠାର ଆବଶ୍ୟକତା ରହିଛି। କଂଗ୍ରେସ ସରକାର ଆସିଲେ ୨୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ସମସ୍ତଙ୍କୁ ଯୋଗାଇ ଦିଆଯିବ। ଏ ଜିଲ୍ଲାର ନୂତନ ଶିଳ୍ପ ପ୍ରତିଷ୍ଠା କରିବା ସହିତ କୃଷି ବିଶ୍ୱବିଦ୍ୟାଳୟ ତୁରନ୍ତ ସ୍ଥାପନ କରିବୁ। ଆମେ ଯେଉଁ ଏମ୍ସ ହସପିଟାଲ କରିଥିଲୁ ଏହାକୁ ପୂର୍ଣ୍ଣ କ୍ଷମତା ବିଶିଷ୍ଟ ହସପିଟାଲ କରିବୁ। ମୋର କଂଗ୍ରେସ କର୍ମୀ ଭାଇମାନଙ୍କୁ ଓ ନେତୃବର୍ଗଙ୍କୁ ଯୋଡ଼ହସ୍ତରେ ନିବେଦନ ଆମେ ସମସ୍ତେ ସମସ୍ତ ମନୋମାଳିନ୍ୟକୁ ଭୁଲି ଏକ ହୋଇ କଂଗ୍ରେସକୁ ରାଜ୍ୟ ଶାସନକୁ ଆଣିବୁ। ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀ ସଂଜିବ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜନସଭାରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ପୂର୍ବତନ ମନ୍ତ୍ରୀ ଯୁଧିଷ୍ଠିର ଜେନା, ପୂର୍ବତନ ବିଧାୟକ ଗୋପନାରାୟଣ ଦାସ, ଦେବାଶିଷ ପଟ୍ଟନାୟକ, ଅକ୍ଷୟ ଆଚାର୍ଯ୍ୟ, ପିସିସି ଉପସଭାପତି ସୁରେଶ ମହାପାତ୍ର, କିଶୋର ଜେନା, ଶୁଭେନ୍ଦୁ ମହାନ୍ତି, ଲୋକନାଥ ମହାରଥି, ଜ୍ଞାନରଂଜନ ପଟ୍ଟନାୟକ, ଜାନକୀବଲ୍ଲଭ ପଟ୍ଟନାୟକ, ଅର୍ଚ୍ଚନା ନନ୍ଦି, ପ୍ରଜ୍ଞା ମହାନ୍ତି, ମମତା କୁଣ୍ଡୁ, ଚିତ ଷଡ଼ଙ୍ଗୀ, ମନୋଜମଂଜରି ଦେବୀ, ବିଜନ ଦାସ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ, ମୟୁରଭଂଜ ଜିଲ୍ଲା କଂଗ୍ରେସ ସଭାପତି ହେମନ୍ତ ଦାସ, ସୁଦର୍ଶନ ଦାସ, ସତ୍ୟଶିବ ଦାସ, ରାଜ୍ୟ ସାମାଜିକ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅଭିଷେକ ମହାନନ୍ଦ, ରଂଜନ ଦାସ, ଗୌତମ ସାହୁ, ପଦ୍ମାକର ଗୁରୁ ସମେତ ଜିଲ୍ଲାର ସମସ୍ତ ବ୍ଲକ କଂଗ୍ରେସ ସଭାପତିଗଣ ଏବଂ ଜିଲ୍ଲାର କଂଗ୍ରେସର ଯୁବ ମହିଳା, ଛାତ୍ର କର୍ମୀ ହଜାର ହଜାର ସଂଖ୍ୟାରେ ଯୋଗଦେଇଥିଲେ। ଶେଷରେ ପିସିସି ସଂପାଦକ ଅର୍ଚ୍ଚନା ନନ୍ଦି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ଆଇଟିଆଇ ପଡ଼ିଆ ପର୍ଯ୍ୟନ୍ତ ନିଆଯାଇଥିଲା। ଏଠାରେ ସୂଚାଇ ଦେଉଛୁକି ଏହିପରି ଜନସଂପର୍କ ଯାତ୍ରା ପରବର୍ତୀ ପର୍ଯ୍ୟାୟରେ ରାଜ୍ୟର ସମସ୍ତ ଜିଲ୍ଲାରେ ଅନୁଷ୍ଠିତ ହେବ।

# ବଡ଼ଚଣାରେ ବିଜେଡ଼ିରୁ ପ୍ରାର୍ଥୀ ଆଶାରେ ଅନେକ - ଅଙ୍କ ଛିଣ୍ଡୁନାହିଁ ରାଜ୍ୟ ନେତୃତ୍ୱରେ

ଦର୍ପଣ (ପିଏନ୍) - ଓଡ଼ିଶାରେ ପୁନଃରାୟ ବିଜେଡି ସରକାର ଗଠନ ହେବାପାଇଁ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦମ୍ଭୋକ୍ତି। କେତେକ ସ୍ଥାନରେ ବିଧାୟକ ପଦ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା ହୋଇଥିଲେ ହେଁ ଆଜି ପର୍ଯ୍ୟନ୍ତ ବଡ଼ଚଣାରେ ପ୍ରାର୍ଥୀ ନାମ ଘୋଷଣା ହୋଇପାରୁ ନାହିଁ। ଦେଖିବାକୁ ମିଳୁଛି ବଡ଼ଚଣାରେ ଆଶାୟୀଙ୍କ ପ୍ରାର୍ଥୀ ମଧ୍ୟରେ ବିଧାୟକ ଅମର ପ୍ରସାଦ ଶତପଥୀ ଓ ତାଙ୍କ ପୁତ୍ର ଆଦିତ୍ୟ ଶତପଥୀ ରାଜ୍ୟ ବିଜେଡ଼ି ସାଧାରଣ ସମ୍ପାଦକ ଜନ୍ମେଜୟ ଲେଙ୍କା, କଂଗ୍ରେସ ଦଳରୁ ଇସ୍ତଫା ଦେଇ ବିଜେଡ଼ି ଦଳରେ ସାମିଲ ହୋଇ ନଥିବା କ୍ୟାପ୍ଟେନ୍ ରାଜନାରାୟଣ ମହାପାତ୍ର ଓ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ନିର୍ମଳ ମିଶ୍ର ଓ ନାରୀ ନେତ୍ରୀ ଶ୍ରୀମତୀ ମନୋରମା ଆଚାର୍ଯ୍ୟ। ଅମର ଶତପଥୀ ବଡ଼ଚଣାରେ ବାରମ୍ବାର ବିଧାୟକ ହୋଇଥିଲେ ହେଁ ପୁନରାୟ ୨୦୨୪ ପାଇଁ ସେ ପ୍ରାର୍ଥୀ ପାଇଁ ଆବେଦନ କରିଛନ୍ତି। ଦେଖିବାକୁ ମିଳେ ବଡ଼ଚଣାର ୩ଜଣ ଜିଲ୍ଲାପରିଷଦ ସଭ୍ୟ ଓ କେତେକ ନିର୍ବାଚିତ ସରପଂଚ ଓ ସମିତି ସଭ୍ୟ ତାଙ୍କ ସାଙ୍ଗରେ ନାହାଁନ୍ତି। ବଡ଼ଚଣାର କେତେକ ପଂଚାୟତର ବିଜେଡ଼ି କର୍ମୀମାନେ ତାଙ୍କୁ ମଧ୍ୟ ଟିକେଟ ନ ପାଇବା ପାଇଁ ବିରୋଧ କରୁଛନ୍ତି। ଯେଉଁଠାରେ କର୍ମୀ ନାହାଁନ୍ତି ସେ ସ୍ଥାନରେ ଦଳ ସପକ୍ଷରେ ଭୋଟ ମିଳିବା ଅସମ୍ଭବ। ଜନ୍ମେଜୟ ଲେଙ୍କା ୨୦୧୯ ମସିହାରେ ସେ କଂଗ୍ରେସ ଦଳ ପରିତ୍ୟାଗ କରି ବିଜେଡ଼ି ଦଳରେ କେତେକ କଂଗ୍ରେସ କର୍ମୀଙ୍କୁ ନେଇ ନବୀନ ନିବାସରେ ସାମିଲ ହୋଇଥିଲେ। ସେ ମଧ୍ୟ ବଡ଼ଚଣାରେ ବିଜେଡ଼ି ସଂଗଠନ ମଧ୍ୟ ଜାହିର ରଖିଛନ୍ତି। ଶ୍ରୀ ଲେଙ୍କା ଆଶା ବାନ୍ଧିଛନ୍ତି ବଡ଼ଚଣାରେ ବିଜେଡ଼ି ଦଳରୁ ପ୍ରାର୍ଥୀ ହେବା ପାଇଁ। ଏହି ଦୁଇ ଗୋଷ୍ଠୀ ମଧ୍ୟରେ ଅନ୍ତଦ୍ୱନ୍ଦ୍ୱ ଓ ଗୋଷ୍ଠୀକନ୍ଦଳ ଲାଗିରହିଛି। ଗତ ମାର୍ଚ୍ଚମାସରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ପ୍ରାକ୍ତନ ପଂଚାୟତ ସମିତି ଅଧ୍ୟକ୍ଷ ପ୍ରହଲ୍ଲାଦ ନନ୍ଦ ଓ କୈଳାସ ରାଉତଙ୍କ ନେତୃତ୍ୱରେ ଖଇରା ମେଳଣ ପଡ଼ିଆରେ ଏକ ସଭା କରିଥିଲେ। ତାଙ୍କର ଚିନ୍ତାଧାରା ଥିଲା ବଡ଼ଚଣାରେ ନେତୃତ୍ୱ ପରିବ ର୍ନ କରିବା ପାଇଁ। ଏ ସଭା ପରେ ବ୍ଲକ ବିଜେଡ଼ି ସଭାପତି ଅରବିନ୍ଦ ସାମଲଙ୍କ ନେତୃତ୍ୱରେ ବଡ଼ଚଣା ମହୋତ୍ସବ ପଡ଼ିଆରେ ବିଜେଡ଼ି ଦଳ ପକ୍ଷରୁ ଏକ ସଭା ମଧ୍ୟ କରାଯାଇଥିଲା। ସଭାରେ ମଧ୍ୟ ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇଥିଲେ। ଦେଖିବାକୁ ମିଳେ କ୍ୟାପ୍ଟେନ ରାଜନାରାୟଣ ମହାପାତ୍ର କଂଗ୍ରେସ ପତାକା ନ ଉଡ଼ାଇ ସେହି ବଡ଼ଚଣା ମହୋତ୍ସବ ପଡ଼ିଆରେ ପ୍ରଗତି ମଂଚ ନାମରେ ଏକ ସଭା ପରିଥିଲେ। ସଭା ସରିବା ପରେ ଶ୍ରୀ ମହାପାତ୍ର କଂଗ୍ରେସ ଦଳରୁ ଇସ୍ତଫା ଦେଇଛନ୍ତି କିନ୍ତୁ ଦୀର୍ଘ ଦେଢମାସ ହେବ ସେ ମଧ୍ୟ ବିଜେଡ଼ିରେ ସାମିଲ ହୋଇନାହାଁନ୍ତି। ଅଧିକନ୍ତୁ ତାଙ୍କ ସମର୍ଥୀତ କେତେକ କର୍ମୀ ବଡ଼ଚଣା ବିଜେଡ଼ି ଟିକେଟ ପାଇଛନ୍ତି ବୋଲି ଏକ ହାଓ୍ୱା ସୃଷ୍ଟି କରୁଛନ୍ତି। ଏହି ୪ଦିଦ ପୂର୍ବରୁ ଜନ୍ମେଜୟ ଲେଙ୍କାଙ୍କ ଗୋଷ୍ଠୀ ପକ୍ଷରୁ କମଳାବାଗ କଚେରୀ ପଡ଼ିଆରେ ଏକ କର୍ମୀ ବୈଠକ ଓ ଅମର ଶତପଥୀଙ୍କ ଗୋଷ୍ଠୀ ପକ୍ଷରୁ ଧାନମଣ୍ଡଳ ଠାରେ ଏକ ଆଲୋଚନା ଚକ୍ର ଦଳ ସମ୍ପର୍କରେ କିଏ ପ୍ରାର୍ଥୀ ହେବ ସେ ସମ୍ପର୍କରେ ଦଳୀୟ କର୍ମୀ ମାନେ ଆଲୋଚନା କରିଥିଲେ। ବଡ଼ଚଣାର ନିର୍ମଳ ମିଶ୍ର ତାଙ୍କ ଚାକିରୀରୁ ଅବସର ନେବା ପରେ କାହା ଇଙ୍ଗିତରେ ସେ ବଡ଼ଚଣାର ୪୩ଟି ପଂଚାୟତର ସମସ୍ତ ଗ୍ରାମକୁ ଯାଇ ଜନ ସମ୍ପର୍କ ରଖିଥିଲେ। ସେ ମଧ୍ୟ ଆଶାୟୀ ବିଜେଡ଼ିରୁ ଟିକେଟ ହାସଲ କରିବା ପାଇଁ।

# ଦୀପ ତଳ ଅନ୍ଧାର: ସାଇ ନଗର ବାସିନ୍ଦା କ'ଣ ସରକାରଙ୍କ ସାବତ ପୁଅ ?



ଭୁବନେଶ୍ୱର (ପିଏନ୍): ଗତ ୭ ଏପ୍ରିଲ ୨୦୨୧ ଠାରୁ ଭୁବନେଶ୍ୱର ମ୍ୟୁନିସିପାଲ କମିଶନର ଭୁବନେଶ୍ୱରସ୍ଥିତ ୨୨ ନଂ ଓ୍ୱାର୍ଡର ସାଇ ନଗର ବାସିନ୍ଦାମାନେ ଲିଖିତ ଭାବେ ଅଭିଯୋଗ କରିଥିଲେ ଏବଂ ପୁନର୍ବାର ୧ ଏପ୍ରିଲ ୨୦୨୨ ମାନନୀୟା ଡେପୁଟୀ ମେୟରଙ୍କୁ ସ୍ଥାନୀୟ ବାସିନ୍ଦାମାନେ ଲିଖିତ ଭାବେ ଅଭିଯୋଗ ଦାଖଲ କରିଥିଲେ। ପକ୍କା ରାସ୍ତା, ଡ୍ରେନ ବ୍ୟବସ୍ଥା ଏବଂ ପରିମଳ ବ୍ୟବସ୍ଥା ଯଥାଶୀଘ୍ର ଆରମ୍ଭ କରିବା ପାଇଁ କିନ୍ତୁ ବିଡମ୍ବନାର ବିଷୟ ବର୍ଷେରୁ ଉର୍ଦ୍ଧ୍ୱ ପୁରିବାକୁ ବସିଲାଣି ସ୍ଥାୟୀ ବାସିନ୍ଦାଙ୍କର ଗୁହାରିକୁ କର୍ତୃପକ୍ଷ କୌଣସି ପରିସ୍ଥିତିରେ କର୍ଣ୍ଣପାତ କରିଲେ ନାହିଁ। ଯାହାଫଳରେ ଲୋକମାନେ ନିଜର ମୌଳିକ ଅଧିକାର ପାଇପାରୁନାହାଁନ୍ତି। ସାଇ ନଗର ଯୋଉଟା କି ବିଏମ୍ସିର ଓ୍ୱାର୍ଡ ନଂ-୨୨ ଅନ୍ତର୍ଗତ। ୫ଟି ଲେନ୍ ବିଶିଷ୍ଟ ଏବଂ ୭୦ଟି ଘର, ୧୫୦ ପ୍ଲଟ ବର୍ତମାନ କାର୍ଯ୍ୟ ଚାଲିଛି। ୫୦୦ ଜଣ ସ୍ଥାନୀୟ ବାସିନ୍ଦା ଗତ ୧୪ବର୍ଷ ହେଲା ସେହି ଯାଗାରେ ରହିଆସୁଛନ୍ତି। ଦୁଃଖ ଓ ବଡମ୍ବନାର ବିଷୟ କି ଅଭିଯୋଗର ବର୍ଷେରୁ ଉର୍ଦ୍ଧ୍ୱ ପୁରିଗଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସମସ୍ତ ବାସିନ୍ଦାମାନେ ବିଏମ୍ସିକୁ ହୋଲ୍ଡିଙ୍ଗ ଟ୍ୟାକ୍ସ ଦେଉଛନ୍ତି। ଉକ୍ତ ସାଇ କଲୋନୀରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ବରିଷ୍ଠ ନାଗରିକ, ମହିଳା ଏବଂ ଛାତ୍ରଛାତ୍ରୀ ବସବାସ କରୁଛନ୍ତି। ବର୍ଷାଦିନ ଆସିଗଲାଣି ପକ୍କା ରାସ୍ତା ଏବଂ ପରିମଳ ବ୍ୟବସ୍ଥା ନଥିବାରୁ ସାଧାରଣରେ ଲୋକ ଅସନ୍ତୋଷ ପ୍ରକାଶ କରୁଛନ୍ତି। ସାଇ ନଗର ଓ୍ୱାର୍ଡ ନଂ-୨୨ (ଶ୍ୟାମପୁର) ବାସିନ୍ଦାମାନେ ସରକାରଙ୍କ ନିକଟରେ ଅନୁରୋଧ କରିଛନ୍ତି କି ସରକାର ନିଜର ବୈମାତୃକ ମନୋଭାବ ପୋଷଣ ନକରି ଯଥାଶୀଘ୍ର ପକ୍କା ରାସ୍ତା, ଡ୍ରେନ ଏବଂ ପରିମଳ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଅନ୍ତୁ।

# କେନ୍ଦ୍ରାପଡା-ଯାଜପୁର ପ୍ରତିଭା ପୂଜା ସଂସଦ ପକ୍ଷରୁ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ

***ଶିକ୍ଷାବିତ ଅଦ୍ୱୈତ ବଲ୍ଲଭ ଜେନାଙ୍କୁ "ବରୀ ଗୌରବ ସମ୍ମାନ" ପ୍ରଦାନ***



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା-ଯାଜପୁର ପ୍ରତିଭା ପୂଜା ସଂସଦ ପକ୍ଷରୁ ଓଡିଶା ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ ଇନ୍ଦୁପୁରସ୍ଥିତ ମା' ଚଣ୍ଡୀଦେବୀଙ୍କ ପୀଠରେ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସୁବାସ ଚନ୍ଦ୍ର ମଜୁମଦାରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଉଦଘାଟକ ଭ ାବେ ଯୋଗଦେଇ ଅଦ୍ୱୈତ ସାର ଏକାଧାରରେ ଜଣେ ଆଦର୍ଶ ଶିକ୍ଷକ, ନିଷ୍ଠାପର ସମାଜସେବୀ ଓ ଜଣେ ଉତ୍ସର୍ଗୀକୃତ ମଣିଷ ଭାବରେ ସମାଜର ସେବା ପାଇଁ ନିଜକୁ ଉତ୍ସର୍ଗ କରିଥିବା ଜଣେ ବିରଳ ବ୍ୟକ୍ତିତ୍ୱ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଗିତାଞ୍ଜଳୀ ସେଠୀ, ମୁଖ୍ୟବକ୍ତା ଭାବରେ ପ୍ରାକ୍ତନ ତୁଳସୀ ମହିଳା କଲେଜ ଅଧ୍ୟକ୍ଷ ପ୍ରଫେସର ଅଜୟ ସାମଲ ଓ ସମ୍ମାନୀତ ଅତିଥି ଭାବେ ଇନ୍ଦୁପୁର ସରପ ପ୍ରଦୀପ୍ତ ରଞ୍ଜନ ସୁତାର, ସମିତିସଭ୍ୟା ସୁନନ୍ଦା ମଳିକ, ଗମ୍ଭୁ ସରପ ଜଗଦିଶ ଜେନା, ଶିକ୍ଷାବୀତ ନୀଳମାଧବ ପତି, ଶିକ୍ଷାବୀତ ହେମନ୍ତ ମହାପାତ୍ର, ସଚିଦାନନ୍ଦ ମହାପାତ୍ର, ପର୍ଶୁରାମ ସ୍ୱାଇଁ, ସମାଜସେବୀ ଶ୍ରୀବତ୍ସ ନାୟକ, ପରିବେଶବିତ କାଶିନାଥ ରାଉତରାୟ ପ୍ରମୁଖ ଯୋଗଦେଇ ଶ୍ରୀ ଜେନାଙ୍କ ଉତ୍ସର୍ଗୀକୃତ ଜୀବନୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବରିଷ୍ଠ ଶିକ୍ଷାବିତ, ସମାଜ ସଂସ୍କାରକ ଅଦ୍ୱୈତ ବଲ୍ଲଭ ଜେନାଙ୍କୁ ସଂସଦ ପକ୍ଷରୁ ଅତିଥିମାନେ ମାନପତ୍ର, ପୁଷ୍ପମାଲ୍ୟ, ପଗଡି ଓ ଉ ରୀୟ ପ୍ରଦାନ ପୂର୍ବକ "ବରୀ ଗୌରବ ସମ୍ମାନ"ରେ ସମ୍ମାନୀତ କରିଥିଲେ। ଏଥିସହିତ ବାରୁଣି ତୀର୍ଥ ଉନ୍ନୟନ କମିଟି ପକ୍ଷରୁ ମଧ୍ୟ ପ୍ରତିଷ୍ଠାତା ଅଧ୍ୟକ୍ଷ ପ୍ରକାଶ କୁମାର ଜେନା ସମ୍ବର୍ଦ୍ଧିତ ପ୍ରତିଭା ଶ୍ରୀ ଜେନାଙ୍କୁ "ବାରୁଣି ତୀର୍ଥ ସେବା ସମ୍ମାନ" ପ୍ରଦାନ କରିଥିଲେ। ଶିକ୍ଷାବିତ ପ୍ରଣବ କୁମାର ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷାବିତ ମୂରଲୀଧର ବିଶ୍ୱାଳ ସମ୍ପାଦକୀୟ ବିବରଣୀ ପାଠ ଓ ପାୟଲ ମ୍ୟୁଜିକ ସ୍କୁଲର ପ୍ରତିଷ୍ଠାତା ସମ୍ପାଦକ ଦେବାଶିଷ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ ପରିଚାଳନାରେ ଦେବେନ୍ଦ୍ର କୁମାର ରାଉତ, ପ୍ରକାଶ ଜେନା, ଜ୍ଞାନେନ୍ଦ୍ର ବାରିକ, ରାମନାରାୟଣ ସିଂହ, ଚନ୍ଦନ ସାହୁ, ବିଜୟ କେତନ ଜେନା, ଗୌରାଙ୍ଗ ଚରଣ ସାହୁ, ବିଜୟ କୁମାର ସାହାଣୀ, ବେଣୁଧର ନାୟକ, ପୂର୍ବତନ ସରପ ବିଜନ ମଲିକ, ପୂର୍ବତନ ଧୂମାତ ସରପ ନରହରି ପାଣି, ଚିରରଞ୍ଜନ ରାଉତ ପ୍ରମୁଖ ସହଯୋଗ କରିଥିଲେ। ସମ୍ବର୍ଦ୍ଧିତ ପ୍ରତିଭା ଶ୍ରୀ ଜେନାଙ୍କ ଆଶୁ ଆରୋଗ୍ୟ କାମନା କରାଯାଇ ଶତାଧିକ ଶୁଭ ଚିନ୍ତକ ମା' ଚଣ୍ଡୀଦେବୀଙ୍କ ନିକଟରେ ସମୂହ ଦୀପଦାନ କରିବା ପରେ ମା' ବାସୁଳାଇ ସଂକୀ ର୍ନ ଦଳ ମା'ଙ୍କ ପୀଠରେ କୀ ର୍ନ କରିଥିଲେ।

# ଏଜିଏଫ୍ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳିତ

କେନ୍ଦୁଝର (ପିଏନ୍): ଆରିୟା ଗ୍ରୁପ ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ମାଟକାମବେଡା ସ୍ଥିତ ଚମ୍ପୁଆ ବସ୍ତି ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆରିୟା ଆଇରନ ଏଣ୍ଡ ଷ୍ଟିଲ କମ୍ପାନୀର ଅପରେସନ ହେଡ ଡକ୍ଟର ଚୈତନ୍ୟ ଚରଣ ଗିରି, ସମ୍ମାନୀତ ଅତିଥିଭାବେ ଚିଫ୍ ଟେକନିକାଲ ଅଫିସର ପି. ସୁରଜ ପ୍ରସାଦ, କାଉନସିଲର ସୁବ୍ରତ ପାତ୍ର ଯୋଗଦେଇ ପରିବେଶର ସୁରକ୍ଷା ସମସ୍ତଙ୍କର କ ର୍ବ୍ୟ ବୋଲି କହିଥିଲେ। ଏଥିପାଇଁ ସମସ୍ତେ ଗଛ ଲଗାଇବାକୁ ଆହ୍ୱାନ ଦେଇଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ଦିଆଯାଇଥିଲା। ଏହାପରେ ସ୍କୁଲ ପରିସରରେ ବନୀକରଣ କରାଯିବା ପରେ ବାଡି ବଗିଚାରେ ବୃକ୍ଷରୋପଣ ପାଇଁ ଛାତ୍ରଛାତ୍ରୀଙ୍କୁ ଗୋଟିଏ ଗୋଟିଏ ଗଛ ବ ନ କରାଯାଇଥିଲା। ଆରିୟା ଗ୍ରୁପ ଫାଉଣ୍ଡେସନ ପକ୍ଷରୁ ସିଏସଆର ବିଭାଗର ଡେପୁଟି ମ୍ୟାନେଜର ଦୀପକ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ସ୍କୁଲ ବ୍ୟାଗ ବ ନ ହୋଇଥିଲା। କାର୍ଯ୍ୟକ୍ରମକୁ କମ୍ପାନୀର ଡେପୁଟି ମ୍ୟାନେଜର ବିଭୂତି ଭୂଷଣ ମହାନ୍ତି, ବଂଶିଧର ରାଉତ, ଅନୀଲ ମିଶ୍ର, ପୁଷ୍ପା ଆପଟ୍ଟ, ପ୍ରଫୁଲ୍ଲ ମହାନ୍ତ, ଶିବ ମୁଣ୍ଡାଙ୍କ ସମେତ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ କେନ୍ଦୁଝର ଶାଖାର ବାର୍ଷିକ ସମ୍ମିଳନୀ




କେନ୍ଦୁଝର (ପିଏନ୍): ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ, କେନ୍ଦୁଝର ଶାଖାର ବାର୍ଷିକ ସମ୍ମିଳନୀ କେନ୍ଦୁଝର ଜିଲ୍ଲା କ୍ରୀଡାସଂସ୍ଥାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂଘର ସଭାପତି ଭୁବନାନନ୍ଦ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ରାଜସ୍ୱ କ୍ଷେତ୍ର ଅଧିକାରୀମାନଙ୍କର ବିଭିନ୍ନ ସୁବିଧା ଅସୁବିଧା ସଂପର୍କରେ ଆଲୋଚନା କରାଯାଇଥିଲା। ଏହି ସଭାରେ ରାଜସ୍ୱ ନିରୀକ୍ଷକ ତଥା ସହ-ରାଜସ୍ୱ ନିରୀକ୍ଷକଙ୍କର ବିଭିନ୍ନ ଦାବିକୁ ଉପସ୍ଥାପନ କରାଯାଇ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯିବାକୁ ସଭାରେ ନିଷ୍ପ ି ନିଆଯାଇଥିଲା। ସଭାରେ ସହ-ରାଜସ୍ୱ ନିରୀକ୍ଷକମାନଙ୍କର ପଦୋନ୍ନତିରେ ଥିବା ଅସଂଗତିକୁ କିପରି ଦୂର କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉକ୍ତ ସମ୍ମିଳନୀରେ ଗୋବିନ୍ଦ ବିନ୍ଧାଣୀ, ମୀନକେତନ ଦାସ, ନରେଶ କୁମାର ମହାନ୍ତି, ଶରତ କୁମାର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ସଂଘର ଉପଦେଷ୍ଟା ତରଣୀ ପାତ୍ର, ଶୁଭେନ୍ଦୁ ପାତ୍ର, ରତିରମଣ ମହାନ୍ତ, ସଂପଦ ପ୍ରଧାନ, ଅରବିନ୍ଦ ସାହୁ, ପୁରୁଷୋ ମ କୁଅଁର, ସୁଶାନ୍ତ ସେଠୀ, ନକୁଳ ସେଠୀ, ମିନତୀ ନାଏକ, ସରଣ କୁମାର ଦାସଙ୍କ ସମେତ ଜିଲ୍ଲାର ସମସ୍ତ ରାଜସ୍ୱ ନିରୀକ୍ଷକ ଓ ସହ-ରାଜସ୍ୱ ନିରୀକ୍ଷକ ଯୋଗ ଦେଇଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel (0674) 2556225, 2558884, Fax : 2550504
Email maharishipublicschool@yahoo.com
Web www.maharishipublicschool.com

Phagun Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG, U.KG, Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ୍ୟ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠି ରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ୍ୟ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

# ରାଜ୍ୟ ଦେବୋତ୍ତର କମିଶନରଙ୍କ ଶ୍ରୀବଳଦେବଜୀଉଙ୍କ ମନ୍ଦିର ପରିଦର୍ଶନ



କେନ୍ଦ୍ରାପଡ଼ା,(ପି.ଏନ): ଓଡିଶା ରାଜ୍ୟ ଦେବୋତ୍ତର କମିଶନର ଲଲାଟେନ୍ଦୁ ଜେନା ଏକ ଦିନିକିଆ କେନ୍ଦ୍ରାପଡା ଗସ୍ତରେ ଆସି ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ମନ୍ଦିର ପରିଦର୍ଶନ କରିବା ସହ ଶ୍ରୀଜୀଉଙ୍କୁ ଦର୍ଶନ କରିଛନ୍ତି । କମିଶନର ଶ୍ରୀ ଜେନା ମନ୍ଦିର ବେଢା ପରିକ୍ରମା କରିବା ସହ ଦେବୋତ୍ତର କାର୍ଯ୍ୟାଳୟରେ ପହଞ୍ଚି ଶ୍ରୀଜୀଉଙ୍କ ମନ୍ଦିରର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ଏଥିସହିତ ସେବାୟତଙ୍କ ପାଇଁ ଉଦ୍ଦିଷ୍ଟ ବୀମା ଯୋଜନା ସହ ଅନ୍ୟାନ୍ୟ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ପରିଦର୍ଶନ ସମୟରେ ଦେବୋତ୍ତର ଟ୍ରଷ୍ଟବୋର୍ଡର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ସଦସ୍ୟ ରଞ୍ଜନ କୁମାର ପୃଷ୍ଟି ଓ ବଳରାମ ସୁଆରଙ୍କ ସମେତ ମନ୍ଦିରର ସେବାୟତମାନେ ଉପସ୍ଥିତ ଥିଲେ ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା। ତାଲିମର ଉଦ୍ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ। ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ। ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ।

# ରାଜ୍ୟରେ ବିଜେଡ଼ି ଓ ବିଜେପି ନେତାମାନଙ୍କ ମଧୁଚନ୍ଦ୍ରିକା ଯୋଗୁଁ ବିକାଶ ବାଟବଣା

ଭୁବନେଶ୍ୱର,(ପି.ଏନ): ରାଜ୍ୟରେ ବିଜେଡି ଓ ବିଜେପି ନେତାମାନଙ୍କ ମଧୁଚନ୍ଦ୍ରିକା ବା ଫିକସିଂ ଯୋଗୁଂ ରାଜ୍ୟର ବିଭିନ୍ନ ଅଂଚ୍ଳରେ ଜନସାଧାରଣ ଦଶନ୍ଧି ଦଶନ୍ଧି ଧରି ନ୍ୟାୟ ପାଇବାରୁ ବଂଚିତ ହେଉଛନ୍ତି । ଲୋକଙ୍କର କୌଣସି ଉନ୍ନତିମୂଳକ କାର୍ଯ୍ୟ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସଂପନ୍ନ ହୋଇପାରୁନାହିଁ। ଏ ସନ୍ଧର୍ଭରେ ଆଜି ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ତଥା ସାମ୍ବାଦିକ ଶ୍ରୀ ଜଗଦାନନ୍ଦ ପ୍ରଧାନ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଅପାରଗତା ଓ ସ୍ଥାଣୁତାକୁ କଟୁ ସମାଲୋଚନା କରିଥିଲେ। ସେ କହିଥିଲେ ଯେ କେନ୍ଦ୍ର ସରକାର ଓ ଓଡ଼ିଶାର ତଥାକଥିତ ଟାଣୁଆ କେନ୍ଦ୍ର ମନ୍ତ୍ରୀଙ୍କ ନିଜସ୍ୱ ଜିଲ୍ଲା ଦେଇ ଯାଇଥିବା ଏନ୍ଏଚ୍-୫୫ର ନିର୍ମାଣ କାର୍ଯ୍ୟର ମନ୍ଥର ଗତିକୁ ଅନୁଧ୍ୟାନ କଲେ ଏହା ସ୍ପଷ୍ଟ ଜଣାପଡ଼େ। କଟକ ଓ ସମ୍ବଲପୁର ଜାତୀୟ ରାଜପଥ ହେଉଛି ପୂର୍ବ ଓ ପଶ୍ଚିମ ଓଡିଶା ମଧ୍ୟରେ ଏକ ସଂଯୋଗ ରାଜମାର୍ଗ। ଏହାର ନିର୍ମାଣ କାର୍ଯ୍ୟ ୨୦୧୮ ମସିହାରେ ଆରମ୍ଭ ହୋଇ ଏପର୍ଯ୍ୟନ୍ତ ଶେଷ ହୋଇପାରୁନାହିଁ। ଫଳରେ ଏହି ରାସ୍ତାରେ ଶହଶହ ସଂଖ୍ୟାରେ ଲୋକ ମୃତ୍ୟୁବରଣ କରୁଛନ୍ତି। ଦେଶର ଅନ୍ୟାନ୍ୟ ଅଂଚ୍ଳରେ ରାଷ୍ଟ୍ରିୟ ରାଜମାର୍ଗଗୁଡିକର ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ ହୋଇଯାଯାଉଥିବାବେଳେ କଟକରୁ ସଂଯୋଗ କରୁଥିବା ସମ୍ବଲପୁର ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ ତିନି ବର୍ଷ ପରିବର୍ତ୍ତେ ? ଆଜିକି ଛଅ ବର୍ଷ ହେଲାଣି ଶେଷ ହୋଇପାରୁ ନାହିଁ। ୨୦୧୮ ମସିହାରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୨୦୨୧ରେ ସରିବା କଥା। ତେବେ ୨୦୬ କି.ମି. ଲମ୍ବା ରାସ୍ତାକାର୍ଯ୍ୟ ବିଳମ୍ବ ଯୋଗୁଁ ରାସ୍ତାର ଅବସ୍ଥା ଏଭଳି ହୋଇଛି ଯେ ଗତ ୮ ବର୍ଷ ଭିତରେ ଏହି ଜାତୀୟ ରାଜପଥରେ ୪୦୦ରୁ ଊର୍ଦ୍ଧ ଲୋକ ମୃତ୍ୟୁ ମୁଖରେ ପଡିଛନ୍ତି। ହିସାବ ଅନୁଯାୟୀ ପ୍ରତି ଦୁଇ ଦିନରେ ଏହି ରାସ୍ତାରେ ଜଣେ ଲେଖାଁଏ ଲୋକ ଦୂର୍ଘଟଣାରେ ମୃତ୍ୟୁବରଣ କରୁଛନ୍ତି। ତେବେ ଏଥିପାଇଁ କେନ୍ଦ୍ରରେ ଥିବା ବିଜେପି ସରକାର ଓ ରାଜ୍ୟରେ ବିଜେଡି ସରକାର ସଂପୂର୍ଣ୍ଣ ରୂପେ ଦାୟୀ।ଏହି ରାଜପଥରେ ଦିନକୁ ଦିନ ଦୂର୍ଘଟଣା




ବଢିଚାଲିଥିଲେ ମଧ୍ୟ ଏହି ଦୁଇ ଦଳଙ୍କ ପାଇଂ ଏହାର କୌଣସି ପ୍ରଭାବ ପଡୁ ନାହିଁ। ରାସ୍ତା ନିର୍ମାଣର ଖର୍ଚ୍ଚ ବଢି ବଢି ଚାଲୁଥିବାବେଳେ ରାଜକୋଷରୁ ମଧ୍ୟ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ ହେଉଛି। ୨ହଜାର ୩୬୭ କୋଟିରୁ ଏହା ବଢିବଢି ୪ହଜାର୪୮୨ କୋଟି ଟଙ୍କାରେ ପଂହଞ୍ଚିଛି। ଏଠାରେ କେନ୍ଦ୍ରର ଜଣେ ପାୱାରଫୁଲ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଥିବାବେଳେ କାମ ଆଗେଇ ପାରୁ ନାହିଁ। ସେହିଭଳି ରାଜ୍ୟ ସରକାର କେନ୍ଦର ସରକାରଙ୍କ ଉପରେ ଯେଉଁଭଳି ଚ଼ାପ ପକାଇବା କଥା ସେଭଳି ପକାଉ ନାହାଁନ୍ତି କିମ୍ବା ଏ ନେଇ ପଦେ ହେଲେ ମଧ୍ୟ କେନ୍ଦ୍ର ବିରୋଧରେ କହୁନାହାନ୍ତି । ଲୋକଙ୍କ ଜାବନ ସହ ଖେଳ ଖେଳୁଥିବା ଏହି ଦୁଇ ଦଳକୁ ଜନସାଧାରଣ ଆଗାମୀ ନିର୍ବାଚ଼ନରେ ନିଶ୍ଚୟ ଜବାବ ଦେବେ। ୨ୟରେ ତାଳଚେରରେ ଏକ ମେଡ଼ିକାଲ କଜେଲ ଓ ଡାକ୍ତରଖାନା ପ୍ରତିଷ୍ଠା ପାଇଁ ଦେଇଥିବା ପ୍ରତିଶ୍ରୁତି ପାଣିର ଗାର ସଦୃଶ୍ୟ ହୋଇଛି। ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେଲେ ଛଅ,ସାତଟି ଜିଲ୍ଲାର ଲୋକେ ଏଠାରୁ ସ୍ୱାସ୍ଥ୍ୟ ସେବା ପାଇଥାନ୍ତେ। ତେବେ ବିଜେଡି ଓ ବିଜେପି ଏହି ଦୁଇ ଦଳର ନେତାଙ୍କ ଉଦାସିନତା ତଥା ରାଜନୈତିକ ଅପରିପକ୍ୱତା ଯୋଗୁଁ ଆଜିସୁଧା ସରକାର ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗଇବାରେ ବିଫଳ ହୋଇଛନ୍ତି। ରାଜ୍ୟ ସରକାର ଓ ଏମସିଏଲ ମଧ୍ୟରେ ମେଡିକାଲ କଲେଜ ଓ ହସପିଟାଲ ପ୍ରତିଷ୍ଠା ନେଇ ୨୦୧୫ରେ ବୁଝାମଣା ପରେ ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଥିଲେ ସୁଧା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅବହେଳା ଯୋଗୁଁ ଏପର୍ଯ୍ୟନ୍ତ ମେଡିକାଲ କଲେଜ ପ୍ରତିଷ୍ଠା ହୋଇପାରିଲା ନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ରକୋଇଲା ମନ୍ତ୍ରୀ ଗତ ୨୦୧୫ ମସିହାରେ ଏହି ମେଡିକାଲ କଲେଜର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। କେବଳ ଘର କାମ ପାଇଁ ବର୍ତମାନ ସୁଧା ଏମସିଏଲ ୬୦୦ କୋଟି ଟଙ୍କା ଖର୍ଚ୍ଚ କରିବା ସତ୍ୱେ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ ହୋଇପାରିନାହିଁ। ପୂର୍ବରୁ କଂଗ୍ରେସ ସରକାର ସମୟରୁ ଥିବା ନେହେରୁ ଶତାବ୍ଦୀ ଚିକିତ୍ସାଳୟକୁ ନାମ ପରିବର୍ତ୍ତନ କରି ପବିତ୍ର ମୋହନ ଚିକିତ୍ସାଳୟ କରିବା ବ୍ୟତିତ ଅନ୍ୟ କୌଣସି କାର୍ଯ୍ୟ ବର୍ତମାନ ସୁଧା ହୋଇନାହିଁ। ବାରମ୍ବାର ଏଥିପାଇଁ ଆନ୍‌ଦୋଳନ ମଧ୍ୟ ହୋଇଛି। ଏଥିପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ପରସ୍ପରକୁ ଦାୟୀ କରୁଥିବାବେଳେ ଲୋକେ କେବେ ମେଡିକାଲ କଲେଜ ହେବ ତାହାକୁ ଅପେକ୍ଷା କରିଛନ୍ତି ।ସେହିଭଳି ବର୍ଷ ବର୍ଷ ଦଶନ୍ଧି ଦଶନ୍ଧି ସମୟ ବିତିଯାଇଥିଲେ ମଧ୍ୟ ଏବେ ବି ରେଙ୍ଗାଳି ଓ ହୀରାକୁଦ ଡ୍ୟାମ ବିସ୍ଥାପିତ ପରିବାର ସେମାନଙ୍କ ହକ୍ ପାଇବାରୁ ବଂଚ଼ିତ ହୋଇଛନ୍ତି। ଦେଶର ବୃହତମ କୋଇଲା କଂପାନୀ ଏମସିଏଲ ଯୋଗୁଁ ବିସ୍ଥାପିତ ହୋଇଥିବା ହଜାର ହଜାର ପରିବାର ଜମିର କ୍ଷତିପୂରଣ ଅର୍ଥ ସହ ଥଇଥାନରୁ ବଂଚ଼ିତ ହେଉଛନ୍ତି ।ଏଥିପାଇଁ ରାଜ୍ୟର ସୁନ୍ଦରଗଡ,ଝାରସୁଗୁଡା ଓ ଅନୁଗୁଳ ଜିଲ୍ଲା ଅଂଚ଼ଳରେ ଭୟଙ୍କର ଜନମତ ଏ ବିଜେପି ଓ ବିଜେଡି ସରକାର ବିପକ୍ଷରେ ସୃଷ୍ଟି ହୋଇଛି। ରାଜ୍ୟରେ ବିଜେଡି ଓ କେନ୍ଦ୍ରରେ ବିଜେପି ସରକାର ଓଡିଶାର ଜନସାଧାରଣଙ୍କ ପାଇଁ କିଛି ନ କରି ଖାଲି ବାହାସ୍ଫୋଟ ମାରି ଚ଼ାଲିଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ ରେଙ୍ଗାଳି ହୀରାକୁଦ ଭଳି ବିଭିନ୍ନ ବାସଚ୍ୟୁତ ଲୋକ ନ୍ୟାୟ ପାଇବାରୁ ଏବେ ବି ବଂଚ଼ିତ। ସେହିଭଳି ୫୦ ବର୍ଷ ବିତିଯାଇଥିଲେ ସୁଧା ଏବେ ବି ରେଙ୍ଗାଳି ବିସ୍ଥାପିତ ପରିବାର ସେମାନଙ୍କ ନାର୍ଯ୍ୟ ଦାବିରୁ ବଂଚ଼ିତ ହୋଇଛନ୍ତି।



ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
୨୬ ବର୍ଷରେ

Bhubaneswar Sunday April 14, 2024 ଭୁବନେଶ୍ୱର ରବିବାର, ଅପ୍ରେଲ ୧୪,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ପୋଲିସ୍ ପ୍ରଶାସନ ପକ୍ଷରୁ ଫ୍ଲାଗ ମାର୍ଚ୍ଚ

କୋରାପୁଟ,(ପି.ଏନ): ଜୟପୁର ବ୍ଲକ୍ ଅଧିନରେ ରହିଥିବା ଦାଦ୍ରିଗୁଡ଼ା, ହାଟକଙ୍ଗା, ଫାମ୍ପୁଣୀ, ଏକମ୍ବା , ଗଡ଼ପଦର , କୋଲାଗୁଡ଼ା, ଗେଟଗୁଡ଼ା, ବ୍ରାହ୍ମଣିଗାଁ, ଡଙ୍ଗରଛିଞ୍ଚି, ବାଲିଆ, ଉମୁରି, ଓ ଆମ୍ବାଗୁଡ଼ା ଗ୍ରାମ ପଞ୍ଚାୟତ ଗୁଡ଼ିକରେ ଜୟପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମାଙ୍କ ନେତୃତ୍ୱରେ ଜୟପୁର ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡିଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ୍ ଜବାନ ଓ ସିମା ସୁରକ୍ଷା ବଳଙ୍କ ସମେତ ସମସ୍ତ ଅଧିକାରୀଙ୍କ ଉପସ୍ଥିତରେ ଆସନ୍ତା ୨୦୨୪ ନିର୍ବାଚନକୁ ଆଖି ଆଗରେ ରଖି କିପରି ଭାବରେ ଶାନ୍ତି ଏବଂ ଶୃଙ୍ଖଳାର ସହିତ ଠିକ୍ ଭାବରେ ଭୋଟ କେନ୍ଦ୍ର ଗୁଡିକୁ ନିର୍ଭୟରେ ମତଦାତା ଯିବେ ଓ ଲୋକଙ୍କ ସମସ୍ୟାକୁ ନେଇ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ ଉପ ଖଣ୍ଡ ଆରକ୍ଷୀ ଅଧିକ୍ଷକ ଶ୍ରୀ ବର୍ମା ଓ ସଦର ଥାନା ଅଧିକାରୀ ଶ୍ରୀ ତାଣ୍ଡିଁଙ୍କ ଦ୍ୱାରା ଫ୍ଲାଗ ମାର୍ଚ୍ଚ ହୋଇଯାଇଛି । ଲୋକଙ୍କୁ ସୋଚେତନ କରିବା ପାଇଁ ଏହି ଫ୍ଲାଗ ମାର୍ଚ୍ଚ ହୋଇଛି ବୋଲି ଗଣ ମାଧମକୁ ସୂଚ଼ନା ଦେଇଛନ୍ତି ଉପଖଣ୍ଡ ଆରକ୍ଷୀ ଅଧିକାରୀ ।



## ଧର୍ମଶାଳା ମଧୁବୈଶ୍ୟ ସାମାଜର ପ୍ରସ୍ତୁତି ବୈଠକ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଜାରକାସ୍ଥିତ ତ୍ରିନାଥେଶ୍ୱର ମନ୍ଦିର ପରିସରରେ ଧର୍ମଶାଳା ମଧୁବୈଶ୍ୟ ସମାଜର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ଡ. ରଘୁନାଥ ପାତ୍ର ଓ ସମ୍ପାଦକ ଅଲେଖ ସାହୁଙ୍କ ତତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଆଗାମୀ ଦିନରେ ହେବାକୁଥିବା ବାର୍ଷିକ ସମ୍ମିଳନୀ ଉପରେ ଅଲୋଚନା କରାଯାଇଥିଲା । ଚଳିତ ମାସ ୨୮ ତାରିଖରେ ବୈଶ୍ୟ ସମାଜର ବାର୍ଷିକ ଉତ୍ସବ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଛି । ଏହି ଉତ୍ସବକୁ ଶରସ ସୁନ୍ଦର କରିବା ପାଇଁ ଚଳିତଥର ସଂଘ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଏଥିରେ ଜିଲ୍ଲା ଓ ଜିଲ୍ଲା ବାହାରୁ ବୈଶ୍ୟ ସମାଜର ବହୁ ସଂଖ୍ୟାରେ ଲୋକ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିବେ । ଆଜିର ଏହି ବୈଠକରେ ରବିନ୍ଦ୍ର ସାହୁ, ଦୁଃଶାସନ ସାହୁ, ସୁନାକର ସାହୁ, ମହେଶ୍ୱର ସାହୁ,ମିଟୁ ସାହୁ, ନୃସିଂହ ଚରଣ ସାହୁ, ସୁନନ୍ଦ ସାହୁ, ରାମଚନ୍ଦ୍ର ସାହୁ, ଶ୍ୟାମସୁନ୍ଦର ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟପନ୍ଥା ସ୍ଥିର କରିଥିଲେ । ଶେଷରେ ଅଶୋକ ସାହୁ ଧନ୍ୟବାଦ ଦେଇଥିଲେ ।

## ବିଜୁ ପରିବାର ପକ୍ଷରୁ ସାମାଜିକ ଗଣମାଧମର ବନ୍ଧୁ ମିଳନ ଅନୁଷ୍ଠିତ




କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ବିଜୁ ପରିବାର ପକ୍ଷରୁ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମପଞ୍ଚାୟତ କଲ୍ୟାଣ ମଣ୍ଡପରେ ସାମାଜିକ ଗଣମାଧମର ପ୍ରତିନିଧିମାନଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆଜି ଜିଲ୍ଲା ବିଜୁଛାତ୍ର ଜନତାଦଳର ସଭାପତି ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରାପଡା ଲୋକସଭା ସଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଯୋଗଦେଇ ଆଗାମୀ ନିର୍ବାଚନରେ ସାମାଜିକ ଗଣମାଧମର ବହୁ ଦାୟୀତ୍ୱ ରହିଥିବା ବେଳେ ସେମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ ବୋଲି ମତବ୍ୟକ୍ତ କରିଥିଲେ । ଶ୍ରୀ ମହାନ୍ତି କହିଥିଲେ ଯେ ସବୁ ପ୍ରତିନିଧିମାନେ ଏଥିରେ ସହଯୋଗ କରିବା ସହ ନବୀନ ସରକାରଙ୍କ ସଫଳତା ବିଷୟରେ ଲୋକମାନଙ୍କୁ ସଚେତନତା କରିବା ଏବଂ ପ୍ରତିପକ୍ଷଙ୍କୁ ଉଚିତ ଜବାବ ଦେବା ଆବଶ୍ୟକ । କେନ୍ଦ୍ରାପଡା ସଂସଦୀୟ କ୍ଷେତ୍ର ଯେପରି ପ୍ରାର୍ଥୀ ଶ୍ରୀ ମହାନ୍ତିଙ୍କୁ ସମଗ୍ର ରାଜ୍ୟରେ ସର୍ବାଧିକ ଭୋଟ ବ୍ୟବଧାନରେ ବିଜୟୀ କରି ଏକ ରେକର୍ଡ ସୃଷ୍ଟି କରେ ସେଥିପ୍ରତି ଉଚିତ ଧ୍ୟାନ ଦେବାକୁ ରାଜ୍ୟ ଯୁଗ୍ମ ସମ୍ପାଦକ ଶ୍ରୀ ପଣ୍ଡା ଆହ୍ୱାନ ଦେଇଥିଲେ । ଏହି ବୈଠକରେ ଜିଲ୍ଲାର ୯ଟି ବ୍ଲକ ଏବଂ ୨ଟି ପୌରାଞ୍ଚଳର ସମସ୍ତ ସକ୍ରୀୟ କାର୍ଯ୍ୟକର୍ତ୍ତା ଯୋଗଦେଇ ବହୁ ମୂଲ୍ୟବାନ ପରାମର୍ଶ ଦେଇଥିଲେ । ବୈଠକରେ ବିଜୁ ଛାତ୍ରଜନତାଦଳର ଡିଜିଟାଲ ସମ୍ପାଦକ ରାଜେଶ ମହାନ୍ତି, ପୂର୍ବତନ ବ୍ଲକ ଅଧକ୍ଷ ପ୍ରଦୀପ୍ତ ମହାନ୍ତି, ଦେବାଶିଷ କୁବେର, ସ୍ୱରୂପ ରାଉତରାୟ, ସୁଦିପ୍ତ କର, ରତିକାନ୍ତ ସାମଲ, ଅମରିନ ସାହାଦତ୍, ସୁଦିପ୍ତ କେଶରୀ ସାମଲ, ସିପ୍ରା ଦାସ, ରାଜଶ୍ରୀ ମେକାପ ଦାସ, ଚିତ୍ତରଞ୍ଜନ ଦାସ, କେଦାର ବେହେରା, ସୁମନ୍ତ ରାଉତ, ମନୋଜ ନାୟକ, ପ୍ରଦୀପ ପ୍ରଧାନ, ପ୍ରକାଶ ଦାସ, ମୁସ୍ତାକ ଅଲ୍ଲୀ, ଦୀପକ ବେହେରା, ବିକାଶ ଦଳାଇ, ମନୋଜ ମଲ୍ଲିକ, ଜ୍ଞାନରଞ୍ଜନ ବେହେରା, ପ୍ରଶାନ୍ତ ସାମନ୍ତରାୟ, ବିଜୟ ମଣ୍ଡଳ, ଲିଙ୍କନ ଦାସ, ଅରଜିତ ଲେଙ୍କା ପ୍ରମୁଖ ଯୋଗଦେଇ ନେଇଥିଲେ ।

# ଧର୍ମଶାଳା ବିଜେଡ଼ିର ବୁଥ୍ କମିଟି ସଭାପତିଙ୍କ ସମ୍ମିଳନୀ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବିଜେଡ଼ିର ବୁଥ୍ କମିଟି ସଭାପତିଙ୍କ ସମ୍ମିଳନୀ ଜାରକା(ନୂଆଗାଁ)ସ୍ଥିତ କାର୍ଯ୍ୟାଳୟରେ ଆଜି ଅନୁଷ୍ଠିତ ହୋଇଛି । ବ୍ଲକ୍ ବିଜେଡ଼ି ସଭାପତି ଜଳଧର ମହାଁ ସଭାପତିତ୍ୱରେ ପରିଚାଳିତ ବୈଠକରେ ରାଜ୍ୟ ବିଜେଡ଼ି ସାଧାରଣ ସମ୍ପାଦକ ତଥା ବିଧାୟକ ପ୍ରଣବ କୁମାର ବଳବ'ରାୟ ଯୋଗଦେଇ ନିର୍ବାଚନ ସୁପରିଚାଳନା, ଜନସମ୍ପର୍କ ସ୍ଥାପନ ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିବା ପାଇଁ ପରାମର୍ଶ ଦେଇଥିଲେ । ଧର୍ମଶାଳା ବ୍ଲକ୍ର ୪୫ ପଂଚାୟତ ଓ ରସୁଲପୁର ବ୍ଲକ୍ର ୯ ପଂଚାୟତକୁ ନେଇ ଗଠିତ ଧର୍ମଶାଳା ନିର୍ବାଚନମଣ୍ଡଳୀରେ ମୋଟ ୨୬୪ ବୁଥ୍ ରହିଛି ।

# ଶ୍ରୀରାମ ଚରିତ ମାନସ ତ୍ରିଂଶତମ ବାର୍ଷିକ ଜନ୍ମୋତ୍ସବ ଉଦ୍‌ଘାଟିତ

ଦର୍ପଣ,(ପିଏନ୍):ଚଣ୍ଡିଖୋଲ ଛକ ସନ୍ନିକଟ କଂଟିଗଡ଼ିଆ ଗ୍ରାମର ମଧୁକେଶ୍ୱର ମନ୍ଦିର ପ୍ରାଙ୍ଗଣ ଠାରେ ଶ୍ରୀରାମଙ୍କ ଜନ୍ମ ଦିବସ ଉପଲକ୍ଷେ ତ୍ରିଂଶତମ ବାର୍ଷିକ ଜନ୍ମୋତ୍ସବ ଓ ନବରାତ୍ର ନବାହ୍ନ ପାରାୟଣ କାର୍ଯ୍ୟକ୍ରମ ଚାଲୁ ରହିଛି । ଗତ କାଲି ସଂଧ୍ୟା ୭ଘଟିକା ସମୟରେ ଶ୍ରୀରାମ ଜନ୍ମୋ ମହୋତ୍ସବ କମିଟିର ସଭାପତି ପଣ୍ଡିତ ବିଜୟ କୁମାର କରଙ୍କ ଅଧ୍ୟକ୍ଷତାରେ ବାର୍ଷିକ ଜନ୍ମୋତ୍ସବ ପାଳିତ ହୋଇଯାଇଛି । ଉତ୍ସବରେ ଉଦ୍‌ଘାଟକ ଭାବେ କି.ସୋ ତିରୁପତି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ଼ ହରେକୃଷ୍ଣ ଶତପଥୀ ମୁଖ୍ୟବକ୍ତା ଭାବେ ପଣ୍ଡିତ ହୃଷିକେଷ ରଥଶର୍ମା ସମ୍ମାନିତ ଅତିଥି ଭାବେ ପଣ୍ଡିତ ବୀରେନ୍ଦ୍ର ଶତପଥୀ, ପଣ୍ଡିତ ଗଣନାଥ ରଥଶର୍ମା, ବ୍ୟାସ ପ୍ରଭୁପଦ ରଥ, କମଳ ଲୋଚନ ପଣ୍ଡା ଓ ସମ୍ପାଦକ ବ୍ରହ୍ମାନନ୍ଦ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । ପ୍ରାରମ୍ଭରେ ଉଦ୍‌ଘାଟକ ଓ ସମସ୍ତ ଅତିଥି ମାନେ ପ୍ରଭୁ ଶ୍ରୀରାମ ଓ ଶ୍ରୀ ମଧୁକେଶ୍ୱର ମନ୍ଦିରକୁ ଯାଇ ପ୍ରଭୁଙ୍କୁ ସ୍ମରଣ କରି ପୁଷ୍ପ ଅର୍ପଣ କରିଥିଲେ । ଅତିଥିମାନଙ୍କୁ ସମିତି ସଭ୍ୟ ଅରୂପାନନ୍ଦ ଜେନା ପ୍ରବଚନ ମଂଚକୁ ପାଛୋଟି ନେଇଥିଲେ । ସଭାପତି ପଣ୍ଡିତ ବିଜୟ କୁମାର କର ଅତିଥି ପରିଚୟ ପ୍ରଦାନ କରିବା ପରେ ଉଦ୍‌ଘାଟକ ଡ଼ ଶତପଥୀ ଓ ମୁଖ୍ୟବକ୍ତା ଶ୍ରୀରଥ ଶର୍ମା ଆନୁଷ୍ଠାନିକ ଭାବେ ପ୍ରଦ୍ୱୀପ ପ୍ରଜ୍ୱଳନ କରିଥିଲେ । ଶ୍ରୀସତ୍ୟସାଇ ଭଜନ ମଣ୍ଡଳ କଂଟିଗଡ଼ିଆର ଛାତ୍ରୀମାନେ ବେଦ ପାଠ କରିବା ପରେ ସାଇ ସେବୀକା ଅପାହୃତା ରଥ ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ମାନପତ୍ର ପଠନ କରିଥିଲେ । ଉତ୍ସବରେ ଯୋଗଦେଇଥିବା ଉଦ୍‌ଘାଟକ ସମେତ ସମସ୍ତ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦିଆଯାଇଥିଲା । ସମ୍ମାନୀତ ଅତିଥି ପଣ୍ଡିତ ବୀରେନ୍ଦ୍ର ଶତପଥୀ ଓ ପଣ୍ଡିତ ଗଣନାଥ ରଥଶର୍ମାଙ୍କୁ ଉଦ୍‌ଘାଟକ ଡ଼ ଶତପଥୀ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ମର୍ଯ୍ୟାଦା ପୁରୁଷ ଭଗବାନ ଶ୍ରୀରାମ ହେଉଛନ୍ତି ସତ୍ୟର ପ୍ରତିକ । ନିଜ ବାପାଙ୍କ କଥା ମାନି ଦୀର୍ଘ ୧୪ ବର୍ଷ ବନବାସ ଯାଇଛନ୍ତି । ଗଙ୍ଗାନଦୀ ପାର ସମୟରେ କୈବର୍ତ୍ତର ସମସ୍ତ କଥାକୁ ଶୁଣି ଭକ୍ତ ଓ ଭଗବାନର ଭାବର ବିନିମୟ କରିଛନ୍ତି । ଶେଷରେ ରାବଣର ମୃତ୍ୟୁ ପାଇଁ ସେ କେଉଁ ରଥରେ ଯାଉଛନ୍ତି ତାହାର ବର୍ଣ୍ଣନା କରିଥିଲେ ଉଦ୍‌ଘାଟକ ଡ଼ ଶତପଥୀ । ଯୋଗେଦଇଥିବା ସମସ୍ତ ଅତିଥି ମାନେ ମଧ ଶ୍ରୀରାମଙ୍କ କଥା ଓ ତୁଳସୀ ଦାସଙ୍କ ଲିଖିତ ରାମଚରିତ ମାନସ ଉପରେ ଆଲୋଚନା କରିଥିଲେ । ଶେଷରେ ଭଗବାନ ଶ୍ରୀରାମଙ୍କ ଭଜନ କରାଯାଇଥିଲା । ଏହି ଉତ୍ସବରେ ଅବସରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡ଼ା ବିଜୟ କୁମାର ଶତପଥୀ, ଶ୍ରୀମତୀ ମାଧୁରୀ ଶତପଥୀ, ସାମ୍ବାଦିକ ଅଭିମନ୍ୟୁ ଧଳ, ଶିବରାମ ସାହୁ ପ୍ରମୁଖ ଯୋଗଦେଇଥିଲେ । ଶେଷରେ ଅବରସପ୍ରାପ୍ତ ପ୍ରଧାନଶିକ୍ଷକ ମନୋରଞ୍ଜନ କର ଧନ୍ୟବାଦ ଅର୍ପଣ କରିଥିଲେ ।

# ଜୟପୁର ବକ୍ସି ସାହି ଛକ ନିକଟରେ ଅନ୍ନପୂର୍ଣ୍ଣା ପାଠାଗାର ଲୋକାର୍ପଣ

କୋରାପୁଟ ଜିଲ୍ଲା,(ପି ଏନ୍):ଜୟପୁର ସହରର ବକ୍ସି ସାହି ଛକ ନିକଟରେ ରୋହିଥିବା ତ୍ରିନାଥ ସେବା ପରିଷଦ ପକ୍ଷରୁ ଅନ୍ନପୂର୍ଣ୍ଣା ପାଠାଗାର ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ଜୟପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଅଙ୍କିତ କୁମାର ବର୍ମା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଥମେ ୧୦୮ ହନୁମାନ ଚ଼ାଳିଶା ପାଠ ବାବୁ ବୋଜରଙ୍ଗି ଏବଂ ଦୋଳ ଦ୍ୱାରା ହୋଇଥିଲା ପୂଜା ମଣ୍ଡପ ଠାରେ ଯୋଗ ଦେଇ ତ୍ରିନାଥ ସେବା ପରିଷଦର ଅନ୍ନପୂର୍ଣ୍ଣା ପାଠାଗାର ଉଦ୍ଘାଟନ କରିଥିଲେ ଅଙ୍କିତ କୁମାର ବର୍ମା ଓ କିଛି ସମୟ ପାଇଁ ତ୍ରିନାଥ ସେବା ପରିଷଦର ସଂଘ ରେ ନିମନ୍ତ୍ରଣ କରିଥିବାରୁ ଅନେକ ଅନେକ ଧନ୍ୟବାଦ୍ ଜଣାଇବା ସହ ଜୟପୁର ସହର ବାସୀଙ୍କ ପାଇଁ ପ୍ରତି ମୁହୁର୍ତ୍ତ ପ୍ରତି ଘଣ୍ଟା ପ୍ରତି ସମୟରେ ରୋହିଥିବା ସହ ଯେଉଁ ଲୋକ ମାନଙ୍କ କିଛି ଅଭିଯୋଗ ଥାଏ ତାହା ହେଲେ ସିଧାସଳଖ ଆମ କାର୍ଯ୍ୟାଳୟ ରେ ଆସି ଯୋଗାଯୋଗ କରନ୍ତୁ,ମୁଁ ନିଶ୍ଚିତ ଆପଣ ମାନଙ୍କୁ ସହଯୋଗ ସାହାଯ୍ୟ କରିବି ବୋଲି ପ୍ରତିଶୃତି ଦେଇଥିଲେ, ବିଗତ ଦିନରେ ତ୍ରିନାଥ ସେବା ପରିଷଦ ପକ୍ଷରୁ ଯେଉଁ ସବୁ ସେବା କାର୍ଯ୍ୟ ହୋଇଛି ସେଥି ସମ୍ବନ୍ଧ ଅଭିଭାଷଣ ଦେଇଥିଲେ ସେବା କାର୍ଯ୍ୟ ଗୁଡିକ ହେଲା ରାସ୍ତା ର ଦୁଇ ପାର୍ଶ୍ୱରେ ପରିବେଶ ପାଇଁ ବୃକ୍ଷ ରୋପଣ କରିଥିଲେ, ବର୍ଷା ଦିନରେ ଜଳରୋଧୀ କଟ୍, ଶୀତ ଦିନେ କମ୍ବଳ ଶୀତ ବସ୍ତ୍ର ବଣ୍ଟନ, ବର୍ଷାରେ ଭିଜି ବ୍ୟବସାୟ କରୁଥିବା ଲୋକଙ୍କ ପାଇଁ ଆର୍ଥିକ ସହାୟତା, ବକ୍ସି ସାହି ଛକ ନିକଟରେ ଯାତ୍ରୀ ମାନଙ୍କ ସୁବିଧା ପାଇଁ ବିଶ୍ରାମଗାର ଏପରି ଅନେକ ଗୁଡିଏ ସେବା ତ୍ରିନାଥ ସେବା ପରିଷଦ ପକ୍ଷରୁ କାର୍ଯ୍ୟକ୍ରମ ଗୁଡିକ ସବୁ ଚ଼ାଲୁରହିଛି ଏବଂ ଆଗକୁ ମଧ ଚ଼ାଲୁ ରହିବ ବୋଲି ସଭାପତି ମନ୍ତବ୍ୟ ଦେଇଥିଲେ, ଏହି ଅନ୍ନପୂର୍ଣ୍ଣା ପାଠାଗାରରେ ବକ୍ସି ସାହିର ସମସ୍ତ୍ ଛାତ୍ର ଛାତ୍ରୀଙ୍କ ସମେତ ଭବିଷ୍ୟତରେ ବୁଦ୍ଧି ଯିବି ମାନଙ୍କ ପାଇଁ ଅନେକ ଗୁଡିଏ ସୁବିଧା ସୁଯୋଗ ରହିଛି ବୋଲି ସୂଚ଼ନା ଦେଇଥିଲେ । ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ସଭାପତି ଡ .ପରେଶ୍ କୁମାର ରଥ , ଉପ ସଭାପତି କାହ୍ନୁ ଚ଼ରଣ ଗନ୍ତାୟତ, ସମ୍ପାଦକ ଲକ୍ଷ୍ମୀକାନ୍ତ ମିଶ୍ର, ଦେବାଶିଷ ମହାପାତ୍ର, ହରି ପାଢ଼ୀ, ପିଣ୍ଟୁ ରଥ, ସନ୍ତୋଷ ସାହୁ, ସୁଲଜ୍ ମହାପାତ୍ର, ସୁରେନ୍ଦ୍ର ମହାପାତ୍ର, ସତ୍ୟନାରାୟଣ ମିଶ୍ର, ନୀଳ ନାୟକ, ଗୁଡୁ ରାଉତ, କେ ଶ୍ରୀକାନ୍ତ, ସୁନିଲ ପାଇକରାୟ ସମସ୍ତଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଶାନ୍ତିର ସହ ସଫଳ କରିଥିଲେ ।



# ବଡ଼ଚଣାରେ କଂଗ୍ରେସ ଅବସ୍ଥା ଅତ୍ୟନ୍ତ ଶୋଚନୀୟ : ନିର୍ବାଚନ କିପରି ଲଢା ଯିବ ?

ଦର୍ପଣ,(ପିଏନ୍): ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ଅତୀତରେ କଂଗ୍ରେସ ସଂଗଠନ ମଜବୁତ ଥିଲେ ମଧ ୨୦୨୪ ନିର୍ବାଚନରେ କଂଗ୍ରେସ ଦଳର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଆଡ଼କୁ ଗତି କରୁଛି । ୧୯୭୭ ମସିହାରେ ସୀତାକାନ୍ତ ମହାପାତ୍ର କଂଗ୍ରେସ ଦଳ ପକ୍ଷରୁ ପ୍ରାର୍ଥୀ ହୋଇଥିଲେ ହେଁ ସେ ଖୁବ୍ କମ ଭୋଟରେ ପରାଜୟ ବରଣ କରିଥିଲେ । ୧୯୮୦ ଓ ୧୯୮୫ ମସିହାରେ ଶ୍ରୀ ମହାପାତ୍ର ପାର୍ଥୀ ହୋଇ ବହୁ ସଂଖ୍ୟା ଭୋଟରେ ବିଜୟଲାଭ କରିଥିଲେ । ପରବର୍ତି କଂଗ୍ରେସ ସଗଠନର ବ୍ୟତିକ୍ରମ ପାଇଁ ୧୯୯୦,୧୯୯୫ ଓ ୨୦୦୦ ମସିହାରେ ଶ୍ରୀ ମହାପାତ୍ର ପରାଜିତ ହୋଇଥିଲେ । ପୁନରାୟ ୨୦୦୪ ମସିହାରେ କଂଗ୍ରେସ ପ୍ରାର୍ଥୀ ହୋଇ ଜିତାପଟ ମାରିଥିଲେ ହେଁ ୨୦୦୯ରେ ମଧ ଜତି ପାରିଲେ ନାହିଁ । ୨୦୧୪ ମସିହାରେ ଜନ୍ମେଜୟ ଲେଙ୍କା କଂଗ୍ରେସ ପ୍ରାର୍ଥୀ ହୋଇଥିଲେ ହେଁ ସେ ମଧ ପରାଜୟ ବରଣ କରିଥିଲେ । ୨୦୧୯ ମସିହାରେ ସୀତାକାନ୍ତ ମହାପାତ୍ର କଂଗ୍ରେସ ଟିକଟ ପାଇଥିଲେ ହେଁ ସେ ଟିକେଟକୁ ରାଜ୍ୟ କଂଗ୍ରେସ ସଭାପତି ନୀରଞ୍ଜନ ପଟ୍ଟନାୟଙ୍କ ପାଖରେ ଫେରସ୍ତ କରିଥିଲେ । ତାଙ୍କ ବଦଳରେ ଅଜୟ ସାମଲଙ୍କୁ ରାଜ୍ୟ କଂଗ୍ରେସ ସଭାପତି ଦଳୀୟ ପ୍ରାଥୀ ଭାବେ ମନୋନିତ କରି ଟିକେଟ ପ୍ରଦାନ କରିଥିଲେ । ଶ୍ରୀ ସାମଲ ବଡ଼ଚଣାରୁ ମାତ୍ର ଆଠ ନଅ ହଜାର ଭୋଟ ପାଇ ପରାଜୟ ବରଣ କରିଥିଲେ । ସଂଗଠନ ମଧ ଭୁଷୁଡ଼ି ପଡ଼ିବାର ଦେଖାଯାଇଥିଲା । । ୨୦୧୯ ପରଠାରୁ କ୍ୟାପଟେନ୍ ରାଜନାରାୟଣ ମହାପାତ୍ର କଂଗ୍ରେସ ସଂଗଠନ ଗ୍ରାମାଂଚଳରୁ ଆରମ୍ଭ କରି ସଂଗଠନକୁ ମଜବୁତ କରିଥିଲେ । ବଡ଼ଚଣା ବ୍ଲକ ଘେରାଉ, ବିଭିନ୍ନ କାର୍ଯ୍ୟକ୍ରମ, ମିଶ୍ରଣ ପର୍ବ କରି ସଂଗଠନକୁ ସୁଦୃଢ କରିଥିଲେ ହେଁ ଡେଢମାସ ପୂର୍ବରୁ ବଡ଼ଚଣା ମହୋତ୍ସବ ପଡ଼ିଆରେ ଏକ ପ୍ରଗତି ମଂଚ ନାମରେ ସଭା କରି କଂଗ୍ରେସ ଦଳରୁ ତୁରନ୍ତ ଇସ୍ତଫା ଦେଇଛନ୍ତି । ବର୍ତ୍ତମାନ ଦେଖିବାକୁ ମିଳୁଛି ଯେଉଁ କଂଗ୍ରେସ କର୍ମୀମାନେ କ୍ୟାପ୍ଟେନ୍ ମହାପାତ୍ରଙ୍କ ସହିତ ସାମିଲ ହୋଇଥିଲେ ସେମାନେ ମଧ ତାଙ୍କ ସହିତ କୁଆଡ଼େ ଯିବେ ତାହା ମଧ ପ୍ରଶ୍ନବାଚୀ ସୃଷ୍ଟି କରିଛି । । ବର୍ତ୍ତମାନ ଦେଖିବାକୁ ମିଳୁଛି ପ୍ରଦେଶ କଂଗ୍ରେସ ଉପସଭାପତି ଶୁଭେନ୍ଦୁ ମହାନ୍ତି ଓ ବ୍ଲକ କଂଗ୍ରେସ ସଭାପତି ସୁରେଶ ସାହାଣୀ ବିଭିନ୍ନ ପଂଚାୟତକୁ ଯାଇ ସଂଗଠନ ଆରମ୍ଭ କରୁଛନ୍ତି । ଜଣା ପଡ଼େ ବଡ଼ଚଣାର ୪୩ଟି ପଂଚାୟତରେ କଂଗ୍ରେସ କର୍ମୀ ପ୍ରାୟ ବହୁ ସଂଖ୍ୟାରେ କମିଯାଇଛନ୍ତି । ବର୍ତ୍ତମାନ ନିର୍ବାଚନକୁ ଆଖିଆଗରେ ରଖି ଯେଉଁ ବ୍ୟକ୍ତି ବଡ଼ଚଣାରେ କଂଗ୍ରେସ ପ୍ରାର୍ଥୀ ହେବ ସେ ପ୍ରାୟ ପୂର୍ବ ୨୦୧୯ ଅବସ୍ଥା ସୁଧୁରିବ କି ନାହିଁ ତାହା ଜଣାପଡୁ ନାହିଁ ବୋଲି ବଡ଼ଚଣାରେ ଏକ ଚର୍ଚ୍ଚା ବିଷୟ ହୋଇଛି । ଦେଖିବାକୁ ମିଳୁଛି କେତେକ ବ୍ୟକ୍ତି ନାମକୁ ମାତ୍ର କଂଗ୍ରେସ କହି ଆସୁଛନ୍ତି ଠିକ ନିର୍ବାଚନ ସମୟରେ ସେମାନେ ମଧ କଂଗ୍ରେସ ଦଳ ସହିତ ନ ରହି ପାରନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray